RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-330 ◆BHUBANESWAR ◆THURSDAY ◆29 MAY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ସବୁ କଳା ଜାଣିଛି’

▶ପୃଷ୍ଠା ୧୧ ଦେଖନ୍ତୁ...

## କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ **ଭୁବନେଶ୍ୱର, ୨୮।୫ (ସମିସ):** ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ ସମୟରେ ତା’ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।




୨୦୨୩-୨୪ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▶ପୃଷ୍ଠା-୭

## ଓଡ଼ିଶାରେ ମୌସୁମୀ

### ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ **ଭୁବନେଶ୍ୱର, ୨୮।୫ (ସମିସ):** ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ’ ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

- ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର
- ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ
- ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର

■ **ଭୁବନେଶ୍ୱର, ୨୮।୫ (ସମିସ):** ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▶ପୃଷ୍ଠା-୭


Vikash Degree College
+3 Final Sambalpur University Result 2025 !!!
They were determined, We were Committed.
No. 1 University Rank

Arpita Choudhury, Zoology Hons. 9.71 CGPA
Itishree Mishra, Botany Hons. 9.64 CGPA
Sibraj Behera, Psychology Hons. 9.35 CGPA

2nd Rank, Zoology Hons, 9.52 CGPA, BIPUL
3rd Rank, Physics Hons, 9.35 CGPA, HITESH
4th Rank, Botany Hons, 9.31 CGPA, RAHUL
4th Rank, Psychology Hons, 8.95 CGPA, KIRAN
4th Rank, Mathematics Hons, 8.90 CGPA, SONALI
5th Rank, Physics Hons, 9.27 CGPA, RITESH
5th Rank, English Hons, 8.11 CGPA, AMITARANI
6th Rank, Commerce Hons, 8.86 CGPA, BODDU
6th Rank, Economics Hons, 8.70 CGPA, JAGMOHAN
7th Rank, Botany Hons, 9.17 CGPA, ANWESHA
7th Rank, Mathematics Hons, 8.84 CGPA, HITESWARI
8th Rank, Botany Hons, 9.16 CGPA, SUBHASHREE
9th Rank, Botany Hons, 9.15 CGPA, SUPRITI
9th Rank, Physics Hons, 9.07 CGPA, ANKITA
9th Rank, Commerce Hons, 8.79 CGPA, ASHIRBAD
9th Rank, English Hons, 7.97 CGPA, BHABATMAK
10th Rank, Commerce Hons, 8.75 CGPA, AUROBIND

CGPA 9 & Above 14
CGPA 8 & Above 67
172 First Class Hons Out of 192

Courses Offered: UG / PG
Hearty Congratulations !!!
+3 Sc. (Hons.) Phy., Chem., Maths.,Comp.Sc., Bot, Zool. Call: 70080 41847
+3 Com. (Hons.) Accountancy Call: 96583 19707
+3 Arts (Hons.) Eco., Edu.,Eng., Pol. Sc.,Psy. Call: 93376 73978
P.G. M.Sc. Chemistry , M.A. English, M.Com. Call: 92372 70045 / 91788 66561

Join the Genius Club: CHOOSE VIKASH !!!
https://vdcbargarh.ac.in/ principalvdc1@gmail.com
ADMISSION OPEN
For Academic Session 2025-26
Contact for Queries: 70080 41847 | 96583 19707 | 93376 73978 | 94372 10555
Grooming Talent
Vikash Degree College
Bargarh: Vikash Knowledge Hub, Barahaguda Canal Chowk, Mob: 94393 49333. www.odishavikash.com



A Residential School with Difference
ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା
KIIT HIGHER SECONDARY SCHOOL
(Recognised by Government of Odisha and Affiliated to C.H.S.E., Odisha)
KIITHSS No.1 SCHOOL OF ODISHA

ADMISSION OPEN
for XI & XII Class (+2 Science)

COURSE OFFERED
2 yr. full time + 2 Science programme
2 yr. Classroom Course (JEE/NEET)
1 yr. Achiever Batch (NEET) (Free Education for all)

HURRY UP!
BOOKING GOING ON

APPEARED - 237
1st Div. - 218 (92%)
Result - 100%
90% above - 8
Highest mark - 566
500 above - 49




CHSE RESULTS 2025
SASMITA(94.33%) SUKRU(93.5%) SATYAJYOTI(92%) SRUTIPRANGYA(91.33%) SHRADHANJAN(90.67%) ANSHUMAN(90.5%)
KOUSIK(90.5%) SAMBIT(90.17%) AYUSHMAN(89.83%) SURYASNATA(89.83%) SUBHAM(89.67%) JASASMINI(89.17%)
MANY MORE STUDENTS GETTING MORE THAN 500 MARKS

JEE (MAIN)
KSHETRA (95.647) SUKRU (92.789) JAGANNATH (88.681) ASHIS (IIT) SHAKTI (IIT) IPSITA(NIT)

NEET
ABHIPSIT(CTC) ANINDYA(MKCG) JEET(SJMC)Puri SNEHA(MKCG)
Getting many more in IIT, NEET & NIT

Admission Helpline 24x7
9090091591
06746607062

ADD-ON FACILITIES
- Cent percent Result since inception
- Permanent Campus having 1.5 lakhs sq.ft of building
- Permanent 36 No. of Faculties
- Permanent clean, hygienic and spacious separate in-campus Ladies & Boys Hostel
- Well equipped Laboratories
- Air Conditioned Classroom, Computer Lab & Reading Room
- Value based Education
- 24x7 Proctorial Support
- “HARD TALK” for Personality development
- GD/JAM/SOS for Better Speaking Ability
- Well-Stocked Library
- Salubrious Study Atmosphere

Visit us at : Kiit Science College, Campus-8, KIIT, Patia, BBSR-24, www.kiitsciencecollege.org

# ଇରାନରେ ୩ ଭାରତୀୟଙ୍କୁ ଅପହରଣ; କୋଟିଏ ମାଗୁଛନ୍ତି ଦଲାଲ୍




ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଇରାନ ଯାଇଥିବା ତିନି ଜଣ ଭାରତୀୟ ନାଗରିକ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କୁ ଠାବ କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି ଏହି ତିନି ଜଣଙ୍କୁ ଦଲାଲମାନେ ମୁଣ୍ଡଜାମିନ କରି ରଖିଛନ୍ତି । ସେମାନେ ବିପୁଳ ଟଙ୍କା ଦାବି କରୁଛନ୍ତି, ନହେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେଉଛନ୍ତି ।

ନିଖୋଜ ଥିବା ତିନି ଜଣ ବ୍ୟକ୍ତି ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ସେମାନେ ହେଲେ ପଞ୍ଜାବର ହୁସନପ୍ରୀତ ସିଂହ, ଯଶପାଲ ସିଂହ ଏବଂ ଅମୃତପାଲ ସିଂହ । ଅମୃତପାଲଙ୍କ ମାତା ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ ମେ ୨ ତାରିଖରେ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣ ଇରାନରେ ପହଞ୍ଚିଥିଲେ । ଇରାନରୁ ସେମାନେ ଅଷ୍ଟ୍ରେଲିଆ ଯିବେ ବୋଲି ତାଙ୍କ ପୁଅ ଫୋନ କରି ତାଙ୍କୁ ଜଣାଇଥିଲା । ଏହାର କିଛି ସମୟ ପରେ ପୁଅ ତାଙ୍କୁ ପୁଣି ଫୋନ୍ କରିଥିଲେ । ସେ ଜଣାଇଥିଲେ ଯେ ସେମାନଙ୍କୁ କିଛି ଲୋକ ମୁଣ୍ଡଜାମିନ କରି ରଖିଛନ୍ତି । ଟ୍ରାଭେଲ ଏଜେଣ୍ଟମାନେ ଟଙ୍କା ଦେଇନଥିବାରୁ ସେମାନେ ଟଙ୍କା ଦାବି କରୁଛନ୍ତି । ତିନି ଜଣ ୧୮ ଲକ୍ଷ ଲେଖାଏଁ ପଠାଇବାକୁ ସେମାନେ ଦାବି କରିଥିଲେ । ଏହି ଖବର ମିଳିବା ପରେ ଅମୃତପାଲଙ୍କ ମା' ଟ୍ରାଭେଲ ଏଜେଣ୍ଟମାନଙ୍କ ସହିତ ସଂପର୍କ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ଏଜେଣ୍ଟମାନେ ଫେରାର ହେବା ସହିତ ସେମାନଙ୍କର ମୋବାଇଲ ଫୋନକୁ ସୁଇଚ୍ ଅଫ୍ କରିଦେଇଥିଲେ ।

ଭାରତ ସରକାର ଏସଂପର୍କରେ ଇରାନ ସରକାରଙ୍କୁ ଜଣାଇଛନ୍ତି । ତେହରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନିଖୋଜ ଭାରତୀୟଙ୍କୁ ତୁରନ୍ତ ଠାବ କରିବା ଲାଗି ପ୍ରଶାସନ ଉପରେ ଚାପ ପକାଯାଉଛି । ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅନୁରୋଧ କରାଯାଇଛି । ଯାହା ସୂଚନା ମିଳିବ ସେସଂପର୍କରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

ମିଳିଥିବା ଖବର ଅନୁଯାୟୀ ପଞ୍ଜାବରେ ଏଜେଣ୍ଟମାନେ ଏହି ତିନି ଜଣଙ୍କୁ ଦୁବାଇ ଓ ଇରାନ ରାସ୍ତା ଦେଇ ଅଷ୍ଟ୍ରେଲିଆ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ମେ ୨ ତାରିଖରେ ସେମାନେ ଇରାନରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଅପହରଣ କରିନିଆଯାଇଥିଲା । ଏକ କୋଟି ଟଙ୍କା ନଦେଲେ ସେମାନଙ୍କୁ ମାରି ଦିଆଯିବ ବୋଲି ଅପହର୍ତ୍ତାମାନେ ଧମକ ଦେଉଛନ୍ତି । ଅପହର୍ତ୍ତାମାନେ ଏକ ଭିଡିଓ ପଠାଇଛନ୍ତି ଯେଉଁଥିରେ ଦେଖାଯାଇଛି ଯେ ତିନି ଭାରତୀୟଙ୍କୁ ବାନ୍ଧି ରଖାଯାଇଛି ଏବଂ ସେମାନଙ୍କ ଦେହରେ କ୍ଷତ ଚିହ୍ନ ଥିବା ସହିତ ରକ୍ତ ବହୁଛି ।

■ ଗାଜାରେ ଖାଦ୍ୟ ପାଇଁ ଦଳାଚକଟା

## ୩ ମୃତ, ୪୬ ଆହତ

ରାଫା, ୨୮।୫ (ଏଜେନ୍ସି): ଗାଜା ସହର ରାଫାରେ ମଙ୍ଗଳବାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି । ଖାଦ୍ୟ ପାଇଁ ଯାଇଥିବାବେଳେ ଦଳାଚକଟା ହୋଇଛି । ଏହି ଅଘଟଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ୪୬ ଜଣ ଆହତ ହୋଇଛନ୍ତି । ୭ ଜଣ ଲୋକ ମଧ୍ୟ ନିଖୋଜ ଅଛନ୍ତି । ରିପୋର୍ଟ ଅନୁଯାୟୀ ଇସ୍ରାଏଲ ସୈନିକଙ୍କ ପାଇଁ ଏପରି ହୋଇଥିଲା । ଏହାର ଯବାନ ଫାଙ୍କା ଗୁଳିଚାଳନା କରିବାରୁ ଦଳାଚକଟା ହୋଇଥିଲା । ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ଯବାନ ଗୁଳି ଚଳାଇ ଥିଲେ । ରିପୋର୍ଟ ଅନୁଯାୟୀ ଗାଜାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କେନ୍ଦ୍ର ଆରମ୍ଭ କରାଯାଉଛି । ମଙ୍ଗଳବାର ଦିନ, ରାଫା ସହରର ଏପରି ଏକ କେନ୍ଦ୍ରରେ ହଜାର ହଜାର ଲୋକଙ୍କ ଭିଡ଼ ଲାଗିଥିଲା । ଇସ୍ରାଏଲୀ ଗୁଳି ଚଳାଇବା ପରେ ପାଲେଷ୍ଟିନୀୟ ନାଗରିକ ଖାଦ୍ୟ ପାଇଁ ଦୌଡିଥିଲେ । ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ରାଫାରେ ଯାହା ଘଟିଲା ତାହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ଅପରାଧ ଥିଲା ।

## ଘୋଷଣା ପରେ ମକ୍‌ଡ୍ରିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ବିରୋଧରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହା ପୂର୍ବରୁ ଘୋଷଣା କରିଥିଲେ । ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ ପୂର୍ବରୁ ଭାରତ ଯେଉଁ ଭଳି ଭାବେ ମକଡ୍ରିଲ କରିଥିଲା ଏବେ ପୁଣି ସେହି ଭଳି ଜମ୍ମୁ-କଶ୍ମୀର, ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନର ପାକିସ୍ତାନ ସୀମାରେ ଭାରତ ଗୁରୁବାର ମକ୍‌ଡ୍ରିଲ୍ ଅପରେସନ ସିଲ୍ଡ କରିବାକୁ ଭାରତ ସରକାର ଘୋଷଣା କରିଥିଲେ । ମାତ୍ର ଶେଷ ସମୟରେ ଏହାକୁ ବାତିଲ କରିଦିଆଯାଇଛି । ଏଥିପାଇଁ ପୂର୍ବରୁ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଥିଲା । ଶତ୍ରୁର ଆକ୍ରମଣ ସମୟରେ କେମିତି ଜୀବନ ବଞ୍ଚାଇବାକୁ ହୁଏ ଏଥିରେ ତାର ଶିକ୍ଷା ଦିଆଯାଇଥାନ୍ତା । କିନ୍ତୁ ଏବେ ପ୍ରାଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରିଦିଆଯାଇଛି । ଗୁଜରାଟ, ରାଜସ୍ଥାନ ଏବଂ ଚଣ୍ଡିଗଡରେ ଏହାକୁ ବାତିଲ କରିଦିଆଯାଇଥିବାବେଳେ ହରିୟାଣାରେ ଜାରି ରଖିବା ପାଇଁ ରାଜ୍ୟ ସରକାର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ।

ଏହା ପୂର୍ବରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଗତ ୭ ତାରିଖରେରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହାପରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନ ପାରି ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ । ଏବେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ କୁଟୀଳ ପାକିସ୍ତାନ ଉପରେ କୌଣସି ପ୍ରକାରର ଭରସା ନାହିଁ । ତେଣୁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି ।

ଭାରତ ସହ ସଂଘର୍ଷବେଳେ ଏହି ସୀମାନ୍ତ ରାଜ୍ୟଗୁଡ଼ିକରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା । କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ଧ୍ୱଂସ କରି ଦେଇଥିଲା ।

## ସୋସିଆଲ ମିଡିଆରେ ଆମେରିକୀୟଙ୍କୁ ଆକ୍ଷେପ କଲେ ମିଳିବନି ଭିସା

ୱାଶିଂଟନ, ୨୮।୫ (ଏଜେନ୍ସି): ଆମେରିକା ନିଜର ଭିସା ନୀତିକୁ ପୂର୍ବାପେକ୍ଷା ଆହୁରି କଡ଼ାକଡ଼ି କରିଛି । ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଆମେରିକାକୁ ତାଚ୍ଛଲ୍ୟ, ଆକ୍ଷେପ, ସମାଲୋଚନା କରୁଥିବା ଓ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଆଉ ଆମେରିକା ଭିସା ମିଳିବ ନାହିଁ । ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର ଏହି ଘୋଷଣା କରିଛନ୍ତି । ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଆମେରିକା ଏଭଳି ନିୟମ ଆଣିଛି ।

ରୁବିଓ କହିଛନ୍ତି ଯେ ଯଦି କୌଣସି ବିଦେଶୀ ଅଧିକାରୀ ନିଜ ଦେଶରେ ଆମେରିକୀୟଙ୍କୁ ଗିରଫ କିମ୍ବା ଅନ୍ୟ କୌଣସି ଧମକ ଦେଇ ପୋଷ୍ଟ ସେନ୍‌ସର କରେ ତେବେ ଏହାକୁ କଦାପି ସ୍ୱୀକାର କରାଯିବ ନାହିଁ । ଆମେରିକା ଟେକ୍ ପ୍ଲାଟଫର୍ମରେ ବିଷୟବସ୍ତୁକୁ ହଟାଇବା କିମ୍ବା ନିୟନ୍ତ୍ରଣ କରିବାକୁ ଦାବି କରୁଥିବା ବିଦେଶୀ ଅଧିକାରୀଙ୍କ ଭିସା ଉପରେ କଟକଣା ଲଗାଇ ଦିଆଯିବ । କିଛି ବିଦେଶୀ ନାଗରିକ ଆମେରିକାରେ ରହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆମେରିକୀୟଙ୍କୁ ଗିରଫ ଧମକ ଦେଉଛନ୍ତି । ତେବେ ଏହି ନିୟମରେ କେଉଁ ଦେଶ କିମ୍ବା ଅଧିକାରୀ ପ୍ରଭାବିତ ହେବେ ତାହାର କୌଣସି ସୂଚନା ରୁବିଓ ଦେଇ ନ ଥିଲେ । କିନ୍ତୁ ସେ କହିଛନ୍ତି ଯେ କିଛି ବିଦେଶୀ ନାଗରିକ ପଦରେ ରହି ଆମେରିକା ଟେକ୍ କମ୍ପାନୀ ଏବଂ ଆମେରିକୀୟଙ୍କ ବିରୋଧରେ ସେନ୍‌ସରସିପ୍ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । କିନ୍ତୁ ଏପରି କରିବାରେ ତାଙ୍କର କୌଣସି ଅଧିକାର ନ ଥିଲା ।

## ତିନି ସେନାର ଯବାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ଜଣେ ଅଧିକାରୀ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏବେ ଦେଶର ତିନି ସେନାର ଯବାନଙ୍କ ଉପରେ ଜଣେ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଅଧିନରେ ଏହି କ୍ଷମତା ଦିଆଯାଇଛି । ଏହି ନିୟମ ମଙ୍ଗଳବାରଠାରୁ ଦେଶରେ ଲାଗୁ କରାଯାଇଛି । କେନ୍ଦ୍ର ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି । ଏହି ନିୟମ ଅଧିନରେ ଜଣେ କମାଣ୍ଡର-ଇନ୍-ଚିଫ୍/ ଅଫିସର-ଇନ-କମାଣ୍ଡଙ୍କୁ ନିଯୁକ୍ତ କରାଯିବ । ଏହି କମାଣ୍ଡର ସୈନିକଙ୍କୁ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଦୁଇ ବର୍ଷ ତଳେ ମୌସୁମୀ ଅଧିବେଶନରେ ପାରିତ କରାଯାଇଥିଲା । ୨୦୨୩ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଏହାକୁ ମଞ୍ଜୁରୀ ଦେଇଥିଲେ । ପରେ ୨୦୨୪ ମେ' ୧୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସରକାର ବୁଧବାର ଆନୁଷ୍ଠାନିକ ଭାବେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ।

## 'ଅପରେସନ ସିନ୍ଦୂର' ଲାଗି ୫ ବର୍ଷ ପଛକୁ ପଳାଇଛି ପାକିସ୍ତାନ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନର ବିପୁଳ କ୍ଷୟକ୍ଷତି ହୋଇଛି । ଏଥିରେ ପାକିସ୍ତାନ ବାୟୁସେନା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଭାରତ ଆକ୍ରମଣରେ ପାକ୍ ବାୟୁସେନା ଅସହାୟ ହୋଇ ପଡିଥିଲା । ଆକ୍ରମଣରୁ କିପରି ରକ୍ଷା କରିବ ତାହା ବୁଝିପାରି ନ ଥିଲା । ଏଥିରେ ହୋଇଥିବା କ୍ଷତି ଯୋଗୁଁ ପାକିସ୍ତାନ ସେନା ୫ ବର୍ଷ ପଛକୁ ପଳାଇଛି ବୋଲି ଅପରେସନ ସିନ୍ଦୂର ସହ ଜଡ଼ିତ ଅଧିକାରୀ କହିଛନ୍ତି । ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା କ୍ରୁଜ୍ ମିସାଇଲ୍, ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ପ୍ରକାରର ଘୂର୍ଣ୍ଣୟମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଲଗାତାର ଚାରି ଦିନ ପର୍ଯ୍ୟନ୍ତ ପାକିସ୍ତାନରେ ଅତି ସଠିକ୍ ଭାବରେ ଆକ୍ରମଣ କରିଥିଲା । ଏହି ଆକ୍ରମଣ ଦ୍ୱାରା ପାକିସ୍ତାନକୁ ହୋଇଥିବା କ୍ଷତି ଏତେ ଅଧିକ ଯେ ଏହାକୁ ପୂରଣ କରିବାକୁ ଅତି କମରେ ୫ ବର୍ଷ ସମୟ ଲାଗିବ ।

## ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ଭାରତର ସଠିକ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଯାଇଥିଲା । ଏହା ଦେଖି ପାକିସ୍ତାନ ଏତେ ମାତ୍ରାରେ ଭୟଭୀତ ହୋଇ ଯାଇଥିଲା ଯେ ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା । ଏହି ଦେଶର ମିଲିଟାରୀ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ) ଏଥିପାଇଁ ବାର୍ତ୍ତା ମଧ୍ୟ ପ୍ରେରଣ କରିଥିଲେ । ଏହା ସତ୍ତ୍ୱେ ପାକିସ୍ତାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା । ଗୋଟିଏ ପଟେ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବାବେଳେ ଅନ୍ୟପଟେ ସାମରିକ ଠିକଣାରେ ଆକ୍ରମଣ କରିଥିଲା । ଏହାର ତିନି ଦିନ ପରେ ମେ ୧୦ରେ ଅପରାହ୍ନ ୩:୩୫ ସମୟରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା । ଏଥିରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା । ଆମେରିକାର ମଧ୍ୟସ୍ଥତା ପରିବର୍ତ୍ତେ ପ୍ରତିଷ୍ଠିତ ସାମରିକ ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଏହି ଯୁଦ୍ଧବିରତି ହୋଇଥିଲା । ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ଏହାର ଲକ୍ଷ୍ୟ ଥିଲା ।

ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ପାକିସ୍ତାନୀ ଘାଟି ଉପରେ ଭାରତୀୟ ବାୟୁସେନା ସଠିକ୍ ଆକ୍ରମଣ କରିଥିଲା । ଏଥିଯୋଗୁଁ ପାକିସ୍ତାନର ଡିଜିଏମଓ ଆଲୋଚନା କରିବାକୁ ଅନୁରୋଧ କରି ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଜନିତ ମୃତ୍ୟୁ ସଂଖ୍ୟା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ୧୬୦ ରୁ ଅଧିକ ଆତଙ୍କବାଦୀ, ସେମାନଙ୍କ ସହାୟକ ଏବଂ ପାକିସ୍ତାନୀ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏମାନଙ୍କ ମଧ୍ୟରେ ବହାବଲପୁର ସ୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨୦ରୁ ଅଧିକ ସଦସ୍ୟ ସାମିଲ ଅଛନ୍ତି ।

## ହମାସ୍ ମୁଖ୍ୟ ଶିନାୱରକୁ ହତ୍ୟା

ତେଲ ଆଭିଭ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନାୱରକୁ ଇସ୍ରାଏଲ ସେନା (ଆଇଡିଏଫ୍) ହତ୍ୟା କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବୁଧବାର ଏହି ଘୋଷଣା କରିଛନ୍ତି । ଗତ ୧୪ ତାରିଖରେ ଆଇଡିଏଫ୍ କରିଥିବା ବଡ଼ଧରଣର ଆକ୍ରମଣରେ ହମାସ୍ ମୁଖ୍ୟ ଗୁରୁତର ଆହତ ହୋଇଥିଲା । ସେତେବେଳେ ସିନାୱର ପ୍ରାଣ ହରାଇଛି କି ନାହିଁ ତାହା ଆଇଡିଏଫ୍ ସ୍ପଷ୍ଟ କରିପାରି ନ ଥିଲା । ମହମ୍ମଦ ସିନାୱରର ଭାଇ ତଥା ହମାସର୍ ପୂର୍ବତନ ମୁଖ୍ୟ ୟାହା ସିନାୱାରକୁ ଆଇଡିଏଫ୍ ୨୦୨୪ ଅକ୍ଟୋବରେ ନିହତ କରିଥିଲା । ସେ ୨୦୨୩ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ତା' ପାଇଁ ହିଁ ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଇରାନ୍‌ରେ ବିସ୍ଫୋରଣ କରି ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ ହାନିଏକୁ ମାରିବା ପରେ ୟାହା ଏହି ଆତଙ୍କବାଦୀ ସଂଗଠନର ଦାୟିତ୍ୱ ନେଇଥିଲା ।

■ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଜାମିନ

## ଗୋଟେ ହାତରେ ତାଳି ବାଜେନି: ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ୨୩ ବର୍ଷୀୟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି । ଦୀର୍ଘ ୯ ମାସ ହେଲା ଜେଲ୍‌ରେ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରାଯାଇ ନାହିଁ ବୋଲି କହିଛନ୍ତି । ଏହା ସହିତ ସୁପ୍ରିମକୋର୍ଟ ପୀଡ଼ିତା ମହିଳାଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି । ଗୋଟେ ହାତରେ ତାଳି ମଧ୍ୟ ବାଜେ ନାହିଁ । ଏହି ମହିଳା କୌଣସି ଶିଶୁ ନୁହଁନ୍ତି । ତାଙ୍କୁ ୪୦ ବର୍ଷ ହେଲାଣି ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି । ଏହି ମାମଲାରେ ଦିଲ୍ଲୀ ପୁଲିସର ଆଭିମୁଖ୍ୟ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଅଭିଯୁକ୍ତ (ସୋସିଆଲ ମିଡିଆ ଇନଫ୍ଲୁଏନ୍ସର)ଙ୍କ ସହ ମହିଳା ନିଜ ଇଚ୍ଛାରେ ୭ ଥର ଜମ୍ମୁ ଯାଇଥିଲେ । ଏହାକୁ ନେଇ ତାଙ୍କ ସ୍ୱାମୀ ମଧ୍ୟ ଚିନ୍ତିତ ନ ଥିଲେ । ଏହା ସତ୍ତ୍ୱେ ପୁଲିସ କାହିଁକି ଧାରା ୩୭୬ ଲଗାଇଲ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ ଯୁବକକୁ ମଧ୍ୟ ଭର୍ତ୍ସନା କରିଛନ୍ତି । ଏଭଳି ଲୋକଙ୍କ ଦ୍ୱାରା କିଏ ପ୍ରଭାବିତ ହେଉଛି ବୋଲି ପଚାରିଛନ୍ତି ।

## ଗୁଳି ମାରି ମୋତେ ପୋତି ଦିଅ: ଶେଖ୍ ହାସିନା

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ମୋତେ ଗୁଳି କରିଦିଅ । ଗଣଭବନରେ ମୋତେ ପୋତି ଦିଅ । ମୁଁ କେଉଁଆଡେ ଯିବାକୁ ଚାହୁଁନାହିଁ । ଉଗ୍ର ହିଂସାକୁ ଦେଖି ବାଂଲାଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କର ଏହା ଥିଲା ଶେଷ ଉକ୍ତି । ବାଂଲାଦେଶ ଖବରକାଗଜ 'ପ୍ରୋଥୋମ ଆଲୋ'ରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓକିଲ ମହମ୍ମଦ ତାଜୁଲ ଇସଲାମ ଏହି ସୂଚନା ଦେଇଥିଲେ । ହିଂସା ସମୟରେ ଢାକାର ଚଙ୍ଖରପୁଲରେ ହୋଇଥିବା ମାନବାଧିକାର ଉଲ୍ଲଙ୍ଘନ ମାମଲା ବିଷୟରେ ମଧ୍ୟ ସେ କୋର୍ଟଙ୍କୁ ସୂଚନା ଦେଇଥିଲେ ।

ଉପଗ୍ରହର ଚିତ୍ରରୁ ଖୁଲାସା

## ପାକିସ୍ତାନ ମୁରିଦ ଏୟାରବେସ୍‌ର ଭୂତଳ ଠିକଣାକୁ ନିଶାଣ କରିଥିଲା ଭାରତ




ଇସଲାମାବାଦ, ୨୮।୫ (ଏଜେନ୍ସି): ଅପରସେନ ସିନ୍ଦୂର ଅଧିନରେ ପାକିସ୍ତାନର ମୁରିଦ ଏୟାର ବେସ୍‌ର ଭୂତଳ କେନ୍ଦ୍ର ଉପରେ ଭାରତ ଆକ୍ରମଣ କରିଥିଲା । ନୂଆ ଜାରି ହୋଇଥିବା ଉପଗ୍ରହ ଚିତ୍ରରେ ଏହି ଦାବି କରାଯାଇଛି । ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି ଏହି ଫଟୋରେ ଭାରତର କ୍ଷେପଣାସ୍ତ୍ର ମାଡ଼ ଦ୍ୱାରା ୩ ମିଟର ଓସାରର ଖାତ ହୋଇ ଯାଇଥିବା ଦେଖାଯାଉଛି । କଡ଼ା ସୁରକ୍ଷା ବଳୟରେ ଥିବା ଏହି ଏୟାରବେସ୍‌ର ଏକ କୋଠାର ପ୍ରମୁଖ ପ୍ରବେଶ ପଥ ନିକଟରେ ଏହି ଖାତ ହୋଇଛି । ଏଥିରେ ଭୂତଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି । ଏହା କମାଣ୍ଡ ଓ କଣ୍ଟ୍ରୋଲ କିମ୍ବା ଡ୍ରୋନ ଅପରେସନ ପାଇଁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ରହିଛି । ଭୂ-ଗୁଇନ୍ଦା ଗବେଷକ ଡାମିଏନ ସିମନଙ୍କ ଅନୁଯାୟୀ ଏୟାର ବେସ୍ ମଧ୍ୟରେ ଥିବା ଏକ ଅତ୍ୟନ୍ତ ସୁରକ୍ଷିତ କୋଠା (ସବ୍-କମ୍ପ୍ଲେକ୍ସ)କୁ ଭାରତ ନିଶାଣ କରିଥିଲା । ଏଠାରେ ଅନେକ ସୁରକ୍ଷା ସ୍ତର ରହିଛି । ଡବଲ୍ ଫେନ୍ସିଂ ଏବଂ ୱାଚଟାୱାର୍ ସହିତ ଅନେକ ସୁରକ୍ଷାକର୍ମୀ ଜଗି ରହୁଛନ୍ତି । ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନକୁ ଆକ୍ରମଣ କରି ଭାରତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଦେଇଛି । ଏହା ଅସ୍ତ୍ରଶସ୍ତ୍ରର ସଠିକ୍ ଲକ୍ଷ୍ୟଭେଦ ଏବଂ ବିଧ୍ୱଂସକ କ୍ଷମତାକୁ ପ୍ରଦର୍ଶିତ କରିଛି । ପ୍ରଥମ ଥର ପାଇଁ ପାକିସ୍ତାନରେ ଥିବା ସାମରିକ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରିଥିଲା ।

## କମଲ ହାସନଙ୍କୁ ରାଜ୍ୟସଭା ପଠାଇବ ଡିଏମ୍‌କେ



ଚେନ୍ନଇ, ୨୮।୫ (ଏଜେନ୍ସି): କନ୍ନଡ ଭାଷା ଉପରେ ମନ୍ତବ୍ୟ ଦେଇ ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ ତାମିଲନାଡୁର କ୍ଷମତାସୀନ ଡିଏମ୍‌କେ ସରକାର ରାଜ୍ୟସଭାକୁ ପଠାଇବାକୁ ଯାଉଛନ୍ତି । ଜୁନ୍ ୧୯ରେ ରାଜ୍ୟସଭା ନିର୍ବାଚନ ହେବାକୁ ଥିବାବେଳେ ଡିଏମ୍‌କେ ନିଜ ଦଳର ତିନି ଜଣ ଏବଂ ଏମଏନଏମ ମୁଖ୍ୟ କମଲ ହାସନଙ୍କୁ ପ୍ରାର୍ଥୀ କରିଛି । ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି ଯେ ଆସନ ବଣ୍ଟନ ଫର୍ମୁଲା ପୂର୍ବରୁ ସ୍ଥିର ହୋଇସାରିଛି । ଡିଏମକେ ରାଜ୍ୟସଭା ପ୍ରାର୍ଥୀ ଭାବରେ ବର୍ତ୍ତମାନର ସାଂସଦ ପି ୱିଲସନ, ପୂର୍ବତନ ବିଧାୟକ ଏସଆର ଶିବଲିଙ୍ଗ ଏବଂ ଦଳର ମୁଖପାତ୍ର ରୁକୈୟା ମଲିକଙ୍କୁ ପ୍ରାର୍ଥୀ କରାଯାଇଛି । ଅନ୍ୟପକ୍ଷରେ ତାମିଲରୁ କନ୍ନଡ ସୃଷ୍ଟି ହୋଇଥିବା ମନ୍ତବ୍ୟ ଦେଇ କମଲ ହାସନ ବିବାଦରେ ପଡ଼ିଛନ୍ତି । ଏହାକୁ ନେଇ କର୍ଣ୍ଣାଟକରେ ତାଙ୍କୁ ତୀବ୍ର ବିରୋଧ କରାଯାଉଛି । ବିଭିନ୍ନ ସ୍ଥାନରେ ଏତଲା ମଧ୍ୟ ରୁଜୁ କରାଯାଇଛି । ବିଜେପି ଏବଂ କଂଗ୍ରେସ ନେତା ମଧ୍ୟ କମଲ ହାସନଙ୍କୁ ସମାଲୋଚନା କରିଛନ୍ତି । ବିବାଦ ବଢ଼ିବା ପରେ ନିଜ ମନ୍ତବ୍ୟକୁ ନେଇ ଅଭିନେତା ପଛଘୁଞ୍ଚା ଦେଇଛନ୍ତି । ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ଭଲ ପାଇବା ଯୋଗୁଁ ଏପରି କହିଥିଲେ । ଅନେକ ଐତିହାସିକ ମୋତେ ଭାଷା ଇତିହାସ ଶିଖାଇଛନ୍ତି । ମୋର କିଛି କହିବାର ନ ଥିଲା । ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଜଣେ ମେନନ୍, ରେଡ୍ଡି, ତାମିଲ, କନ୍ନଡିଗା ଆୟେଙ୍ଗାର ଆମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେଣୁ ଭାଷା ଉପରେ ମନ୍ତବ୍ୟ ଦେବାକୁ ଅଭିନେତା ଯୋଗ୍ୟ ନୁହେଁ ।

## ମୋ ଲାଗି ଏ ଯାଏଁ ତିଷ୍ଠିଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୮।୫ (ଏଜେନ୍ସି): ଏ ପର୍ଯ୍ୟନ୍ତ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମକକ୍ଷ ଭ୍ଲାଦିମିର ପୁଟିନଙ୍କୁ ଚେତାବନୀ ଦେଇଛନ୍ତି । ପୁଟିନ ନିଆଁ ସହ ଖେଳୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ୟୁକ୍ରେନରେ ରୁଷ୍ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି । ଯଦି ସେ ନ ଥାଆନ୍ତେ ତେବେ ରୁଷ୍ ସହ ବହୁତ ଖରାପ ହୋଇଥାନ୍ତା । କେବଳ ମୋ ଲାଗି ରୁଷ୍ ଏ ପର୍ଯ୍ୟନ୍ତ ତିଷ୍ଠିଛି ବୋଲି ଟ୍ରମ୍ପ କହିଛନ୍ତି । ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଦଭେଦବ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଆମେ କେବଳ ଗୋଟିଏ ଖରାପ ଜିନିଷ ବିଷୟରେ ଜାଣିଛୁ, ତାହା ହେଉଛି ତୃତୀୟ ବିଶ୍ୱଯୁଦ୍ଧ । ଆଶା କରୁଛୁ ଟ୍ରମ୍ପ ଏହା ବୁଝିପାରିବେ । ଏହା ପୂର୍ବରୁ ପୁଟିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଥିଲେ ।

## ମନ୍ତ୍ରୀ ବିଜୟ ଶାହାଙ୍କ ଗିରଫ ଉପରେ ସୁପ୍ରିମକୋର୍ଟ କଟକଣା



ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ଶାହାଙ୍କୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଜାରି କରିଥିବା ନୋଟିସ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଟକଣା ଲଗାଇ ଦେଇଛନ୍ତି । ମନ୍ତ୍ରୀଙ୍କୁ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି । ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ତେଣୁ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ବନ୍ଧିତ ସବୁ ମାମଲାର ଶୁଣାଣି ଏଥର ସର୍ବୋଚ୍ଚ ନ୍ୟାୟାଳୟରେ ହେବ । ଏହା ମଧ୍ୟରେ ଏସ୍‌ଆଇଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରିଛି । ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ଯେଉଁଠି ଏହି ଟିପ୍ପଣୀ ଦେଇଥିଲେ ସେଠାକୁ ଏସଆଇଟି ଯାଇଥିଲା । ମୋବାଇଲ ତଥ୍ୟ ସଂଗ୍ରହ କରି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏବେ ଯାଞ୍ଚ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଛି । ଏବେ ଯାଞ୍ଚକୁ ନେଇ ଏସ୍‌ଆଇଟି ଆଉ କିଛି ସମୟ ମାଗିଛି । ତେଣୁ ଜୁଲାଇ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ । ପୂର୍ବ ଶୁଣାଣିରେ ମନ୍ତ୍ରୀ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରୁଛି । ତାଙ୍କ ବୟାନକୁ ନେଇ ସାରା ଦେଶ ଲଜ୍ଜା ଅନୁଭବ କରୁଛି ବୋଲି କହିଥିଲେ । ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ଅଭିଯୋଗ ହୋଇଛି । ହାଇକୋର୍ଟରେ ହୋଇଥିବା ମାମଲାକୁ ଚ୍ୟାଲେଞ୍ଜ କରି ମନ୍ତ୍ରୀ ବିଜୟ ଶାହ ସୁପ୍ରିମକୋର୍ଟ ପହଞ୍ଚି ଥିଲେ । ଏହି ମାମଲାର ଯାଞ୍ଚ ଲାଗି ଶୀର୍ଷ ଅଦାଲତ ୩ ଜଣ ଆଇପିଏସଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

ହରିୟାଣା ପରେ କେରଳ

## ଋଣଭାରରେ ବାପାମାଆ ଓ ୨ ପୁଅଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୮।୫ (ଏଜେନ୍ସି): ହରିୟାଣା ପରେ ଏବେ କେରଳ । ପୁଣି ସେହି ସମାନ ଘଟଣାର ପୁନରାବୃତ୍ତି । କାଳ ସାଜିଲା ଋଣ । ଉଜୁଡ଼ି ଗଲା ସୁନାର ସଂସାର । ଆଉ ନେଇଗଲା ଗୋଟିଏ ପରିବାରର ଚାରି ଜଣଙ୍କ ଜୀବନ । ଋଣଭାରର ଅସହ୍ୟ ଯନ୍ତ୍ରଣା ସହି ନ ପାରି ଦଉଡି ଦେଇ ଆତ୍ମହତ୍ୟା କଲେ ବାପା,ମାଆ ଏବଂ ୨ ଭେଣ୍ଡା ପୁଅ । କେରଳ ଭକ୍କମର ଭେଲିଲାକୋମରେ ଘଟିଛି ଏହି ହୃଦୟ ବିଦାରକ ଘଟଣା । ମୃତକଙ୍କ ମଧ୍ୟରେ ଅନୀଲ କୁମାର (୫୫), ତାଙ୍କ ସ୍ତ୍ରୀ ପତ୍ନୀ ଶିଜା (୫୦), ପୁଅ ଅଶ୍ୱିନ (୨୦) ଏବଂ ଆକାଶ (୨୫) । ପୁଲିସ ସୂଚନା ଅନୁଯାୟୀ ଅନୀଲ କୁମାର ଆର୍ଥିକ ସ୍ଥିତି ଠିକ୍ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ । ମାମଲାର ତଦନ୍ତ ଜାରି ରହିଛି । ଏହି



ପରିବାରର କୌଣସି ସଦସ୍ୟ ଘରୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ବଢ଼ିଥିଲା । ସେମାନେ ମଙ୍ଗଳବାର ସକାଳେ ଯାଇ ଘର ଦେଖିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ପଡୋଶୀଙ୍କ ସୂଚନା ଅନୁଯାୟୀ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । କାରଣ ଘର ଭିତର ପଟୁ ବନ୍ଦ ହୋଇଥିଲା । ଡ୍ରଇଁ ରୁମ୍‌ର ସିଲିଂରେ ସମସ୍ତେ ଆତ୍ମହତ୍ୟା କରିଥିଲେ । ଏହା ଦେଖି ସେମାନେ କଡାକବୋର ପୁଲିସକୁ ସୂଚନା ଦେଇଥିଲେ । ସୂଚନା ଅନୁଯାୟୀ ଅନିଲ କୁମାର ଚାଷୀ ସମବାୟ ବ୍ୟାଙ୍କର ବରିଷ୍ଠ କିରାଣୀ ଭାବେ କାମ କରୁଥିଲେ । ତାଙ୍କ ପତ୍ନୀ ସିଜା ବିଧାନସଭାରେ ଠିକା କର୍ମଚାରୀ ଥିଲେ ।

■ ଓଡ଼ିଶାକୁ ଉପେକ୍ଷା, ଚାଷୀକୁଳ ହତାଶ

## ଧାନ ଏମ୍ଏସ୍ପି ବଢ଼ିଲା ମାତ୍ର ୬୯ ଟଙ୍କା

ଭୁବନେଶ୍ୱର, ୨୮।୫ (ସମିସ): କେନ୍ଦ୍ର ସରକାର ୨୦୨୫-୨୬ ଖରିଫ୍ ଋତୁ ପାଇଁ ବୁଧବାର ଧାନ ସମେତ ୧୪ଟି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବୃଦ୍ଧି କରିଛନ୍ତି। କଳାରାଶି, କପା, ହରଡ଼, ବାଜରା ଭଳି ଶସ୍ୟର ଏମ୍ଏସ୍ପି ଯଥେଷ୍ଟ ବୃଦ୍ଧି କରାଯାଇଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୬୯ ଟଙ୍କା ବୃଦ୍ଧି କରାଯାଇଛି; ଯାହାକୁ ନେଇ ରାଜ୍ୟର ଚାଷୀ ନେତା ଏବଂ କୃଷି ବିଶେଷଜ୍ଞ ନିରାଶା ଓ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଧାନର ଏମ୍ଏସ୍ପି ଅତିକମ୍‌ରେ ୨୯୩୦ ଟଙ୍କା କରିବାକୁ ଓଡ଼ିଶା ଗତ ୮ ବର୍ଷ ହେଲାଣି ଦାବି କରିଆସୁଛି। ଏନେଇ ରାଜ୍ୟ ବିଧାନସଭାରେ ମଧ୍ୟ ଏକ ସର୍ବଦଳୀୟ ସଂକଳ୍ପପତ୍ର ପାରିତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାର ସମୃଦ୍ଧ କୃଷକ ଯୋଜନାରେ ଗତ ଖରିଫ୍ ଋତୁଠାରୁ ଧାନର ଏମ୍ଏସ୍ପି ବାବଦରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଆରମ୍ଭ କରିଛନ୍ତି। ଏଥିରେ ଧାନର ଏମ୍ଏସ୍ପି ବାବଦରେ ୨୩୦୦ ଏବଂ ଇନ୍‌ପୁଟ ସହାୟତା ବାବଦରେ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ଯାହାଫଳରେ ଓଡ଼ିଶା ରାଜକୋଷକୁ ଏଥିପାଇଁ ପ୍ରାୟ ଅତିରିକ୍ତ ୫୮୬୨ କୋଟି ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡ଼ିଛି। ଯଦି କେନ୍ଦ୍ର ସରକାର ଧାନର ଏମ୍ଏସ୍ପି ଅଧିକ ବୃଦ୍ଧି କରିଥା'ନ୍ତେ, ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା'ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍ଏସ୍ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍ଏସ୍ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

**କଳାରାଶି ୮୨୦, କପା ୫୮୯ ଟଙ୍କା ବଢ଼ିଲା; ଧାନ ବେଳକୁ କୁଣ୍ଠକୁଣ୍ଠ**

**୮ ବର୍ଷ ତଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦାବି କରିଥିଲା ଓଡ଼ିଶା**

**କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା ରାଜ୍ୟ ବିଧାନସଭାରେ ପାରିତ ସର୍ବଦଳୀୟ ସଂକଳ୍ପ**

ଓଡ଼ିଶା ପୁଲିସର ଚିନ୍ତା ବଢ଼ିଲା

## '୨୦୦ ପେଟି ବିସ୍ଫୋରକ ଲୁଟିଛନ୍ତି ମାଓବାଦୀ'

■ ଛତିଶଗଡ଼ ଛାଡ଼ି ଓଡ଼ିଶା ମୁହାଁ ହେଉଛନ୍ତି

■ ଖୋଳତାଡ଼ କରିବାକୁ ଆସିଲେ ଡିଜି, ଆଇଜି

ରାଉରକେଲା,୨୮।୫(ସମିସ): ମିଳିତ ସୁରକ୍ଷା ବାହିନୀର ସ୍ୱତନ୍ତ୍ର ଅଭିଯାନ ଯୋଗୁଁ ଛତିଶଗଡ଼ରେ ମାଓଗଡ଼ ଭୁଶୁଡ଼ି ପଡୁଥିବା ବେଳେ ମାଓବାଦୀମାନେ ଏବେ ଓଡ଼ିଶା ମୁହାଁ ହୋଇଛନ୍ତି। ଗତକାଲି ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଳକଟା ଜଙ୍ଗଲରେ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ଏକ ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିବା ଘଟଣା ଏଭଳି ସୂଚନା ଦେଉଛି। ସେମାନେ ୨୦୦ ପେଟି ବିସ୍ଫୋରକ ଲୁଟିନେଇଥିଲେ। ଏହି ଘଟଣା ରାଜ୍ୟ ପୁଲିସ ବିଭାଗର ନିଦ ହଜାଇ ଦେଇଛି। ମାଓବାଦୀ କେଉଁଠୁ ଆସିଲେ, କେମିତି ଲୁଟିଲେ ଏବଂ ବିସ୍ଫୋରକ ନେଇ ଗୁଆଡ଼େ ଗଲେ? ଏହାର ଖୋଳତାଡ଼ କରିବାକୁ ଏଠାରେ ଆସି ପହଞ୍ଚିଛନ୍ତି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ତାଙ୍କ ସହ ଅଛନ୍ତି ପୁଲିସ୍ ଆଇଜି ଅପରେସନ୍ ଡ. ଦୀପକ କୁମାର। ଏହି ଘଟଣା ପରେ ବଡ଼ଗାଁ ଅନ୍ତର୍ଗତ ଇତମାସ୍ଥିତ ବାରୁଦ ଗୋଦାମକୁ ବୁଧବାର ସଂଧ୍ୟାରେ ପୁଲିସ୍ ସିଲ୍ କରିଦେଇଛି। ବିସ୍ଫୋରକ ଲୁଟିଥିବା ମାଓବାଦୀମାନେ ବଡ଼ଧରଣର ଅଘଟଣ ଘଟାଇବାର ଆଶଙ୍କା ଥିବାରୁ ସଂପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ମାଓବାଦୀଙ୍କୁ ଧରିବା ଲାଗି କମ୍ବିଂ ଅପରେସନ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଛତିଶଗଡ଼ରେ ପୁଲିସ୍‌ର ମାଓଦମନ ଅଭିଯାନ ଯୋଗୁଁ ମାଓବାଦୀମାନେ ଓଡ଼ିଶାମୁହାଁ ହୋଇଛନ୍ତି। ପ୍ରତିହିଂସା ପରାୟଣ ହୋଇ ସେମାନେ ରାଉରକେଲାର କେ. ବଲାଙ୍ଗ ଥାନା ସାରଣ୍ଡା ଜଙ୍ଗଲରେ ମଙ୍ଗଳବାର ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ ବୁଧବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଉରକେଲାରେ ପହଞ୍ଚିଥିଲେ। ସେମାନେ କେ. ବଲାଙ୍ଗ ଥାନାକୁ ଯାଇ ବିସ୍ଫୋରକ ଭର୍ତ୍ତି ଟ୍ରକ୍‌ର ଚାଳକ ଓ ବଡ଼ଗାଁ ବିସ୍ଫୋରକ ଗୋଦାମର ମାଲିକଙ୍କୁ ପଚରାଉଚରା କରିଛନ୍ତି। ସେପଟେ ସୁନ୍ଦରଗଡ଼ ଜିଲ୍ଲା ବଡଗାଁସ୍ଥିତ ଇତମାଠାରେ ଥିବା ବାରୁଦ ଗୋଦାମକୁ ସିଲ କରି ଗୋଦାମରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀର ବୈଧତା, ଗୋଦାମର ଲାଇସେନ୍ସ ଥିଲା କି ନାହିଁ; ତାହା ପୁଲିସ ଯାଞ୍ଚ କରୁଛି।

ଗତକାଲି ଦିନ ୧୦ଟାରେ ସୁନ୍ଦରଗଡ଼ ବଡଗାଁ ନିକଟରେ ଥିବା ଏକ ବିସ୍ଫୋରକ ଗୋଦାମରୁ ୨୦୦ ପେଟି ବିସ୍ଫୋରକ ଧରି ଚାଳକ



ଦେଓନାଥ ଟପ୍ପୋ ଏକ ମିନି ଟ୍ରକ୍ (ଓଡି ୧୪ଡି ୧୯୮୭)ରେ କେ. ବଲାଙ୍ଗ ଥାନା ଝାଡ଼ଖଣ୍ଡ-ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଯାଉଥିଲେ। ବାଙ୍କୋ କ୍ୱାରୀ ନିକଟରେ ହଠାତ୍ ପ୍ରାୟ ୩୦ରୁ ୪୦ଜଣ ସଶସ୍ତ୍ର ଅଜ୍ଞାତ ବ୍ୟକ୍ତି ବନ୍ଧୁକ ମୁନରେ ଟ୍ରକ୍ ଚାଳକ ଦେଓନାଥଙ୍କୁ ଟ୍ରକ୍‌କୁ ଜଙ୍ଗଲର ଅନ୍ୟ ଦିଗକୁ ନେବାକୁ କହିଥିଲେ। ଦେଓନାଥ ଜଙ୍ଗଲ ଭିତରେ କିଛି ବାଟ ଗଲା ପରେ ଚାଳକ ଓ ଗାଡ଼ିକୁ ଛାଡ଼ି ସେମାନେ ଅନ୍ୟ ଏକ ଗାଡ଼ିରେ ବିସ୍ଫୋରକ ସାମଗ୍ରୀକୁ ନେଇଯାଇଥିଲେ। ସେମାନଙ୍କ କବଳରୁ ମୁକୁଳିବା ପରେ ଦେଓନାଥ ପଥର ଖଣି ମାଲିକ ନିରଜ ପାଣ୍ଡେଙ୍କୁ ଏ ସଂପର୍କରେ ସୂଚନା ଦେଇଥିଲେ। ନିରଜଙ୍କଠାରୁ ଖବର ପାଇ କେ.ବଲାଙ୍ଗ ପୁଲିସ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। କିନ୍ତୁ, ସେଠାରେ ଖାଲି ଗାଡ଼ି ଓ ଚାଳକ ଛଡ଼ା ଆଉ କିଛି ପାଇ ନଥିଲେ।

ପୁଲିସ୍ ଘଟଣାର ଛାନ୍‌ଭିନ୍ ଜାରି ରଖିଥିବା ବେଳେ ବୁଧବାର କେ. ବଲାଙ୍ଗ ଥାନାରେ ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପହଞ୍ଚି ମାଲିକ ଓ ଚାଳକଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଅପରାହ୍ଣରେ ଡିଜିପି ପହଞ୍ଚି ଘଟଣାର ସମୀକ୍ଷା କରିଥିଲେ।। ଡିଆଇଜି ବ୍ରିଜେଶ କୁମାର ରାୟ, ଗୁଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ୍ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ), ଆଇଆରବି (ଇଣ୍ଡିଆନ ରିଜର୍ଭ ବାଟାଲିୟନ)ର ୨୦୦ରୁ ଉର୍ଦ୍ଧ୍ୱ ଯବାନ ବାଇକ୍ ଯୋଗେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ୫ ଟନ୍‌ରୁ ଉର୍ଦ୍ଧ୍ୱ ବିସ୍ଫୋରକ (ଜିଲେଟିନ) ଲୁଟ୍ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଇଲାକାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହା ପୁଲିସ୍ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ବୁଧବାର ରାତ୍ର କିମ୍ବା ଗୁରୁବାରଠାରୁ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝାରବେଡ଼ୋ, ଲଙ୍ଗଳକଟା, ଝିରପାଣି ଆଦି ମାଓ ଉପଦ୍ରୁତ ସରଣ୍ଡା ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହେବାର ସମ୍ଭାବନା ରହିଛି।

ନିଜେ ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ କୁମାର ରାଉରକେଲାରେ କ୍ୟାମ୍ପ କରି ଘଟଣାର ତଦାରଖ କରୁଛନ୍ତି। ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି, ଏହା ମାଓବାଦୀଙ୍କ କାର୍ଯ୍ୟ ବୋଲି ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନି, ତଦନ୍ତ ପରେ ହିଁ ଘଟଣାର ପର୍ଦ୍ଦାଫାସ ହେବ। ତେବେ ଏହା ମାଓବାଦୀଙ୍କ ଦ୍ୱାରା ଲୁଟ ହୋଇଥିବା ସଂଦେହକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ ବୋଲି ସେ ଆଶଙ୍କା କରିଛନ୍ତି।

ସାଇବର୍ ଠକଙ୍କ କରାମତି

## କ୍ରିକେଟ୍ ବେଟିଂ ଆଳରେ କୋଟିଏ ଟଙ୍କାର ଚୂନ

କଟକ,୨୮।୫ (ସମିସ): ଅନଲାଇନ୍ କ୍ରିକେଟ୍ ବେଟିଂ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ କୋଟିଏ ଟଙ୍କା ଚୂନ ଲଗାଇଥିବା ଦୁଇ ସାଇବର୍ ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପଶ୍ଚିମବଙ୍ଗ ବାସିନ୍ଦା ଏସ୍.କେ. ୱାସିଉଲ୍ ଇସଲାମ୍ ଓରଫ ରୋହନ୍ (୨୯) ଏବଂ ଭୁବନେଶ୍ୱର ଖାରବେଳନଗର ପ୍ରେସ୍ କଲୋନୀ ଅଞ୍ଚଳର ଜ୍ୟୋତିପ୍ରକାଶ ପଲାଇ (୩୬)। ସେମାନଙ୍କଠାରୁ ପାସବୁକ୍, ଚେକ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଏବଂ ପାନ୍ କାର୍ଡ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି କ୍ରାଇମବ୍ରାଞ୍ଚ। ଏହାସହ ଅଭିଯୁକ୍ତଦ୍ୱୟଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରି ଏହି ଠକେଇର ପର୍ଦ୍ଦାଫାସ୍ କରିଛି। ଅଭିଯୁକ୍ତମାନେ ନକଲି ୱେବସାଇଟ୍ ଓ ଗେମିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ମାରୁଥିଲେ ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି। ତେବେ ଏହି ଅଭିଯୁକ୍ତଦ୍ୱୟ ଆଉ କେଉଁ କେଉଁ ଠକେଇର ସଂପୃକ୍ତ ଅଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଛି। ଆବଶ୍ୟକ ପଡ଼ିଲେ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି କୁହାଯାଉଛି।

ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଗେମିଂ ଆପ୍‌ରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ଉପରୋକ୍ତ ଟଙ୍କା ଜମା କରି ଆଉ ଫେରିପାଇ ନଥିଲେ। ତେବେ ଠକେଇର ଶିକାର ହେବାର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ।

ପ୍ରାରମ୍ଭରେ ସାଇବର୍ ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ୍ ବେଟିଂର ଦୁଇଟି ୱେବସାଇଟ୍ ଲିଙ୍କ୍ www.dream666.com ଓ www.dream444.com ପଠାଇଥିଲେ। ଉପରୋକ୍ତ ଆଇଡି ବ୍ୟବହାର କରି କ୍ରିକେଟ୍ ବେଟିଂ ମାଧ୍ୟମରେ ବିପୁଳ ଟଙ୍କା ରୋଜଗାର କରିବାକୁ ଉପରୋକ୍ତ ଦୁଇ ସାଇବର ଅପରାଧୀ ଲୋଭ ଦେଖାଇଥିଲେ। ସେହି ଅନୁଯାୟୀ ବ୍ୟକ୍ତିଜଣଙ୍କ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ। ଅନ୍ୟପକ୍ଷରେ, ଅପରାଧୀମାନେ ମଧ୍ୟ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଫଳରେ ଟଙ୍କା ଫେରସ୍ତ ପାଇବାକୁ ତାଙ୍କର ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀଜଣଙ୍କ ତାଙ୍କ ପତ୍ନୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଅନ୍ୟପକ୍ଷରେ ସାଇବର୍ ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବସାଇଟ୍ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ିବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତିଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



**୨ ଗିରଫ; ପାସବୁକ୍, ଚେକ୍, ମୋବାଇଲ୍ ଜବତ**

ନିର୍ଯାତନା ସହି ନ ପାରି ରକ୍ତମୁଖା ସ୍ତ୍ରୀ

## ଟାଙ୍ଗିଆରେ ହାଣି, ଇଟାରେ ଛେଚି ସ୍ୱାମୀଙ୍କୁ ହତ୍ୟା

କୋଦଳା,୨୮।୫(ସମିସ): ନିର୍ଯାତନା ଅହସ୍ୟ ହେବାରୁ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିବା ପରେ ଇଟାରେ ଛେଚି ହତ୍ୟା କଲା ସ୍ତ୍ରୀ। ଗଂଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ସାହିରେ ବୁଧବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନାରାୟଣ ଭୂୟାଁ (୪୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ତ୍ରୀ ରୀନା ଭୂୟାଁଙ୍କୁ ଗିରଫ କରିଛି।

ନାରାୟଣଙ୍କ ନିଜ ଘର ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମରେ। ସେ ଗୋପାଳପୁର ଗ୍ରାମର ରୀନା ଭୂୟାଁଙ୍କୁ ବିବାହ କରିବା ପରେ ଗୋପାଳପୁରରେ ରହୁଥିଲେ। ତାଙ୍କର ଗୋଟିଏ ଝିଅ (୧୬) ଓ ଆଉ ଗୋଟିଏ ପୁଅ (୧୨)ର ଅଛନ୍ତି। ନାରାୟଣ ସୁରତରେ କାମ କରୁଥିବା ବେଳେ ରୀନାଙ୍କ ଚରିତ୍ର ଉପରେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। ଏପରିକି, ଏହି କଥାକୁ କେନ୍ଦ୍ର କରି ନାରାୟଣ ପ୍ରାୟ ସମୟରେ ରୀନାଙ୍କୁ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦୁହିଁଙ୍କ ମଧ୍ୟରେ ପୁଣିଥରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ନାରାୟଣ ଏକ ପଥର ଉପରେ ପଡ଼ିଯିବା ପରେ ରୀନା ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ରୀନା ତାଙ୍କୁ ଘରକୁ ଘୋଷାଡ଼ି ଆଣିଥିଲେ। କିନ୍ତୁ ନାରାୟଣ ଘରେ ଥିବା ଏକ କୁରାଢ଼ୀରେ ରୀନାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରୀନା ତାଙ୍କଠାରୁ ସେହି କୁରାଢ଼ୀ ଛଡ଼ାଇ ଚୋଟ ପରେ ଚୋଟ ପକାଇ ନାରାୟଣଙ୍କୁ ହତ୍ୟା କରିଦେଇଥିଲେ। ରୀନା ଏତେ କ୍ଷୁବ୍ଧ ଥିଲେ ଯେ ମୃତ୍ୟୁ ପରେ ମଧ୍ୟ କାଳେ ବଞ୍ଚିଥିବ ଭାବି ପୁଣି ତାଙ୍କ ମୁଣ୍ଡକୁ ଇଟାରେ ଛେଚି ପକାଇଥିଲେ।

ଖବର ପାଇ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଅନ୍ୟପଟେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛି ନା ନାହିଁ, ତାକୁ ନେଇ ମଧ୍ୟ ପୁଲିସ୍ ତନାଘନା କରୁଛି। ସେପଟେ ନାରାୟଣଙ୍କ ମା' ନିଶା ଭୂୟାଁ ବେଗୁନିଆପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ୍ ରୀନାଙ୍କୁ ଗିରଫ କରିବା ସହ ଆଉ ଜଣଙ୍କୁ ମଧ୍ୟ ଅଟକ ରଖି ଜେରା କରୁଛି। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

## କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା

ଭୁବନେଶ୍ୱର,୨୮।୫(ସମିସ): କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା। ୨୦୦୫ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଭିନିଲ୍ କ୍ରିଷ୍ଣା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ବୁଧବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟରୁ ୪୧ଜଣ ଅଧିକାରୀଙ୍କ ନିଯୁକ୍ତି ନେଇ ସୂଚନା ଦିଆଯାଇଛି। ଓଡ଼ିଶା କ୍ୟାଡର୍ ଅଧିକାରୀ ଭିନିଲ୍ କ୍ରିଷ୍ଣା ବର୍ତ୍ତମାନ ଓଡ଼ିଶା ଲ୍ୟାଣ୍ଡ ରେକର୍ଡ ଓ ସେଟଲେମେଣ୍ଟ କମିସନର୍ ଭାବେ କାର୍ଯ୍ୟ କରୁଛନ୍ତି।

## ଟ୍ରକ ଧକ୍କାରେ ଟ୍ରାକ୍ଟର୍ ୩ ଖଣ୍ଡ, ୨ ମୃତ

ବୈଶିଙ୍ଗା, ୨୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଆଜି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉତ୍ତରପ୍ରଦେଶ ମେରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଏବଂ ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁ ଅଞ୍ଚଳର ଜଗଦେବ ଦୋଡ଼ଙ୍କ ପୁଅ ସୁନ୍ଦର। ଟ୍ରାକ୍ଟର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହାଦସହ ଅନ୍ୟ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ୍ ଅଞ୍ଚଳର ବିକାଶ କଲ୍ୟାଣ ଓ ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦର ଥାନା ଅଞ୍ଚଳର କରନ ଭଟନାଗର। ସେମାନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତାହତମାନେ ଏଠାକାର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ବେଳେ ବାଲେଶ୍ୱରରେ ରହୁଥିଲେ। ସେମାନେ ଆଜି ଭୋର୍‌ରେ ଏକ ଟ୍ରାକ୍ଟର୍‌ରେ ବାରିପଦାରୁ ଫେରୁଥିବା ବେଳେ ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାକ୍ଟରଟି ତିନି ଖଣ୍ଡ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଅତୁଲ ଓ ସୁନ୍ଦରଙ୍କ ମୃତ୍ୟୁ ହୋଇଯାଇଥିଲା।

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ପୁଞ୍ଜିଲାଲ୍‌ଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ପାଟଣାଗଡ଼, ୨୮।୫(ସମିସ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ। ଏହାସହିତ ୫୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଆଇପିସିର ଧାରା ୩୦୨, ୩୦୭, ୨୦୧ ଓ ଉପଧାରା ୩ ଓ ୪ ଅନୁଯାୟୀ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ତଦନ୍ତ ପରେ ୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦୦ଟି ଦସ୍ତାବିଜ ଓ ପୁଞ୍ଜିଲାଲଠାରୁ ଜବତ କରାଯାଇଥିବା ଲାପ୍‌ଟପ୍, ପେନ୍‌ଡ୍ରାଇଭ୍, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରକୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। ରାୟ ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା। କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା, ମୋତେ ଫସାଇ ଦିଆଯାଇଛି। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି ଦେଖାଇଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା।। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।



ଦଣ୍ଡାଦେଶ ପରେ ପୁଞ୍ଜିଲାଲ୍‌ଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଉଛି

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୧୮ ତାରିଖରେ ପାଟଣାଗଡ଼ରେ ୨୬ ବର୍ଷୀୟ ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ରିମାଙ୍କର ବିବାହ ହୋଇଥିଲା। ୨୩ ତାରିଖରେ ରିସେପସନ୍ ହୋଇଥିଲା। ରିସେପସନରେ ମିଳିଥିବା ଉପହାରକୁ ଖୋଲୁଥିବା ବେଳେ ଗୋଟିଏ ପାର୍ସଲରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟଶେଖରଙ୍କର ମୃତ୍ୟୁ ଘଟିଥିବା ବେଳେ ରିମା ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ଏହି ବିସ୍ଫୋରଣ ପଛରେ ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲର ହାତ ରହିଥିଲା। କଲେଜ ଅଧକ୍ଷା ତଥା ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁଙ୍କ ସହିତ ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ପୁଞ୍ଜିଲାଲ ଏଭଳି ବିସ୍ଫୋରଣ କରାଇଥିଲା। ସେ ବୋମା ନିଜେ ତିଆରି କରି ଏକ ଉପହାର ପ୍ୟାକେଟ କରିଥିଲା। ପରେ ଏହାକୁ ପାର୍ସଲ କରି ସଂଯୁକ୍ତାଙ୍କ ଘରକୁ ପଠାଇଥିଲା। ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ସୌମ୍ୟ ଏବଂ ତାଙ୍କ ଆଇମା'ଙ୍କ ଜୀବନ ଚାଲିଯାଇଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା। ଏହା ଦେଶରେ ପ୍ରଥମ ପାର୍ସଲ ବୋମା ବିସ୍ଫୋରଣ ଥିଲା ବୋଲି କୁହାଯାଉଛି। ବିସ୍ଫୋରଣ କରି ସମଗ୍ର ପରିବାରକୁ ମୂଳପୋଛ କରିବାକୁ ଷଡ଼ଯନ୍ତ୍ର କରିଥିଲା ପୁଞ୍ଜିଲାଲ। ବୋମା କିପରି ତିଆରି ହୁଏ ତାହା ସେ ଅନଲାଇନରେ ଶିଖିଥିଲା।

ଆଜିର ରାୟରେ ପ୍ରତିକ୍ରିୟା ପ୍ରକାଶ କରି ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଲେ, ଆମକୁ ନ୍ୟାୟ ମିଳିଛି। ତଥାପି ମୋ ପୁଅକୁ ଆଉ କେହି ଫେରାଇ ଆଣି ପାରିବେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ। ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି। କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ। ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଛନ୍ତି।

ଏଏସ୍ଆଇର ଅବହେଳା

## ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ

ପୁରୀ,୨୮।୫(ସମିସ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଅବହେଳା ଯୋଗୁଁ ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ବହୁ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍ଆଇ। କୌଣସି ପାର୍ଶ୍ୱ ମୂର୍ତ୍ତି ଭାଙ୍ଗିଗଲେ ବି ବର୍ଷ ବର୍ଷ ଧରି ତା'ର ମରାମତି କରାଯାଉନାହିଁ।



ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମୁଟ ହେଉ କି ମେଘନାଦ ପାଚେରି ଏ ସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

୧୯୭୪ ମସିହାରୁ ଏଏସ୍ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ ପଡ଼େ, ତେବେ ଏ ସଂକ୍ରାନ୍ତରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍ଆଇ ଏହା କରିବା କଥା। କିନ୍ତୁ ଅନେକ ସମୟରେ ଏଏସ୍ଆଇ ତା' କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରୁ ହଟାଇ ଦେଇଥିଲା ଏଏସ୍ଆଇ। ଯାହା ଶ୍ରୀମନ୍ଦିର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ସେହିପରି ଏଏସ୍ଆଇ ପକ୍ଷରୁ ମରାମତି ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉନଥିବା ଅନେକ ଶିଳ୍ପୀଙ୍କୁ ବ୍ୟଥିତ କରୁଛି। ଫଳରେ ପୁରୁଣା କଳା କାରିଗରୀ ନଷ୍ଟ ହେଉଛି। କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଚୂନ ଛଡ଼ା ଯାଇଥିଲା। ଏଥିପାଇଁ ବିଭିନ୍ନ ଧାତବ ଉପକରଣର ରୁକ୍ଷ ବ୍ୟବହାର କାରଣରୁ ଅନେକ ସ୍ଥାନରେ ସୂକ୍ଷ୍ମ କାରୁକାର୍ଯ୍ୟ କିଛିକାଂଶରେ ନଷ୍ଟ ହେଇଛି। ଅନେକ ସ୍ଥାନରେ ରହିଥିବା ରୂପ ଓ ବିଗ୍ରହର କେତେକ ଅଙ୍ଗ ଅପହୃତ। ଏଣୁ ଏହି ମନ୍ଦିର ଗାତ୍ରରେ ଅନେକ ବିକଳାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ। ଏବେ ବି ସେହି ଧାରା ଚାଲିଛି। କୌଣସି ଦେବଦେବୀଙ୍କ ମୂର୍ତ୍ତି ହେଉ ଅବା ମନ୍ଦିରର କୌଣସି ଅଂଶ କିମ୍ବା ମେଘନାଦ ପାଚେରି ଯଦି କିଛି ବି କାମ ହେଉଛି ସେଠାରେ ସାଦାପଥର ଖଞ୍ଜି ଦିଆଯାଉଛି। ପୂର୍ବପରି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉନାହିଁ।

## ସେମାନଙ୍କ ମୁହଁରୁ ...

ମୋ ପୁଅକୁ ମତେ କେହି ଫେରାଇ ପାରିବେନି। ତାକୁ କେଉଁପରି ଭାବରେ ମୋ ଠାରୁ ଅଲଗା କରାଯାଇଛି ତାକୁ ଜାଣିବା ପାଇଁ ଏହି ସାତବର୍ଷର ସଂଘର୍ଷ ଥିଲା। ତାର ଆଜି ଅନ୍ତ ଘଟିଛି। ମାନ୍ୟବର କୋର୍ଟ, କ୍ରାଇମବ୍ରାଞ୍ଚ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବି। ତାଙ୍କର ସହଯୋଗ ବଳରେ ମୁଁ ଆଜି ନ୍ୟାୟ ପାଇପାରିଛି।

**ରବୀନ୍ଦ୍ର ସାହୁ, ସୌମ୍ୟଶେଖରଙ୍କ ବାପା**

ମାନ୍ୟବର କୋର୍ଟଙ୍କ ରାୟକୁ ଆମେ ସମ୍ମାନ ଜଣାଉଛୁ। ବାପା ମା’ ହିସାବରେ ଆମେ ଚାହୁଁଥିଲୁ ତାକୁ ଫାଶୀ ଦଣ୍ଡ ମିଳୁ। କିନ୍ତୁ ଆମର ନ୍ୟାୟିକ ପ୍ରକ୍ରିୟା ଉପରେ ବିଶ୍ୱାସ ରହିଛି। ମାନ୍ୟବର କୋର୍ଟ ତା’ ଉପରେ ଯେଉଁ କାରାଦଣ୍ଡାଦେଶ ଲଗାଇଛନ୍ତି ସେଥିରେ ସେ ପ୍ରତିଦିନ ମରିବ। ଏକ ପୁଅ ଛେଉଣ୍ଡ ବାପା ମା’ର ପୀଡ଼ା ସେ ବୁଝିପାରିବ।

**ସଂଯୁକ୍ତା ସାହୁ, ସୌମ୍ୟଶେଖରଙ୍କ ମା’**

### ପାଟଣାଗଡ଼ ପାର୍ସଲ ବୋମା ମାମଲାର ରାୟ ପ୍ରକାଶ

# ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗିର, ୨୮।୫(ସମିସ)



୨୦୧୮ ଫେବୃଆରୀ ମାସ ୨୦ ତାରିଖ। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର ଜନୈକ ବ୍ୟକ୍ତିଙ୍କ ଘରେ ହୋଇଥିଲା ପାର୍ସଲ ବୋମା ବିସ୍ଫୋରଣ। ଯାହାକି ସାରା ରାଜ୍ୟ ତଥା ଦେଶର ପ୍ରମୁଖ ଖବର ପାଲଟିଥିଲା। ପ୍ରତିଶୋଧ ପରାୟଣ ହୋଇ ମଣିଷ କେତେ ରକ୍ତମୁଖା ହୋଇପାରେ ତାହା ଦେଖିଥିଲା ମଣିଷ ସମାଜ। ବାହାଘର ଉପହାରରେ ମୃତ୍ୟୁର ଦୂତ ପଠାଇ ଆତ୍ମ ସନ୍ତୁଷ୍ଟି ଚାହିଁଥିଲା ଅଧ୍ୟାପକ ପୁଞ୍ଜିଲାଲ। କିନ୍ତୁ ଆଇନ ହାତରୁ ଖସି ପାରିଲା ନାହିଁ। ଶେଷରେ ଦୋଷୀ ସାବ୍ୟସ୍ତ କରି ଏକମାତ୍ର ତଥା ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଆଜୀବନ କାରାଦଣ୍ଡର ସଜା ଶୁଣାଇଛନ୍ତି କୋର୍ଟ।

ଦୀର୍ଘ ସାତ ବର୍ଷ ପରେ ଏହି ପାର୍ସଲ ବୋମା ମାମଲାର ରାୟ ପ୍ରକାଶ ପାଇଛି। ପାଟଣାଗଡ଼ ଏସଡିଜେଏମ କୋର୍ଟରେ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହିତ ୧ ଲକ୍ଷ ୪୦ ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ମୃତ ସୌମ୍ୟଶେଖର ଓ ଜେମାମଣିଙ୍କ ପରିବାର ଲୋକଙ୍କୁ ଏହା ସାମାନ୍ୟ ସନ୍ତୁଷ୍ଟି ଦେଇଥିବା କୁହାଯାଉଛି। ମାମଲାର ରାୟ ଶୁଣାଣି ଉପରେ ସାରା ରାଜ୍ୟର ନଜର ରହିଥିବାବେଳେ ଶୁଣାଣି ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସଂକ୍ଷେପରେ ଘଟଣାବଳୀ

ସେଦିନ ଥିଲା ୨୦୧୮ ମସିହା ଫେବୃଆରୀ ୨୦ ତାରିଖ। ପୁଅ ସୌମ୍ୟଶେଖରଙ୍କ ବାହାଘର ସରିଥାଏ। ଘରକୁ ଆସିଲା ଏକ ପାର୍ସଲ। ପରିବାର ଲୋକେ ଭାବିଲେ କେହି ଜଣେ ବୋଧହୁଏ ବାହାଘର ପାଇଁ ଉପହାର ପଠାଇଛି। ସୌମ୍ୟଶେଖର ଏହି ପାର୍ସଲକୁ ଖୋଲିବାରୁ ଭୟଙ୍କର ବିସ୍ଫୋରଣ ଘଟିଲା। ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସ୍ଥାନୀୟ ବ୍ରହ୍ମପୁରା ଅଞ୍ଚଳ ଥରି ଉଠିଲା। ଏହି ଘଟଣାରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କର ଆଇ ଜେମାମଣିଙ୍କ ମୃତ୍ୟୁ ହୋଇଥିବାବେଳେ ନବବଧୂ ରିମାରାଣୀ ଗୁରୁତର ଭାବରେ ଆହତ ହୋଇଥିଲେ। ଏହି ଖବର ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଥିଲା। ପ୍ରଥମେ ଏହି ମାମଲାକୁ ପାଟଣାଗଡ଼ ପୁଲିସ ତଦନ୍ତ କରୁଥିବାବେଳେ ପରେ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ପ୍ରାୟ ଦେଢ଼ମାସ ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବରେ ଭଇଁଷା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଧରାପଡ଼ିଥିଲା।

### ପ୍ରତିଶୋଧ ପରାୟଣତାରୁ ପାର୍ସଲ ବୋମା

ମନରେ ଥିବା ପ୍ରତିଶୋଧ ପରାୟଣ ଭାବ କେମିତି ଜଣେ ମଣିଷକୁ ରକ୍ତମୁଖା କରିଦିଏ ପାଟଣାଗଡ଼ ପାର୍ସଲ ବୋମା ଘଟଣା ହେଉଛି ତାର ଜ୍ୱଳନ୍ତ ଉଦାହରଣ। ମୃତ ସୌମ୍ୟଶେଖରଙ୍କ ମା’ ସଂଯୁକ୍ତା ସାହୁ ଭଇଁଷା କଲେଜର ପ୍ରିନ୍ସିପାଲ ହେବାରୁ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ପୁଞ୍ଜିଲାଲଙ୍କୁ ସେହି ଚୌକି ଛାଡ଼ିବାକୁ ପଡ଼ିଥିଲା। କେବଳ ସେହି ଚୌକି ପାଇଁ ତାଙ୍କୁ ଜୀବନରୁ ମାରିଦେବାକୁ ଷଡ଼ଯନ୍ତ୍ର କରି ପାର୍ସଲ ବୋମା ତିଆରି କରିଥିଲା ପୁଞ୍ଜିଲାଲ। ଯାହାର ଭୟାବହତା ସାରା ଦେଶ ଦେଖିଛି।

### ୭ ବର୍ଷର ବିଚାର, ୬୨ ଜଣଙ୍କ ସାକ୍ଷ୍ୟ

ପାଟଣାଗଡ଼ ପାର୍ସଲ ବୋମା ଘଟଣାର ତଦନ୍ତ ପୁଲିସ ଓ କ୍ରାଇମବ୍ରାଞ୍ଚ ପାଇଁ ଯେତେ ଚ୍ୟାଲେଞ୍ଜ ଥିଲା, ସେମିତି ଥିଲା ମାମଲାର ବିଚାର। ଦୀର୍ଘ ସାତ ବର୍ଷ ଧରି ମାମଲାର ବିଚାର ହେଲା। ଘଟଣାକୁ ନେଇ ୬୨ ଜଣ ସାକ୍ଷ୍ୟ ପ୍ରମାଣ ଦେଲେ। ତେବେ ସମସ୍ତ ପ୍ରକାର କଳ୍ପନା ଜଳ୍ପନାର ଅନ୍ତ କରି ବୁଧବାର ମାମଲାର ରାୟ ଶୁଣାଇଛନ୍ତି ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟ। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡାଦେଶ ଶୁଣାଇଛନ୍ତି।

## ସରକାରୀ ଓକିଲ ଆଶିଷ ଚନ୍ଦନଙ୍କ ସାମ୍ବାଦିକ ସମ୍ମିଳନୀ

ବୁଧବାର ପାଟଣାଗଡ଼ ପାର୍ସଲ ବୋମା ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ ପରେ ସରକାରୀ ଓକିଲ ଆଶିଷ ଚନ୍ଦନ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ସମ୍ମିଳନୀରେ ସେ କହିଛନ୍ତି ଯେ ପାଟଣାଗଡ଼ ପାର୍ସଲ ବୋମା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୬୨ ଜଣ ସାକ୍ଷ, ୧୦୦ ଟି ଦଲିଲ ଦସ୍ତାବିଜ, ୫୨ ଟି ଆବଶ୍ୟକୀୟ ଉପକରଣ, ପୁଞ୍ଜିଲାଲ ଠାରୁ ଜବତ କରାଯାଇଥିବା ଲ୍ୟାପଟପ, ଡାୟରୀ, ପେନ ଡ୍ରାଇଭ, ମେମୋରୀ କାର୍ଡ, ରାୟପୁର ଯିବା ସମୟର ବାଇକ ଷ୍ଟାଣ୍ଡ ଟିକେଟ, ଏଭଳି ଅନେକ ପ୍ରମାଣ କୋର୍ଟରେ ଦାଖଲ କରାଯାଇଥିଲା। ସରକାରୀ ପକ୍ଷରୁ ସମସ୍ତ ପ୍ରମାଣ ଟିକିନିଖି ଭାବେ ଦାଖଲ କରାଯାଇଥିଲା। ଏହା ଏକ ଐତିହାସିକ ତଦନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁଞ୍ଜିଲାଲ ଯେଉଁ ଅନାମଧେୟ ଚିଠି ଲେଖି ଏହି ମାମଲାକୁ ବିଭ୍ରାନ୍ତି କରିବାକୁ ଚେଷ୍ଟା କରିଥିଲା ଉକ୍ତ ଚିଠି ହିଁ ଏହି ମାମଲାର ତଦନ୍ତ ଦିଗକୁ ଆଗକୁ ନେଇଥିଲା। ଉକ୍ତ ଚିଠିରେ ଥିବା ଇଂରାଜୀ ଲେଖା ହିଁ ପୁଞ୍ଜିଲାଲ ଆଡ଼କୁ ଇଙ୍ଗିତ କରିଥିଲା ଓ ତଦନ୍ତରେ ପୁଞ୍ଜିଲାଲଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ପୁଞ୍ଜିଲାଲ ଉକ୍ତ ଚିଠି ଲେଖିଥିବା ଲାପଟପ, ବୋମା ତିଆରି ପାଇଁ ଖୋଲିଥିବା ବିଭିନ୍ନ ସାଇଟ୍ ଓ



ଏପରିକି ରିମାଣ୍ଡ ସମୟରେ କ୍ରାଇମବ୍ରାଞ୍ଚ ସମ୍ମୁଖରେ ପୁଞ୍ଜିଲାଲ ବୋମା ମଧ୍ୟ ତିଆରି କରିଥିଲା। ରାୟପୁର ଯାଇଥିବା ସମୟରେ ସ୍କାଇ କିଙ୍ଗ କୋରିଅର ମାଲିକ ଓ ଡିଟିଡିସି କମ୍ପାନୀର ଗୋଟିଏ ଝିଅ ପୁଞ୍ଜିଲାଲକୁ ଜେଲରେ ଓ କୋର୍ଟରେ ରାୟପୁରରେ ଦେଖିଥିବା ଭଳି ପ୍ରମାଣ କ୍ରାଇମବ୍ରାଞ୍ଚ ହସ୍ତଗତ କରିଥିଲା।

ଏହି ମାମଲାରେ ସମୟ ଗଡୁଥିବା କଥାରେ ପୁଞ୍ଜିଲାଲ ସହଯୋଗ କରୁନଥିବା ଯୋଗୁଁ ସାତ ବର୍ଷ ଲାଗିଥିଲା ଏଥିରେ ସରକାରୀ ପକ୍ଷରୁ କୌଣସି ହେଳା କରାଯାଇନାହିଁ। ଏପରିକି କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାରେ ହସ୍ତଗତ ହୋଇଥିବା ସମସ୍ତ ପ୍ରମାଣ ଉପରେ ଗୋଟି ଗୋଟି କରି କହିଥିଲେ।ପୁଞ୍ଜିଲାଲ ଯେଉଁ ନିର୍ଦୋଷ ବୋଲି କହୁଛି ଲୋକ ମିଛ କହିପାରେ କିନ୍ତୁ ପରିସ୍ଥିତି କେବେ ମିଛ କହିପାରେନାହିଁ ବୋଲି କହିଥିଲେ। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତାଙ୍କୁ ଏହି ମାମଲାରେ ସରକାରୀ ଓକିଲ ଭାବେ ଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ।

## ଜନସାଧାରଣଙ୍କ ପ୍ରତିକ୍ରିୟା

ଅଦାଲତ ସମସ୍ତ ସାକ୍ଷ ପ୍ରମାଣ କୁ ଆଧାର କରି ଯେଉଁ ରାୟ ଆଜି ଶୁଣାଇଛନ୍ତି ଆଇନ ସମ୍ମତ ଓ ଏହି ରାୟ କୁ ସମସ୍ତେ ଗ୍ରହଣ କରିବାକୁ ହେବ।

**ସରୋଜ ମେହେର - (ପୂର୍ବତନ ବିଧାୟକ ପାଟଣାଗଡ଼)**

ପାଟଣାଗଡ଼ ପାର୍ସଲ ବୋମା ଘଟଣା ଏକ ଚାଞ୍ଚଲ୍ୟକାର ଘଟଣା। ସାତ ବର୍ଷ ପରେ ଏହି ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ପାଟଣାଗଡ଼। ଯାହା ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମାମଲାର ଫଳାଫଳ ପ୍ରକାଶ ପରେ ଲୋକଙ୍କ ମଧ୍ୟରେ ଆଇନ ତଥା ଅଦାଲତ ଉପରେ ଆହୁରି ଭରସା ରହିବ।

**ସୁବାସ ଚନ୍ଦ୍ର ଆଚାର୍ଯ୍ୟ- (ଆଇନଜୀବୀ)**

ପାଟଣାଗଡ଼ ପାର୍ସଲ ବୋମା ଘଟଣା ସାରା ଦେଶ ତଥା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସମସ୍ତେ ଏହି ରାୟକୁ ସମ୍ମାନ ଜଣାଇବା କଥା। ଆଇନ ରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି। ଏହି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ ଜନସାଧାରଣ ସଜାଗ ରହିବା କଥା।

**ଗିରିରାଜ ଭୋଇ - (ଯୁଗ୍ମ ସମ୍ପାଦକ, ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ)**

ଜଜ ମେଣ୍ଟ ପାଇଁ ସମସ୍ତେ ଅପେକ୍ଷାରେ ଥିଲେ। ଜଜ୍ ପୁଞ୍ଜିଲାଲ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଲେ। ଏହି ବିଚାର ଦ୍ୱାରା ଅଦାଲତଙ୍କ ଉପରେ ଲୋକଙ୍କ ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଲା।

**ରାନା ପ୍ରଧାନ - (ଆଇନଜୀବୀ, ପାଟଣାଗଡ଼ )**

### ବଲାଙ୍ଗିରରେ ଶୀତଳ ଷଷ୍ଠୀ

## ପ୍ରସ୍ତୁତି ଶେଷ, ସହର ଉତ୍ସବମୁଖର



**ବଲାଙ୍ଗିର, ୨୭।୫(ସମିସ):** ଦେବ ଦେବ ମହାଦେବ ଓ ଆଦିଶକ୍ତି ମା’ ପାର୍ବତୀଙ୍କ ଶୁଭବିବାହ ହେବ। ତିଥି ଲଗ୍ନ ବାହାରିଛି, ପ୍ରସ୍ତୁତି ସରିଛି। ଏବେ କେବଳ ବାହାଘରକୁ ଅପେକ୍ଷା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ବାହାଘରକୁ ନେଇ ଉତ୍ସବମୁଖର ସାରା ବଲାଙ୍ଗିର ସହର। ବଲାଙ୍ଗିର ସହରର ବିଭିନ୍ନ ପଡ଼ାରେ ଶୀତଳ ଷଷ୍ଠୀ ପୂଜା ପାଇଁ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ସହରର ରାଧାରାଣୀ ପଡ଼ା ଏବଂ ସାଗର ପଡ଼ାରେ ଶିବପାର୍ବତୀଙ୍କ ବିବାହ ପାଇଁ ଉତ୍ସାହ ଲାଗିରହିଛି।

ରାଧାରାଣୀ ପଡ଼ା ଶୀତଳ ଷଷ୍ଠୀ ପୂଜା କମିଟି ତରଫରୁ ୨୫ ତମ ଶୀତଳ ଷଷ୍ଠୀ ମହୋତ୍ସବ ପାଳିତ ହେବ। ଗୁରୁବାର ଶିବପାର୍ବତୀଙ୍କୁ ଲୋକାଚାର ପିତାମାତାଙ୍କ ଘରକୁ ଅଣାଯିବ। ୩୦ ତାରିଖରେ ମାଟିପକା, ୩୧ ତାରିଖରେ ବରଯାତ୍ରୀ ଓ ବାହାଘର ହେବ। ସେହିଭଳି ୧ ତାରିଖରେ ଲେଉଟାଣି ଓ ନଗରପରିକ୍ରମା ହେବ। ଏଥର ଶୋଭାଯାତ୍ରାରେ ମାଲକାନଗିରିର କୋୟା ନୃତ୍ୟ, ଫୁଲବାଣୀର ଆଦିବାସୀ ନୃତ୍ୟ, ବୌଦ୍ଧର ମୟୂର ନୃତ୍ୟ, ନାଗପୁର ଏବଂ ଛତିଶଗଡ଼ର ରେକର୍ଡ ଡ୍ୟାନ୍ସ ସାମିଲ ହେବ ବୋଲି ଜଣାପଡ଼ିଛି। ଚଳିତବର୍ଷ ବର ପିତାମାତା ଭାବରେ କଂସାରୀ ପଡ଼ାର ଅମିତାଭ ନାଗ ଓ ଲଳିତା ନାଗ ଦାୟିତ୍ୱ ତୁଲାଉଛନ୍ତି। କନ୍ୟା ପିତାମାତା ଭାବରେ ରାଧାରାଣୀ ପଡ଼ାର ଲଲାଟେନ୍ଦୁ ଦାସ ଓ ରଞ୍ଜିଲତା ଦାସ ଦାୟିତ୍ୱ ବହନ କରିବେ।

ସେହିଭଳି ସାଗର ପଡ଼ା ଶୀତଳ ଷଷ୍ଠୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ ୪୭ ତମ ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମ ପାଳନ କରାଯିବ। ବାଲୁଙ୍କେଶ୍ୱର ବାବାଙ୍କ ଲୋକାଚାର ପିତାମାତା ଭାବରେ ରୁଗୁପଡ଼ିପଡ଼ାର ପ୍ରଭାସ ପଟ୍ଟନାୟକ ଓ ଅଭିସ୍ମା ବହିଦାର ରହିଥିବାବେଳେ ମାତା ପାର୍ବତୀଙ୍କ ପିତାମାତା ଭାବରେ ରାଧାରମଣ ବଗର୍ତ୍ତୀ ଓ ସୁଷମା ବଗର୍ତ୍ତୀ ରହିଛନ୍ତି। ଗୁରୁବାର ଭଗବାନ ଲୋକାଚାର ପିତାମାତାଙ୍କ ଘରକୁ ଆସିବେ ଏବଂ ବିବାହ କାର୍ଯ୍ୟ ଆରମ୍ଭ କରାଯିବ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା। ଲୋକେ ଶିବଶକ୍ତିଙ୍କ ଯୁଗଳ ବେଶ ଦର୍ଶନ କରି ଆଶିଷ ଲଭିବା ସହିତ ଶୋଭାଯାତ୍ରାରେ ସାରା ସହର ଦୁଲୁକିବ।

## ଅଭିନେତ୍ରୀ ପ୍ରାଚୀ ପାଣିଗ୍ରାହୀଙ୍କୁ ‘ଶିଳ୍ପୀ ସମ୍ମାନ’




**କଣ୍ଟାବାଞ୍ଜି, ୨୮।୫(ସମିସ):** ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡ଼ିର ଅଭିନେତ୍ରୀ ତଥା ଆଇନଜୀବୀ ପ୍ରାଚୀ ପାଣିଗ୍ରାହୀଙ୍କୁ ଓଡ଼ିଶା ପତ୍ରକାର ସଂଘ ଶିଳ୍ପୀ ସମ୍ମାନରେ ସମ୍ବର୍ଦ୍ଧିତ କରିଛି। ରବିବାର ଓଡ଼ିଶା ପତ୍ରକାର ସଂଘ, ବଲାଙ୍ଗୀରର ବାର୍ଷିକ ଉତ୍ସବ କଣ୍ଟାବାଞ୍ଜିସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିବା ବେଳେ ଏହି ଅବସରରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଚୀ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚରେ ତାଙ୍କ ନୃତ୍ୟ ପରିବେଷଣ କରିଥିବାବେଳେ ଅଭିନେତ୍ରୀ ଭାବରେ ତାଙ୍କ ଅଭିନୟ ଜରିଆରେ ଲୋକପ୍ରିୟତା ହାସଲ କରିଛନ୍ତି। ପେସାରେ ସେ ଜଣେ ଆଇନଜୀବୀ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ପ୍ରାଚୀ ବେଶ ଆଗ୍ରହ ପ୍ରକାଶ କରିଥାନ୍ତି। ପ୍ରାଚୀ ଜଣେ ନୃତ୍ୟଶିଳ୍ପୀ ଭାବରେ ବେଶ ପରିଚିତ ହୋଇ ପାରିଥିବାରୁ ଓଡ଼ିଶା ପତ୍ରକାର ସଂଘ ତାଙ୍କୁ ଶିଳ୍ପୀ ସମ୍ମାନ ପ୍ରଦାନ କରିଛି। ପ୍ରାଚୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କର୍ଲାବାହେଲି ଝାଙ୍କରପଡ଼ାରେ ଜଳସଙ୍କଟ

**ତୁରେକେଲା, ୨୮।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ହିଆଲ୍ ପଞ୍ଚାୟତ କରଲାବାହେଲି ଗାଁ’ର ଝାଙ୍କରପଡ଼ାରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ବିଶୁଦ୍ଧ ପାନୀୟ ଜଳ ମୁନ୍ଦେ ପାଇଁ ଗାଁ ଲୋକେ ଡହଳବିକଳ ହେଉଛନ୍ତି। ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ଦୀର୍ଘ ଦିନରୁ ଏହା ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ଗାଁ’ରେ ଏକ ସୋଲାର ଚାଳିତ ପମ୍ପ ଅଛି, କିନ୍ତୁ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଛି। ଯାହା ଫଳରେ ଗାଁ’ର ମହିଳାମାନେ ପାଣି ଆଣିବା ପାଇଁ କୂଅ ପୋଖରୀକୁ ଯିବାକୁ ପଡୁଛି। ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଗାଁ’ର ପିଇବା ପାଣି ସମସ୍ୟା ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ତୁରେକେଲା ବିଡିଓଙ୍କୁ ପଚାରିବାରୁ ସେ ଶୀଘ୍ର ପିଇବା ପାଣି ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।



## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

**ବଲାଙ୍ଗିର, ୨୮।୫(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଚନ୍ଦନଭାଟି ଫାଣ୍ଡି ସାଲେପାଲି ଗ୍ରାମରେ ବଜ୍ରପାତରେ ଜଣେ ନାବାଳିକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ମାନସୀ ବରିହା ଓ ହେବୋ ବରିହା ୧୫ ବର୍ଷର ଝିଅ ମାଖନ ବରିହା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ଣରେ ମାଖନ ବରିହା ଶୌଚ ହେବାପାଇଁ ଘର ବାରିପଟକୁ ଯାଇଥିଲେ। ଏହି ସମୟରେ ଜୋରରେ ପବନ ବହିବା ସହିତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## କଅଁସର ପିଚୁ ରାସ୍ତା ନିମ୍ନମାନର ଅଭିଯୋଗ

**ସଇଁତଳା, ୨୮।୫(ସମିସ):** ସଇଁତଳା ବ୍ଲକ କଅଁସର ଗ୍ରାମରୁ ଡଙ୍ଗରମୁଣ୍ଡା ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିମି ରାସ୍ତାଟି ପିଚୁ କାମ କରାଯାଇଛି। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ରାସ୍ତା କଡ଼ରେ ମାଟି ପୋତିବାକୁ ଯାଇ ରାସ୍ତା ଅଧା ପୋତି ଦିଆଯାଇଛି। ଯାହାଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥିବା ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏଥିଯୋଗୁଁ ଗ୍ରାମବାସୀ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଦୈନିକ ‘ସକାଳ’ରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ମଧ୍ୟ ପ୍ରଶାସନ ଚୁପ ରହୁଥିବାରୁ ସାଧାରଣରେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା କାମ ଅତ୍ୟନ୍ତ ନିମ୍ନମାନରେ ହୋଇଥିବା ଗ୍ରାମବାସୀ ଅଭିଯୋଗ କରୁଥିବାବେଳେ ଯନ୍ତ୍ରୀ ଶ୍ରୀମନ୍ତ ପଣ୍ଡା କାମ ଠିକ ହୋଇଥିବା କହିଛନ୍ତି। ସେହିପରି ଯନ୍ତ୍ରୀ ଉକ୍ତ ରାସ୍ତାରେ ହାଇୱା ଯାଉଥିବାରୁ ରାସ୍ତାର ପିଚୁ ଉଠିଯିବା ସ୍ୱାଭାବିକ ବୋଲି କହିଛନ୍ତି। ଯଦି କାମ ଠିକ୍ ହୋଇଛି ତେବେ ପିଚୁ କିଭଳି ଭାବରେ ଉଠିଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ବିଷୟରେ ବଲାଙ୍ଗିରରେ ଥିବା ଅତିରିକ୍ତ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଅର୍ଚ୍ଚନା ଦେବୀ ଲୋଇସିଂହାର ପ୍ରଥମ ମହିଳା ଜମିଦାର

ବଲାଙ୍ଗିର, ୨୮।୫(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହାର ପ୍ରଥମ ମହିଳା ଜମିଦାରଙ୍କ ରାଜ୍ୟାଭିଷେକ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ପୂଜାବିଧି ଅନୁସାରେ କୁଳ ଦେବତା ବଡ଼ଦେଓଙ୍କ ଆବାହନ କରିବା ପରେ ତାଙ୍କ ଆଶୀର୍ବାଦ ଲାଭ କରି ତାଙ୍କର

**ପରମ୍ପରା ସହ ହେଲା ରାଜ୍ୟାଭିଷେକ**

**ଦାୟିତ୍ୱ ନେବା ପରେ ଗାଁରେ ଶୋଭାଯାତ୍ରା**

**ଲୋକଙ୍କ ସହଯୋଗ କାମନା କଲେ**

ପାଗ ଭିଡ଼ା ପରମ୍ପରା ସମ୍ପନ୍ନ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଗୌନ୍ତିଆ, ଜମିଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ବୁଧବାର ଲୋଇସିଂହା ରାଜବାଟିରେ



ସ୍ଥାନୀୟ ଜମିଦାର ପରିବାର ତରଫରୁ ଅନୁଷ୍ଠିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ୧୯ ତମ ଲୋଇସିଂହା ଜମିଦାର ତଥା ପ୍ରଥମ ଲୋଇସିଂହା ମହିଳା ଜମିଦାର ଭାବେ ଅଭିଷିକ୍ତ ହୋଇଥିଲେ ଅର୍ଚ୍ଚନା ଦେବୀ ସିଂହ ରାଏ। ଅର୍ଚ୍ଚନା ଦେବୀ ହେଉଛନ୍ତି ପୂର୍ବତନ ଜମିଦାର ସ୍ୱର୍ଗତ ଜୟକୃଷ୍ଣ ସିଂ ରାଏଙ୍କ ବଡ଼ ନାତୁଣୀ ତଥା ତାଙ୍କ ବଡ଼ ପୁଅ ସ୍ୱର୍ଗତ ତ୍ରୟମ୍ବ କିଶୋର ସିଂ ରାଏ ଓ ରାଜମାତା ଓଗ୍ନେଶ୍ୱରୀ ସିଂ ରାଏଙ୍କ ବଡ଼ ଝିଅ। ପାଟନା ରାଜ୍ୟ ସମୟରେ ଲୋଇସିଂହା ଜମିଦାରଙ୍କ ପ୍ରଭାବ ରହିଥିଲା। ବଡଦେଓଙ୍କ ଉପାସନା କରିଥିବାରୁ ତାଙ୍କୁ ୨୨ ଖଣ୍ଡ ଗାଁର ଜମିଦାରୀ ପାଟନା ରାଜା ପ୍ରଦାନ କରିଥିଲେ। ଅଞ୍ଚଳରେ ଲୋଇସିଂହା ଜମିଦାର ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ସରଳ ମନୋଭାବ ଯୋଗୁଁ ଲୋକଙ୍କ ସହ ସୁସମ୍ପର୍କ ରହି ଆସିଛି। ଆଜି ବି ଲୋକେ ତାଙ୍କୁ ଜମିଦାର ଭାବେ ସମ୍ମାନ ଦେଉଥିବା ବେଳେ କିଛି ଦିନ ପୂର୍ବରୁ ପୂର୍ବତନ ଜମିଦାର ଜୟକୃଷ୍ଣ ସିଂ ରାଏ ଙ୍କ ଦେହାନ୍ତ ହୋଇଥିଲା। ଏହା ପୂର୍ବରୁ ତାଙ୍କ ବଡ଼ ପୁଅ ତ୍ରୟମ୍ବ କିଶୋର ସିଂ ରାଏ ଓ ବଡ଼ ନାତି ଯୋତେଶ୍ୱର୍ ସିଂ ରାଏଙ୍କ ମଧ୍ୟ ଦେହାନ୍ତ ହୋଇଥିଲା। ଫଳରେ ପରମ୍ପରା ଅନୁସାରେ ଅର୍ଚ୍ଚନା ଦେବୀ ସିଂ ରାଏ ହିଁ ଜମିଦାର ପାଇଁ ଉତ୍ତରାଧିକାରୀ ରହିଥିଲେ। ତେବେ ବୁଧବାର ସେ ଆନୁଷ୍ଠାନିକ ଭାବେ ଏହି ପଦ ମଣ୍ଡନ କରିଛନ୍ତି। ବୁଧବାର ସକାଳୁ ଏଥିପାଇଁ ଆବଶ୍ୟକ ପୂଜାବିଧି ସମ୍ପନ୍ନ କରାଯାଇଥିଲା। ପରେ କୁଳ ଦେବତା ବଡ଼ଦେଓଙ୍କୁ ପୂଜା କରି ଆବାହନ କରାଯାଇଥିଲା। ଆବାହନ ପରେ ତାଙ୍କ ଆଜ୍ଞା ମାଗି ଆଶୀର୍ବାଦ ନେଇ ଅର୍ଚ୍ଚନା ଦେବୀଙ୍କୁ ତାଙ୍କ ମାମୁ ପାଗ ଭିଡ଼ିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆଣି ତାଙ୍କୁ ପିନ୍ଧା ଯାଇଥିଲା। ଏହା ସରିବା ପରେ ନୂତନ ଭାବେ ଅଭିଷିକ୍ତ ଜମିଦାର ଅର୍ଚ୍ଚନା ସିଂ ରାଏଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ନିକଟସ୍ଥ ଅଞ୍ଚଳର ଜମିଦାର, ଗୌଣ୍ଡୱାନା ସମାଜର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିବା ସହ ଅର୍ଚ୍ଚନା ଦେବୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ ଯେ ଅର୍ଚ୍ଚନା ଦେବୀଙ୍କ ପୂର୍ବରୁ ୧୮ ଜଣ ଜମିଦାର ରହି ସାରିଛନ୍ତି। ତେବେ ଅର୍ଚ୍ଚନା ଦେବୀ ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ମହିଳା ଜମିଦାର। ଏହି କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଥିଲା। ଜମିଦାର ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଅଧୀନରେ ଥିବା ୨୨ ଖଣ୍ଡ ଗାଁର ଲୋକଙ୍କ ସହଯୋଗ କାମନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା



ରାଉରକେଲା,୨୮।୫(ସମିସ): ମଙ୍ଗଳବାର ସଂନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରୁ ଏହି ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ମାନସ ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ରବି ରାୟ, ରଶ୍ମି ରଞ୍ଜନ ପାଢୀ, ସବୀର ହୁସେନ, ଗଣେଶ ପ୍ରଧାନ, ଜ୍ଞାନରଞ୍ଜନ ଦାସ, ବାଦଲ ଶ୍ରୀଚନ୍ଦନ, ଆଶିଷ ମହାନ୍ତି, ନଚିକେତା ମହାପାତ୍ର, ଡେଭିଡ୍ ରାଓ, ଶିବୁ ସାହୁ, ପ୍ରବୋଧ ଦାସ, ମନୁ ସାମଲ, ପ୍ରଫୁଲ୍ଲ ପ୍ରଧାନ, ରମେଶ ଗୁପ୍ତା, ଧୁଷା ନାୟକ, ବିଶ୍ୱନାଥ ବାରିକ୍, ରଘୁ ଦାସ, ଖଦାଳ ସେଠି, ରଂଜିତା ମଲ୍ଲିକ, ବସନ୍ତ ସାମଲ, ବନମାଳୀ ବିଭାର, ଦିବାକର ଦିପ୍, ସଙ୍ଗୀତା ଲାକ୍ରା, ରୁକସାନ ବେଗମ୍, ଝରଣା ତ୍ରିପାଠୀ, ଧର୍ମା ନାୟକ, ପ୍ରତାପ ନାୟକ, କାହ୍ନୁ ବିଶୋଇ, ଏମ୍‌ଡି ହେଜଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବାରୁଦ ବୋଝେଇ ଟ୍ରକ୍ ଲୁଟ୍ ପରେ ମାଓ ଉପଦ୍ରବ ଅଞ୍ଚଳରେ କୋକୁଆ ଭୟ

# ମାଓ ଇଲାକାରେ ନ ଥିଲା ସୁରକ୍ଷା ବ୍ୟବସ୍ଥା

ରାଉରକେଲା,୨୮।୫(ସମିସ):

ସୁନ୍ଦରଗଡ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଳକଟା ଜଙ୍ଗଲରେ ୩୦ରୁ ୪୦ ସନ୍ଦିଗ୍ଧ ସଶସ୍ତ୍ର ମାଓବାଦୀ ଏକ ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିବା ଘଟଣା ରାଜ୍ୟ ପୁଲିସର ନିଦ ହଜେଇ ଦେଇଛି। ଏହି ଘଟଣା ପରେ ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତବର୍ତ୍ତୀ ମାଓ ଉପଦୃତ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି। ଲୁଟ୍ ମିନି ଟ୍ରକରେ ୫ ଟନ ଓଜନର ବିସ୍ଫୋରକ ସାମଗ୍ରୀ ରହିଥିବାରୁ ଏହା କମ୍ବିଂ ଅପରେସନରେ ନିୟୋଜିତ ହେଉଥିବା ପୁଲିସ ଓ ଯବାନଙ୍କ ପାଇଁ କେତେ ଘାତକ ହୋଇ ଛିଡା ହେବ ତାକୁ ନେଇ ପୁଲିସର ଚିନ୍ତା ବଢ଼ିଛି। ପଡୋଶୀ ଛତିଶଗଡ଼ ରାଜ୍ୟରେ ପୁଲିସର ବ୍ୟାପକ ମାଓ ସଂହାର ଓ ମାଓବାଦୀଙ୍କ ପୁଲିସ ନିକଟରେ ଆତ୍ମସମର୍ପଣ ପରେ ମାଓ ସଂଗଠନ ପ୍ରତିକ୍ରିୟାଶୀଳ ଓ ପ୍ରତିଶୋଧ ପରାୟଣ ହୋଇ ଓଡିଶା ମୁହାଁ ହେବାର ଏହି ବିସ୍ଫୋରକ ସାମଗ୍ରୀ ଲୁଟ ଘଟଣା ଏକ ଟ୍ରାଏଲର ନୁହେଁ ତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୁଲିସ ଆଇଜି ଅପରେସନ ଡକ୍ଟର ଦୀପକ କୁମାରଙ୍କ ରାଉରକେଲାକୁ ମାରାଥନ ଗସ୍ତ କରି ଘଟଣାର ସମୀକ୍ଷା କରି ଫେରିଥିବା ବେଳେ ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋଠାରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀକୁ ପଥର ଖାଦାନରେ ବିସ୍ଫୋରଣ ପାଇଁ ବିସ୍ଫୋରକ ପ୍ରଦାନ ପାଇଁ ୨୦୨୨ ଏପ୍ରିଲ ମାସରୁ ୨୦୨୭ ଏପ୍ରିଲ ମାସ ପର୍ଯ୍ୟନ୍ତ ଅନୁମତି ମିଳିଥିଲା। ସୁତରାଂ ଗତ ୩ ବର୍ଷ ଧରି ରାଉରକେଲାରୁ ଉକ୍ତ ପଥର ଖାଦାନରୁ ନିୟମିତ ଭାବେ ବିସ୍ଫୋରକ ସାମଗ୍ରୀ ଯାଉଥିଲା। ୨୦୦୯ ମସିହାରେ ରାଉରକେଲାରୁ କୋଇଡା ଅଭିମୁଖେ ଯାଉଥିବା ୮ ଟନ ବୋଝେଇ ଏକ ଟ୍ରକକୁ ମାଓବାଦୀମାନେ ଲୁଟି ନେଇ ଝାଡଖଣ୍ଡ ରାଜ୍ୟକୁ ନେଇ ଯାଇଥିଲେ ଏବଂ ଉକ୍ତ ରାତିରେ କୋଇଡା ଥାନା ସବଇନିସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ବନ୍ଧୁକ ମୁନରେ ଅପହରଣ କରି ଅତ୍ୟନ୍ତ ବର୍ବୋରଚିତ ଭାବେ ବନ୍ଧୁକ ବଟ୍‌ରେ ଛେଚି ହତ୍ୟା କରିଥିଲେ। ଯାହାକି ସେତେବେଳେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିଲା।

**■ ୨୦୨୨ରୁ ବାଙ୍କୋ ଖଣିକୁ ଯାଉଥିଲା ବିସ୍ଫୋରକ ସାମଗ୍ରୀ**
**■ ପୁଲିସ ଗୁଇନ୍ଦା ବିଭାଗର କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ**

ଏହାପରେ ମଧ ୨୦୦୨ ମସିହାରୁ ମାଓ ଉପଦ୍ରୁତ ଇଲାକା ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣିକୁ ବିନା ସୁରକ୍ଷାରେ ବିସ୍ଫୋରକ ସାମଗ୍ରୀ ପଠାଯାଉଥିବା ଜଣାପଡ଼ିଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ସ୍ଥଳେ କେ. ବଲାଙ୍ଗ ଥାନା ପୁଲିସ କିପରି ମାଓ ଇଲାକାରେ ଏହି ବିସ୍ଫୋରକ ସାମଗ୍ରୀ ଯିବା ପାଇଁ ଅନୁମତି ଦେଇଥିଲେ ତାହା ମଧ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ଦୀର୍ଘଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ମାଓ ନକ୍ସଲ ସକ୍ରିୟ ରହିଥିଲେ ମଧ ବିସ୍ଫୋରକ ଭଳି ଜିନିଷ ବିନା ସୁରକ୍ଷାରେ କେମିତି ଯାଉଥିଲା, ପୁଲିସ ଗୁଇନ୍ଦା ବିଭାଗ ନିକଟରେ ଏ ସୂଚନା ଥିଲା କି ନାହିଁ, ଯଦି ଥିଲା ତାହେଲେ ପୁଲିସ ଏଭଳି ବିସ୍ଫୋରକ ଚାଲାଣକୁ କିପରି ହାଲୁକା ଭାବେ ନେଇଥିଲା ଇତ୍ୟାଦି ଅନେକ ଅସମାହିତ ପ୍ରଶ୍ନ ଏବେ ତଦନ୍ତକାରୀ ଅଧିକାରୀଙ୍କ ଚିନ୍ତା ବଢାଇ ଦେଇଛି। ଅପରପକ୍ଷେ ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ କେ. ବଲାଙ୍ଗ ଥାନା ମାଓ ହିଂସା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ଥାନା ହୋଇଥିବା ବେଳେ ଉକ୍ତ ଥାନା ଦାୟିତ୍ୱରେ ଅନେକ ସମୟରେ ଜଣେ ସବ୍‌ଇନ୍ସପେକ୍ଟର ରହୁଛନ୍ତି। ସେଠାରେ ରହିଥିବା ସିଆରପିଏଫ କ୍ୟାମ୍ପକୁ ମଧ ବହୁ ଦିନ ହେବ ପ୍ରତ୍ୟାହାର କରି ନିଆଯାଇଛି। ଡିଭିଏଫ ଓ ଏସପିଓମାନଙ୍କୁ ମଧ ପ୍ରତ୍ୟାହାର କରି ନିଆଯାଇଛି। ସଂପ୍ରତି ସମ୍ଭାବ୍ୟ ମାଓ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳର ସୁରକ୍ଷାକୁ ବଢାଇବାକୁ ଦାବି ହୋଇଛି।

## କେସିଙ୍ଗା ଡାକ୍ତରଖାନାରେ ସିବିସି ଟେଷ୍ଟ ବନ୍ଦ

କେସିଙ୍ଗା, ୨୮ ।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଡାକ୍ତରଖାନାର ସମସ୍ୟା ସମ୍ପର୍କରେ ବାମର୍ୱାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଉଛି; ହେଲେ ଏଥିରେ କୌଣସି ସୁଧାର ଆସୁନି। କେତେବେଳେ ସଫାସୁତୁରାକୁ ନେଇ ପ୍ରଶ୍ନଉଠିଛି ତ କେତେବେଳେ ଡାକ୍ତରମାନେ ରୋଗୀଙ୍କୁ ଭଲ ବ୍ୟବହାର କରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଏଠାରେ ୪ ମାସ ହେଲାଣି ସିବିସି ଟେଷ୍ଟ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ ଟେଷ୍ଟ ହେଉ ନ ଥିବା ମାନି ଥିଲେ; କିନ୍ତୁ ୪ ମାସ ନୁହେଁ। ମାସେ ହେବ ଏଥିଲାଗି ଆବଶ୍ୟକ ଥିବା ମେସିନର ତାର ଛିଣ୍ଡି ଯିବାରୁ ଟେଷ୍ଟ ବନ୍ଦ ରହିଛି। କେସିଙ୍ଗାରେ ଏହି ମେସିନର ତାର ମିଳୁନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ସିବିସି ଏହିପରି ଏକ ଟେଷ୍ଟ ଯାହା ୨୦ରୁ ୨୨ ପ୍ରକାର ରକ୍ତ ଟେଷ୍ଟ ହୋଇଥାଏ। ପ୍ରତିଦିନ ରୋଗୀ ମେଡିକାଲ ଆସିଲେ ସିବିସି ଟେଷ୍ଟ କରି ରିପୋର୍ଟ ଆଣିବାକୁ ଡାକ୍ତର କହୁଛନ୍ତି; ହେଲେ ସରକାରୀ ମେଡିକାଲ୍‌ରେ ଟେଷ୍ଟ ନ ହେବାରୁ ଗରିବ ଖଟିଖିଆ ଲୋକମାନେ ବାଧ ହୋଇ ପ୍ରାୟ ୩ ଶହ ଟଙ୍କା ଖର୍ଚ୍ଚ କରି ମେଡିକାଲ ବାହାରେ ଟେଷ୍ଟ କରି ରିପୋର୍ଟ ଆଣୁଛନ୍ତି।

**ତାର ପୋଡ଼ିଯାଇଥିବାରୁ ଚାଲୁନି ମେସିନ**

**ବାହାରେ ଟେଷ୍ଟ ପାଇଁ ୩ଶହ ଟଙ୍କା ପଡୁଛି**

## ସଂଜିତ ସାଂସଦଙ୍କ ଲାଠିକଟା ବ୍ଲକ୍ ପ୍ରତିନିଧି ମନୋନୀତ

ରାଉରକେଲା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ବ୍ଲକ୍‌ରେ ସାଂସଦ ପ୍ରତିନିଧି ଭାବେ ଲାଠିକଟାର ସଂଜିତ ସାହୁଙ୍କୁ ସୁନ୍ଦରଗଡ ଜିଲ୍ଲାର ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ସଂଜିତ ସାଂସଦ ଶ୍ରୀ ଓରାମଙ୍କ ପକ୍ଷରୁ ପ୍ରତିନିଧି ଭାବେ ବ୍ଲକର ସମସ୍ତ ସରକାରୀ ବୈଠକରେ ଯୋଗ ଦେବେ ବୋଲି ଜଣାପଡିଛି।

## ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଅଗ୍ନି ନିର୍ବାପନ ଓ ଉଦ୍ଧାର କୌଶଳ





ରାଉରକେଲା,୨୮।୫(ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ର ଓ ଏଣ୍ଡଜି ୱାର୍ଡ୍‌ରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ଡେପୁଟି ସିଏମ୍‌ଓ ଡା. ମଧୁମିତା ସାହୁ, ଡା. ସୁଶୀଲ କୁମାର ଓ ଡକ୍ଟର ଏ. ମିଞ୍ଜଙ୍କ ସମେତ ଡାକ୍ତରଖାନାର ଅନ୍ୟ ବହୁ ବରିଷ୍ଠ ଡାକ୍ତର, ନର୍ସ, କର୍ମଚାରୀ ଏବଂ ବିଭିନ୍ନ ୱାର୍ଡର ବହୁ ସଂଖ୍ୟକ ରୋଗୀ ଏବଂ ଦର୍ଶକ ଉପସ୍ଥିତ ଥିଲେ। ଏଭଳି ସଚେତନାତକ କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର କର୍ମଚାରୀମାନଙ୍କୁ ସମ୍ଭାବ୍ୟ ଅଗ୍ନି ଜନିତ ବିପଦରେ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ପ୍ରୟୋଗ ଏବଂ ଉଦ୍ଧାର କୌଶଳ ବିଷୟରେ ଅବଗତ କରାଯାଇଥିଲା। ଏଥିରେ ୪ ଜଣ ରୋଗୀ ଏବଂ ଗୋଟିଏ ଶିଶୁ ପାଇଁ ଏକ କାଳ୍ପନିକ ଉଦ୍ଧାରକାଳୀନ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅଗ୍ନିଶମ ଦଳ, ଉଦ୍ଧାରକାରୀ ଦଳ ରୋଗୀଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରଦର୍ଶନ କରିବା ସହିତ ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପରେ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା। ଏହା ବିନୟ ମହାଜନଙ୍କ ନେତୃତ୍ୱ ତଥା ଜେ.ବି ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ଦଳ, ସହାୟକ ପରିଚାଳକ (ଅଗ୍ନିଶମ ସେବା) ବିଭାଗ ସହାୟତାରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇଜିଏଚର ସିନିୟର ପରାମର୍ଶଦାତା ଡା. ରିତା ସୁରିତ ସଂଯୋଜନା କରିଥିଲେ।

## ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ଓ ସହର ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକଙ୍କୁ ଆରଏମଏସ୍‌ର ସାକ୍ଷାତ



ରାଉରକେଲା,୨୮।୫(ସମିସ): ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଆରଏମ୍‌ଏସ୍‌ର ଏକ ଦଳ ନୂତନ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ମାନସ କୁମାର ରଥ ଓ ସହର ପ୍ରଶାସନ ବିଭାଗ ମୁଖ୍ୟ ପ୍ରବନ୍ଧକ ଭାବେ ପଦୋନ୍ନତି ପାଇଥିବା ଟିଜି କାନେକରଙ୍କୁ ସ୍ୱାଗତ କରିବା ସହ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା ମଜଦୂର ସଭାର କର୍ମକର୍ତ୍ତାମାନେ ରାଉରକେଲା ଇସ୍ପାତ କାରଖାନା, ଟାଉନ ମେଣ୍ଟାନାନ୍ସ ଓ ଇସ୍ପାତ ଜେନେରାଲ ହସପିଟାଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଆଇଜିଏଚରେ ଓପିଡି ସେବା ଓ ଆଲଟ୍ରା ସାଉଣ୍ଡ, ସିଟି ସ୍କାନ, ଏମ୍‌ଆର୍‌ଇ ଇତ୍ୟାଦିରେ ଦୈନଦିନ ଦେଖାଦେଉଥିବା ବିଳମ୍ବ ଯୋଗୁଁ ରୋଗୀ ସେବାରେ ବ୍ୟାଘାତ, ରିଙ୍ଗ ରୋଡ ଓ ମୁଖ୍ୟ ରାସ୍ତାରେ ଗୋରୁ ମଇଁଷିମାନଙ୍କ ଅବାଧ ଯାତାୟାତ ଫଳରେ ପ୍ରତ୍ୟେକ ଦିନ ଶ୍ରମିକ କର୍ମଚାରୀମାନେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିବା, ଟାଉନ ମେଣ୍ଟନାନ୍ସ କ୍ୱାର୍ଟର ଗୁଡ଼ିକ ମରାମତି ଓ ରକ୍ଷଣାବେକ୍ଷଣ କରାନଯିବା ଆଦି ଉପରେ ଆଲୋଚନା ହୋଇଥିଲା। ସେହିପରି ଠିକା ଶ୍ରମିକଙ୍କ ନିରାପତ୍ତାକୁ ଧ୍ୟାନ ନଦେଇ କଷଣ ଓ ଶୋଷଣ କରାଯାଉଥିବା ଓ ସ୍ଥାୟୀ ଶ୍ରମିକଙ୍କ ପୂର୍ଣ୍ଣାଙ୍ଗ ମଜୁରୀ ଚୁକ୍ତିନାମା ନହେବା ଯୋଗୁଁ ଦେଖାଦେଇଥିବା ଦରମା ଅସଙ୍ଗତ ଆଦି ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମ ଓ ଆଲୋଚନାରେ ରାଉରକେଲା ମଜଦୂର ସଭାର ଅସିତ୍ ଦାସ, ସିଦ୍ଧେଶ୍ୱର ବଳ, ପତିତପାବନ ଜେନା, ଦିଲ୍ଲୀପ କୁମାର ଜେନା, ପ୍ରମୋଦ ଦାସ, ସତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ସରୋଜ ରାଉଳ, ବିକାଶ ନାୟକ, ବସନ୍ତ ପଲେଇ, ଓକିଲ ମହନ୍ତ ଓ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧୭ରେ ରଜ ରାଜକୁମାରୀ ସିଜିନ-୪ର ଗ୍ରାଣ୍ଡ ଫିନାଲେ




ରାଉରକେଲା,୨୮।୫(ସମିସ): ଗରିମା ପରିବାର ତରଫରୁ ରଜ ରାଜକୁମାରୀ ସିଜିନ - ୪ର ଆସନ୍ତା ଜୁନ୍ ୧୭ରେ ଦିନ ଗ୍ରାଣ୍ଡ ଫିନାଲେ ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଅନୁଷ୍ଠାନ ତରଫରୁ ସେକ୍ଟର-୨ ସ୍ଥିତ କମ୍ୟୁନିଟି ସେଣ୍ଟର୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗରିମାର ଅଧକ୍ଷା ନିହାରିକା ବସ୍ତିଆ, ଉପାଧକ୍ଷା ପ୍ରଣତୀ ଜେନା, ସଭାପତି ମମତା ନାଏକ, ଉପସଭାପତି ରେବତୀ ବାରିକ, ସାଧାରଣ ସମ୍ପାଦିକା ଶର୍ମିଳା ରାଜଗୁରୁ ସୂଚନା ଦେଇଥିଲେ। ଏଥିପାଇଁ ଆସନ୍ତା ଜୁନ୍ ୭ ତାରିଖରେ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ୍‌ଠାରେ ରଜ ରାଜକୁମାରୀ ସିଜିନ - ୪ର ଅଡିସନ ସହ ରଜ ସଜବାଜ, ପୋଡ ପିଠା ଓ ପୁଚିଖେଳ ଆଦି ପ୍ରତିଯୋଗିତାର ଅଡିସନ କରାଯିବ। ରଜ ରାଜକୁମାରୀ ପ୍ରତିଯୋଗୀମାନଙ୍କ ବୟସ ସୀମା ୧୩ ବର୍ଷରୁ ୨୨ ବର୍ଷ ମଧରେ ରଖାଯାଇଛି। ଏଥିରେ ଓଲିଉଡ୍ ଅଭିନେତ୍ରୀ ଇପ୍ସିତା ଅତିଥି ତଥା ବିଚାରକ ଭାବେ ଯୋଗଦେବେ। ଏହି ପ୍ରତିଯୋଗିତା ଗୁଡିକରେ ଶ୍ରେଷ୍ଠ କୃତି ୩ ପ୍ରତିଯୋଗୀଙ୍କୁ ୧୭ ତାରିଖରେ ସିଭିକ ସେଣ୍ଟରଠାରେ ନଗଦ ଅର୍ଥ ସହ ପୁରସ୍କାର ପ୍ରଦାନ କରାଯିବ। ଏହାସହ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ ଯେ, ୧୭ ତାରିଖ ଦିନ ଅତିଥି ଭାବେ ଓଲିଉଡ ଅଭିନେତ୍ରୀ ଭୂମିକା ଦାଶ ଯୋଗଦେବେ। ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଲୋକାଭିମୁଖୀ କରିବା ପାଇଁ ଗରିମା ପରିବାରର ଏଭଳି ପ୍ରୟାସ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦିକା ଡ. ସରିତା ମଲ୍ଲ, କୋଷାଧକ୍ଷ ଶଙ୍କରିନା ପ୍ରଧାନ, ସହ କୋଷାଧକ୍ଷ ସନ୍ତୋଷୀ ମଲ୍ଲିକ, କାର୍ଯ୍ୟକ୍ରମର ଆବାହକ ସିଲି ମହାନ୍ତି ଓ ସହ ଆବାହିକା ଶାନ୍ତିଲତା ବାରିକଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

## ଶକ୍ତି ପରିଚାଳନା ବିଭାଗର ପ୍ରୟାସ

# ଆରଏସ୍‌ପିର ନୂତନ ବୈଷୟିକ ଅର୍ଥନୈତିକ ମାନଦଣ୍ଡ ସ୍ଥାପନ

ରାଉରକେଲା, ୨୮।୫(ସମିସ):



ଶକ୍ତି ପରିଚାଳନା ବିଭାଗ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)କୁ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ବୈଷୟିକ ଅର୍ଥନୈତିକ ମାନଦଣ୍ଡ ସ୍ଥାପନ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ସ୍ଥାୟୀତ୍ୱ ଓ କାର୍ଯ୍ୟକ୍ଷମ ଦକ୍ଷତା ପ୍ରୟାସରେ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରାଇଛି। ଧ୍ୟାନ କେନ୍ଦ୍ରିତ ଏବଂ ରଣନୈତିକ ପଦକ୍ଷେପ ମାଧ୍ୟମରେ, ଆରଏସ୍‌ପି ଅଶୋଧିତ ଇସ୍ପାତ ଟନ ପିଛା ସର୍ବକାଳୀନ ଶ୍ରେଷ୍ଠ ୫.୯୨ ଗିଗା କ୍ୟାଲୋରୀ ଆପେକ୍ଷିକ ଶକ୍ତି ଉପଯୋଗ ହାର ହାସଲ କରିଛି ଏବଂ ୨୦୨୩-୨୪ର ପୂର୍ବ ଶ୍ରେଷ୍ଠ ୫.୯୮୪ ଗିଗା କ୍ୟାଲୋରି ରେକର୍ଡକୁ ଅତିକ୍ରମ କରିଛି। ଏହି ମାଇଲଖୁଣ୍ଟ ଶକ୍ତି ଦକ୍ଷତାରେ ଏକ ପ୍ରମୁଖ ଉନ୍ନତିକୁ ପ୍ରତିଫଳିତ କରେ, ଯାହା କାର୍ବନ ପାଦଚିହ୍ନ ହ୍ରାସ କରିବା ଏବଂ ସ୍ଥାୟୀ ଇସ୍ପାତ ନିର୍ମାଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି। ଇଏମ୍‌ଡିର ପଦକ୍ଷେପ ଯୋଗୁଁ ଏଲଡି ଗ୍ୟାସ ଇଲ୍ଡରେ ଏକ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷର ଅଶୋଧିତ ଇସ୍ପାତ ଟନ ପିଛା ୭୦.୪୧ ଘନମିଟରରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭୫.୮୯ ଘନ ମିଟରରେ ପହଞ୍ଚିଛି। ସେହିପରି, କୋକ୍ ଓଭେନ୍ ଗ୍ୟାସ ଉତ୍ପାଦନ ମଧ ୨୦୨୩-୨୪ ରେ ପ୍ରତି ଟନ୍ ଡ୍ରାଇ କୋକ୍ ପିଛା ୩୧୮ ଘନମିଟରରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୩୨୧ ଘନମିଟରକୁ ବୃଦ୍ଧି ପାଇଛି, ଏବଂ ବର୍ଦ୍ଧିତ ଗ୍ୟାସ ପୁନରୁଦ୍ଧାର ଏବଂ ବ୍ୟବହାରକୁ ପ୍ରତିଫଳିତ କରୁଛି। ଭିତ୍ତିଭୂମି ଅଖଣ୍ଡତା ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ପ୍ରତି ଏହାର ପ୍ରତିବଦ୍ଧତା ସହ ବିଭାଗ ୨୭୬୦ ମିଟର ଗ୍ୟାସ ପାଇପ ଲାଇନଗୁଡ଼ିକର ବଦଳ ମଧ କରିଛି। ଯାହା ପ୍ଲାଣ୍ଟରେ ଗୁରୁତ୍ୱପୂର୍ଣ୍ଣ ଗ୍ରାହକମାନଙ୍କୁ ନିରନ୍ତର ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସୁନିଶ୍ଚିତ କରୁଛି। ବିଭାଗ ନିରନ୍ତର ପ୍ରୟାସ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି କରିବାକୁ ପ୍ରତିବଦ୍ଧ ରହିଛି ତଥା ପ୍ଲାଣ୍ଟର ସ୍ଥାୟୀତ୍ୱ, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟ-ପ୍ରଭାବଶାଳୀତାର ପ୍ରମୁଖ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ କରୁଛି।


## ମାଇଁକୁ ବ୍ଲାକମେଲ୍ କରି ଭଣଜା ଗିରଫ

ଧର୍ମଗଡ଼, ୨୮ ।୫(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଲିମସେର ଗାଁର ଜଣେ ଯୁବକ ତାଙ୍କ ପଡୋଶୀ ମହିଳାଙ୍କୁ ଗିରଫ କରି ବନ୍ଧା ହୋଇଛି। ଅଭିଯୁକ୍ତ ଜଣକ ହେଉଛି ପ୍ରେମାନନ୍ଦ ମେହେର ଓରଫ ପ୍ରେମ (୩୭) ତେବେ ସମ୍ପୃକ୍ତ ମହିଳା ଜଣକ ହିସାବରେ ତାଙ୍କର ମାଇଁ ହେବେ। ଗାଧୁଆ ଘରେ ଗାଧୋଇବା ବେଳେ ପ୍ରେମ ମାଇଁଙ୍କ ଅଜଣାତରେ ମୋବାଇଲରେ ଭିଡିଓ ସୁଟିଂ କରିଥିଲା। ଏହି ଭିଡିଓକୁ ସେ ମହିଳାଙ୍କ ଘରର ସଦସ୍ୟମାନଙ୍କୁ ହ୍ୱାଟ୍ସଆପରେ ବାରମ୍ବାର ପଠଉଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଭାଇରାଲ କରିବାର ଭୟ ମଧ ଦେଖାଇବାକୁ ପଛାଉ ନ ଥିଲା। ଭାଇରାଲ କରିଦେବା ଭୟ ଦେଖାଇ କେତେବେଳେ ସୁନା ଅଳଙ୍କାର ମାଗୁଥିଲା ତ ଆଉ କେତେବେଳେ ଟଙ୍କା ମାଗୁଥିଲା। ଏହା ଅସହ୍ୟ ହେବାରୁ ମହିଳାଙ୍କ ଘର ଲୋକେ ଗୋଲାମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରିଥିଲା। ଶେଷରେ ଅଭିଯୁକ୍ତ ପ୍ରେମ ବନ୍ଧା ହୋଇଛି। ଭିଡିଓ ରେକର୍ଡିଂ କରିବାରେ ବ୍ୟବହୃତ ମୋବାଇଲ ଓ ସିମ କାର୍ଡ ଜବତ ହୋଇଛି।



**ଗାଧୋଇବାବେଳର ଭିଡିଓ ସୁଟିଂ କରି ଭାଇରାଲ ଧମକ ଦେଉଥିଲା**

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

## ଶତ୍ରୁ ମରିନି, ଯୁଦ୍ଧ ସରିନି

ଭାରତ ଓ ପାକିସ୍ତାନ ମଧ୍ୟରେ ୭୮ ଘଣ୍ଟାର ଯୁଦ୍ଧ ଓ ବିରାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁଜରାଟରେ ସଭା ଓ ସମାବେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ଜନସମୁଦାୟକୁ ବିଜୟର ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନକୁ ମଧ୍ୟ ଧମକ ଓ ଚମକ ଦେବାକୁ ସେ ପଛେଇ ନାହାନ୍ତି। ଏହି ସୀମିତ ଯୁଦ୍ଧରେ କାହାର ଜିତ୍ ଓ ହାର ହେଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଉଭୟ ଦେଶ ବିଜୟୋତ୍ସବ ପାଳନ କରୁଛନ୍ତି। ପାକିସ୍ତାନ ମଧ୍ୟ ତାର ସେନାଧ୍ୟକ୍ଷ ଜେନେରାଲ ମୁନୀରଙ୍କୁ ଫିଲ୍ଡମାର୍ଶାଲ ପଦବୀକୁ ପଦୋନ୍ନତି ଦେଇ ବିଜୟ ସନ୍ଦେଶ ଦେଇଛି କହିଲେ ଭୁଲ ହେବ ନାହିଁ। ଆମେ ବିଳମ୍ବରେ ହେଲେ ମଧ୍ୟ ଭାରତରେ ତ୍ରିରଙ୍ଗା ଯାତ୍ରା କରିଛୁ। ତାହାହେଲେ କ'ଣ କହିବା ଯୁଦ୍ଧ ଅମୀମାଂସିତ ରହିଛି? ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ. ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ସେଥିରୁ ସ୍ପଷ୍ଟ ଯେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ସେ ଦେଶର ବାୟୁସେନା ଭିତ୍ତିଭୂମିର ୨ ପ୍ରତିଶତ ଆମ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆମ କ୍ଷୟକ୍ଷତି ସମ୍ପର୍କରେ ଏତିକି କୁହାଯାଇପାରେ ଯେ ପୁଞ୍ଚ ଓ ରଜୌରି ନିକଟସ୍ଥ ନିୟନ୍ତ୍ରଣ ରେଖା ସଂଲଗ୍ନ ଗ୍ରାମ ଉପରେ ହେଇଥିବା ଗୁଳିଗୋଳା ବର୍ଷଣରେ ବେଶ କିଛି ଘରଦ୍ୱାର ଭାଙ୍ଗିଛି ଏବଂ ୨୦ରୁ ଊର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିଛି। ଯୁଦ୍ଧ ବିରତି ଏଥିମଧ୍ୟରେ ୧୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଏ ଯାବତ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

ଏକଥା ସତ ଯେ ବ୍ୟୟବହୁଳ ଯୁଦ୍ଧ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତଥାପି ଦେଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଯୁଦ୍ଧର ବାଧ୍ୟବାଧକତା ରହିଛି। ଦୀର୍ଘ ୩୫ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତ ବିରୋଧରେ ଯେଉଁ ଛାୟା ଯୁଦ୍ଧ ଚଳାଇଆସିଛି ତାହାର ସଠିକ୍ ଜବାବ ଦେବାର ଅଛି। ଉରି ଓ ପୁଲୱାମା ଘଟଣାର ଯଥାର୍ଥ ଉତ୍ତର ଦିଆଯାଇଥିଲେ ମଧ୍ୟ ପହଲଗାମ୍ ଭଳି ନୃଶଂସ ଘଟଣାର ପୁନରାବୃତ୍ତି ଘଟିଲା। ତେଣୁ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଯେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବ ଏକଥା ନୁହେଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଯେଉଁ ଆତଙ୍କୀକେନ୍ଦ୍ରକୁ ଧ୍ୱଂସ କରାଯାଇଛି ବୋଲି ଆମେ ଦାବି କରୁଛୁ, ସେଠାରେ ପୁନଃନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାୟୁ ସେନା କେନ୍ଦ୍ରର କ୍ଷତି ନେଇ ପାକିସ୍ତାନଯେ ବ୍ୟସ୍ତ ବିବ୍ରତ ନୁହେଁ ତାହା ସେମାନଙ୍କ ପରିବର୍ତ୍ତିତ ଆଭିମୁଖ୍ୟରୁ ସ୍ପଷ୍ଟ। ପାକିସ୍ତାନର ଭାରତ ବିରୋଧୀ ରଣନୀତିର ଆତଙ୍କବାଦୀ ଅଂଶବିଶେଷ ହୋଇଥିବାରୁ ତାହାର ପୁନରାବୃତ୍ତି ଘଟିବା ପ୍ରାୟ ନିଶ୍ଚିତ। ଏ କ୍ଷେତ୍ରରେ ଭାରତର ଉତ୍ତରକୁ ଠିକଣା ଜବାବ ଦେବା ସକାଶେ ମଧ୍ୟ ପାକିସ୍ତାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ସମୟ କହିବ ଆଗକୁ କ'ଣ ଘଟିବ। କିନ୍ତୁ ପାକିସ୍ତାନର ଆର୍ଥିକ ସ୍ଥିତି ଯାହା, ସେଥିରେ ଏଭଳି ଏକ ପ୍ରତିଯୋଗିତାପୂର୍ଣ୍ଣ ସାମରିକ ପ୍ରସ୍ତୁତି ପାଇଁ ସେ ଦେଶବାସୀଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ବିଶ୍ୱର କୂଟନୀତି ଓ ଯୁଦ୍ଧନୀତିର ପ୍ରମୁଖ ଅଂଶ ହେଲା ଅସ୍ତ୍ରଶସ୍ତ୍ର ବେପାର। ଭାରତ ଓ ପାକିସ୍ତାନର ସୀମିତ ଯୁଦ୍ଧରେ ଚୀନର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ଯେଉଁ ସୁଯୋଗ ମିଳିଲା ତାହା କେବଳ ଦକ୍ଷିଣ-ଏସିଆ ନୁହେଁ, ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇପଡ଼ିଛି। 'ଜେଏଫ-୧୭ ଥଣ୍ଡର' ଯୁଦ୍ଧ ବିମାନର ବଜାର. ସୃଷ୍ଟି କରିପାରିଛି ଏହି ଯୁଦ୍ଧ। ନିଜସ୍ୱ ଜ୍ଞାନକୌଶଳର ନିର୍ମିତ ଭାରତର ହାଲ୍କା ଯୁଦ୍ଧ ବିମାନ 'ତେଜସ୍' ଏହାର ପ୍ରତିଦ୍ୱନ୍ଦ୍ୱୀ। ସେହିଭଳି 'ବ୍ରହ୍ମୋସ୍' ଓ 'ଆକାଶ' କ୍ଷେପଣାସ୍ତ୍ର ପ୍ରୟୋଗର ସଫଳତା ମଧ୍ୟ ବାସ୍ତବରେ ବଜାର ଚାହିଦା ବଢ଼ାଇଛି। ପର୍ଯ୍ୟବେକ୍ଷକଙ୍କ ମତରେ ଭାରତ ଓ ପାକିସ୍ତାନ ଅପେକ୍ଷା ଯୁଦ୍ଧରେ ସବୁଠାରୁ ଅଧିକ ଲାଭବାନ ହୋଇଛି ଚୀନ। 'ଅପରେସନ ସିନ୍ଦୂର'ର ପରିଣତି ଯାହା ହେଉନା କାହିଁକି ଆମକୁ 'ତେଜସ୍ ଏମ୍‌କେ-୨' ଓ 'ପିନାକ୍' କ୍ଷେପଣାସ୍ତ୍ର ପ୍ରସ୍ତୁତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିମଧ୍ୟରେ ପଞ୍ଚମ ପିଢ଼ି ଯୁଦ୍ଧ ବିମାନ ପ୍ରସ୍ତୁତି ସକାଶେ ଫ୍ରାନ୍ସ ଓ ରୁଷ. ସହ ଯୋଗାଯୋଗରେ ଅଛି ଭାରତ। ଏକଥା ଉଲ୍ଲେଖ କରିବାର କଥା ହେଲା ପ୍ରତିରକ୍ଷା ବାବଦରେ ଆମକୁ ଅଧିକରୁ ଅଧିକ ସାମରିକ ଖର୍ଚ୍ଚ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଧାରାରେ ଶିଥିଳତା ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ।

ଏ ପର୍ଯ୍ୟନ୍ତ ସରକାର ମୁହଁ ଖୋଲିନଥିଲେ ମଧ୍ୟ ଚଳିତ ଯୁଦ୍ଧରେ ରାଫାଲ୍ ଯୁଦ୍ଧ ବିମାନ ଯେ ଆଶାନୁରୂପ ସଫଳତା ଦେଇପାରିନାହିଁ ଏକଥା ସତ। ବଜାର ଦର ଠାରୁ ଅଧିକ ମୂଲ୍ୟ ଦେଇ ଅତିରିକ୍ତ ସରଞ୍ଜାମରେ ସୁସଜ୍ଜିତ ରାଫଲ୍ କ୍ରୟବେଳେ ତାହାର ସିକ୍ରେଟ୍ କୋଡ୍ ହାସଲ ନ କରି ଭାରତ ସରକାର ଫସିଯାଇଛନ୍ତି। 'ବ୍ରହ୍ମୋସ୍' ସମେତ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ଖଞ୍ଜି. ସେହି ଯୁଦ୍ଧ ବିମାନରୁ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାର ସୁଯୋଗରୁ ବଞ୍ଚିତ ହୋଇଛି ଭାରତ। ଏହି ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର କରି ସରକାର ଯେଉଁ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ଦେଶବାସୀଙ୍କ ମନରୁ ଲିଭିନାହିଁ। ନୌବାହିନୀ ସକାଶେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସହ କରିଥିବା ଦ୍ୱିତୀୟ ଚୁକ୍ତିକୁ ଶେଷରେ ଭାରତ ସରକାର ରଦ୍ଦ କରିବା ଭଳି ପରିସ୍ଥିତି ଉପୁଜିଛି। ଏକଥା ସତ ଯେ ବିଫଳତାରୁ ହିଁ ଶିକ୍ଷା ଲାଭ କରିହୁଏ। ଏ ପର୍ଯ୍ୟନ୍ତ ଯୁଦ୍ଧବିମାନ କ୍ରୟ ନେଇ ରୁଷ୍ ଉପରେ ନିର୍ଭର କରିଆସୁଥିବା ଭାରତ ସରକାର ମିଗ୍-୩୦ କ୍ରୟ ନ କରି ହଠାତ୍ ରାଫାଲ୍ ପ୍ରତି ଆକର୍ଷିତ ହେବା ପଛରେ ଅନିଲ୍ ଅମ୍ବାନୀଙ୍କ ଭୂମିକା ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଆପତ୍ତିକୁ ସେତେବେଳେ ଗୁରୁତ୍ୱ ଦିଆଯାଇନଥିଲା। ସେ ଯାହାହେଉ ଏବେ ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ହେବ।

ଏହା ପାକିସ୍ତାନ ସହ ଯୁଦ୍ଧବିରାମ ନେଇ କ'ଣ ପ୍ରାକ୍ ସର୍ତ୍ତ ଥିଲା ତାହା ଏବେ ମଧ୍ୟ ଅସ୍ପଷ୍ଟ। କିନ୍ତୁ ଏହା ସତ ଯେ ଆତଙ୍କବାଦ କାର୍ଯ୍ୟକଳାପ ପୂର୍ବଭଳି ଅପରିବର୍ତ୍ତିତ ରହିବ। କାରଣ ସେମାନେ ହେଉଛନ୍ତି ପାକିସ୍ତାନ ଶାସନ ବ୍ୟବସ୍ଥାର ଅଂଶବିଶେଷ। ସୁଖର କଥା ଯେ ମୋଦୀ ସରକାର କ୍ରମାଗତ ତୃତୀୟ ଥର ସକାଶେ ଆତଙ୍କବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ଭୟାବହ ହେବ। ଉଭୟ ପକ୍ଷର ପ୍ରସ୍ତୁତିରୁ ଏହା ସ୍ପଷ୍ଟ ହେଉଛି। ●

# ସହରୀ ଗଛର ବେସାହାରା ଜୀବନ

**ଡ. ବିଜୟ କେତନ ପଟ୍ଟନାୟକ**

ଭାରତ ସମେତ ସାରା ବିଶ୍ୱରେ ସହରୀକରଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ପୃଥିବୀର ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ଆକଳନ ମୁତାବକ, ୨୦୫୦ ବେଳକୁ ସହରୀ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ୨୦୧୧ ଜନଗଣନା ଅନୁସାରେ, ଆମ ଦେଶରେ ସହର ସଂଖ୍ୟା ଥିଲା ୭,୯୪୫। ୧୯୦୧ ଗଣନା ଅନୁସାରେ, ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦.୮୪ ଥିବା ବେଳେ ସର୍ବଶେଷ ୨୦୧୧ ଜନଗଣନା ଅନୁଯାୟୀ ଏହି ସଂଖ୍ୟା ୩୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସହରବାସୀଙ୍କ ସଂଖ୍ୟା ସେବେ ଥିଲା ୩୭.୭ କୋଟି। ଏବେ ଏହି ସଂଖ୍ୟା ୫୦ କୋଟି ପାର କରି ସାରିବଣି। ସହର ସଂଖ୍ୟା ମଧ୍ୟ ୪୦୦୦ରୁ ଅଧିକ ହେଲାଣି। ଆପାତତଃ ଦେଶରେ ସହରୀକରଣର ହାର ୨୦୦୧ରେ ୨୭.୭ ପ୍ରତିଶତ ଥିଲାବେଳେ, ୨୦୧୧ ବେଳକୁ ୩୧.୧ ପ୍ରତିଶତକୁ ବୃଦ୍ଧି ପାଇଛି।

ବିଗତ ଦୁଇବର୍ଷ ହେଲା 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ ପ୍ରଭାବ (ହିଟ୍ ଆଇଲ୍ୟାଣ୍ଡ ସିଣ୍ଡ୍ରୋମ) ଅନେକ ପ୍ରମୁଖ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ସହରର ତାପମାତ୍ରା ଗ୍ରୀଷ୍ମ ଋତୁରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ରହୁଛି। ହିଟ୍ ଆଇଲ୍ୟାଣ୍ଡ ଉପସର୍ଗ ହେଉଛି, ସହରାଞ୍ଚଳ ଏକ ଛୋଟ ଜଙ୍ଗଲ ବା ଗ୍ରାମାଞ୍ଚଳ। ଗ୍ରୀଷ୍ମ ଋତୁରେ ବାହାରର ତାପମାତ୍ରା ତୁଳନାରେ ସହରର ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଣ୍ଟିଗ୍ରେଡ ଅଧିକ ଅନୁଭୂତ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଗତ ଗ୍ରୀଷ୍ମଋତୁରେ ଏହି ପ୍ରଭାବ ଝାରସୁଗୁଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଅନୁଗୁଳ-ତାଳଚେର ଓ ଭୁବନେଶ୍ୱରରେ ଦେଖିବାକୁ ମିଳିଛି, ଯେଉଁଠି ତାପମାତ୍ରା ବେଳେବେଳେ ୪୫ ଡିଗ୍ରୀକୁ ଟପିଯାଏ।

ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ହାବିଟାଟ ପ୍ରେସକ୍ରିପସନ୍ ହେଉଛି ୩-୩୦.-୩୦୦, ଯାହା ଅତ୍ୟନ୍ତ ଉପଯୋଗୀ। ଏହାର ଅର୍ଥ ହେଲା, ପ୍ରତ୍ୟେକ ବାସଗୃହ, କାର୍ଯ୍ୟସ୍ଥଳୀ, ସ୍କୁଲ ହତା ନିକଟରେ ଅତିକମରେ ତିନୋଟି ପ୍ରାପ୍ତ ବୟସ୍କ ଗଛ ଦେଖିବାକୁ ମିଳୁଥିବ, ଚତୁଃପାର୍ଶ୍ୱରେ ୩୦ଟି ବଡ଼ ଗଛ ଶୋଭା ପାଉଥିବ। ସେହିପରି ପ୍ରତ୍ୟେକ ୱାର୍ଡରେ ୩୦୦ ମିଟର ଚାଲିକରି ବା ସାଇକେଲ୍‌ରେ ଗଲେ ଅଧ ହେକ୍ଟରରୁ ଏକ ଏକର ଆୟତନର ପାର୍କ ବା ସବୁଜ ପ୍ରାନ୍ତରଟିଏ ଥିବ। ମିଳିତ ଜାତିସଂଘ ତରଫରୁ ଘୋଷଣା ହୋଇଥିବା ଏହି ୩-୩୦-୩୦୦ ନୀତି କିପରି ପାଳନ ହେବ ତାହା ବିଚାର୍ଯ୍ୟ। କିଛିବର୍ଷ ପୂର୍ବରୁ ସହରାଞ୍ଚଳରେ ବାସଗୃହଟିଏ ନିର୍ମାଣ କଲେ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନ୍ ଅନୁମୋଦନ କରୁଥିଲେ। ଅନୁମୋଦନ ପତ୍ରରେ ନିର୍ଦ୍ଦିଷ୍ଟ ଥିଲା, ଗୃହ ନିର୍ମାଣ କଲାବେଳେ ଆଗରେ ଦଶଫୁଟ ଏବଂ ପଛପଟେ ଓ ଅନ୍ୟ ଦୁଇପଟେ ପାଞ୍ଚ ଫୁଟ ଲେଖାଏଁ ଯାଗା ଛାଡ଼ିବା ଉଚିତ। ଏବେ ସେ ନିୟମ ବଦଳି ଗଲାଣି। ଆଗରେ ପୂର୍ବଭଳି ଦଶଫୁଟ ଛାଡ଼ିବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ତିନିପଟେ ପାଞ୍ଚଫୁଟ ଛାଡ଼ିବା ନିୟମଟା କମିଯାଇ ତିନିଫୁଟ କରାଯାଇଛି। ସେଥିରୁ ଫୁଟେ ପାଚେରୀ ଚାଲିଗଲେ ଆଉ ରହିବ ମାତ୍ର ଦୁଇଫୁଟ। କହିଲେ ଦୁଇଫୁଟରେ କେଉଁ ବଡ଼ ଗଛ ଲଗାଯାଇପାରିବ, ଯାହା ଭବିଷ୍ୟତରେ ପାଖ ପାଚେରିରୁ ଫଟାଇବ ନାହିଁ?

ନିକଟ ଅତୀତରେ ଆଇ.ଆଇ.ଟି ଭୁବନେଶ୍ୱର, 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ' ସନ୍ଦର୍ଭରେ ଭୁବନେଶ୍ୱର ଉପରେ ଏକ ଅଧ୍ୟୟନ କରିଥିଲେ। ସେମାନଙ୍କ ଅନୁଶୀଳନର ନିଷ୍କର୍ଷ ଥିଲା - ନିକଟସ୍ଥ ଗ୍ରାମାଞ୍ଚଳ ତୁଳନାରେ ଭୁବନେଶ୍ୱର ସହର ଅଧିକ ଉତ୍ତପ୍ତ ହେବାର କାରଣଗୁଡ଼ିକ ହେଲା, ଦ୍ରୁତ ସହରୀକରଣ ଫଳରେ ଗୃହନିର୍ମାଣ ସ୍ଥାନର ବ୍ୟାପକ ବୃଦ୍ଧି, ସହରର ସବୁଜିମା ବା ସବୁଜ ବଳୟ ହ୍ରାସ, ଖୋଲାସ୍ଥାନ କମିଯିବା ଏବଂ ଆର୍ଦ୍ରଭୂମି , ନଦୀ, ନାଳର ପରିସୀମା ସଂକୁଚିତ ହେବା ଇତ୍ୟାଦି। ସହରର ମୁଖ୍ୟ ରାସ୍ତାରୁ ବାହାରିଥିବା ଗଳି ରାସ୍ତାଗୁଡ଼ିକ ସିମେଣ୍ଟ କଂକ୍ରିଟ ବା ପିଚୁ କରିଦେବା ଫଳରେ ଏହା ସୂର୍ଯ୍ୟାଲୋକରୁ ଉତ୍ତାପ ଆହରଣ କରୁଛି। କିନ୍ତୁ ବିକିରିତ ଉତ୍ତାପ ସହରର କୋଠାବାଡ଼ି ଓ ବହୁତଳ ପ୍ରାସାଦ ଭିତରେ ବନ୍ଦୀ ହୋଇ ରହିଯାଉଛି। ବାଷ୍ପୀକରଣ ପ୍ରକ୍ରିୟାରେ ଏହା ବାହାରକୁ ଯାଇପାରୁନାହିଁ। ଗତ ୧୫ ବର୍ଷ ଭିତରେ ଭୁବନେଶ୍ୱରର ସହରୀକରଣ ୮୩ ପ୍ରତିଶତ ବୃଦ୍ଧି ପାଇଛି। ସେହି ପରିମାଣରେ ଅର୍ଥାତ୍ ୮୦ ପ୍ରତିଶତ ସବୁଜିମା ହ୍ରାସ ପାଇଛି। ଆର୍ଦ୍ରଭୂମି ୨ ପ୍ରତିଶତ ଏବଂ ସହର ଚତୁଃପାର୍ଶ୍ୱରେ ଥିବା ଚାଷଜମିର ଆୟତନ ମଧ୍ୟ ୮୩ ପ୍ରତିଶତ ହ୍ରାସ ପାଇଛି।

କେତୋଟି ଉଦାହରଣ ଏଠି ଦିଆଯାଇପାରେ। ଭୁବନେଶ୍ୱର ଦକ୍ଷିଣ ପଟକୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ରାଜରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ଘର, ଦୋକାନ, ବଜାର ଆଦି ଗଢ଼ି ଉଠିଲାଣି। ପଶ୍ଚିମ ପଟେ ଚନ୍ଦକା ପର୍ଯ୍ୟନ୍ତ ଥିବା ଜଙ୍ଗଲ କଟାଯାଇ ବସତି ସ୍ଥାପିତ ହୋଇଛି। ସହର ଭିତରେ ଯାଇଥିବା ରାସ୍ତା ପ୍ରଶସ୍ତକରଣ ନିମନ୍ତେ ପଥପାର୍ଶ୍ୱ ବନୀକରଣରେ ଲାଗିଥିବା ଗଛଗୁଡ଼ିକୁ ବାରମ୍ବାର କଟାଯାଉଛି। ପୂର୍ବେ ଭୁବନେଶ୍ୱରରୁ ବର୍ଷାଜଳ ଓ ଆବର୍ଜନା ନିଷ୍କାସନ ନିମନ୍ତେ ସାତ/ଆଠଟି ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ ଥିଲା। ସେଗୁଡ଼ିକ ଏବେ ପୋତି ହୋଇ ତା' ଉପରେ କୋଠାବାଡ଼ି ନିର୍ମାଣ ହେଲାଣି, ଯାହା ସହରରୁ ଜଳ ନିଷ୍କାସନ ହେବାରେ ଅବରୋଧ ସୃଷ୍ଟି କରୁଛି।

ପ୍ରତିବର୍ଷ ସହରର ମୁଖ୍ୟ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ଗଳି ରାସ୍ତାର ଦୁଇପାର୍ଶ୍ୱରେ ନିମ୍ବ, କରଞ୍ଜ, ଶାଗୁଆନ, ବଉଳ, ଚମ୍ପା ଆଦି ଚିରସବୁଜ ବୃକ୍ଷରୋପଣ କରାଯାଉଛି। କିଛିବର୍ଷ ଖାଲିଥିବା ପ୍ଲଟ୍‌ରେ କେହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ସାମ୍ନାରେ ଥିବା ଗଛଗୁଡ଼ିକୁ କାଟି ଦିଅନ୍ତି। କଥାରେ ଅଛି, 'ଅରକ୍ଷିତକୁ ଦଇବ ସାହା'। କିନ୍ତୁ ଏଠି ରାସ୍ତାକଡ଼ରେ ଲଗାଯାଇଥିବା ଗଛର ସାହା, ଭରସା କେହି ନାହାନ୍ତି। ସେଗୁଡ଼ିକ ସଂପୂର୍ଣ୍ଣ ରୂପେ ବେସାହାର। କେହି ସଚେତନ ନାଗରିକ ଚାହିଁଲେ ବି କିଛି ଫଳ ମିଳେନା। ଧରନ୍ତୁ ଗଛଟିଏ କିଏ କାଟିଦେଲା ଏବଂ ଆପଣ ପୁଲିସକୁ ଫୋନ କରି ଏକଥା ଜଣାଇଲେ। ସେମାନଙ୍କଠାରୁ ଉତ୍ତର ଆସିବ, ଆପଣ ବନବିଭାଗକୁ ଜଣାନ୍ତୁ। ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କୁ ଫୋନ କଲେ, ସେ ମହାଶୟ ସବୁକଥା ଶୁଣିସାରିଲା ପରେ କହିବେ, ବନ ଉନ୍ନୟନ ନିଗମକୁ ରାସ୍ତା କଡ଼ରେ ଗଛ ଲଗାଇବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କୁ ଅବଗତ କରାନ୍ତୁ। ବନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଜଣାଇଲେ ସେ କହିବେ, ଆମେ ଗଛ ଲଗାଇବାର ତିନିବର୍ଷ ପରେ ସେଗୁଡ଼ିକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେଉ। ତେଣୁ ଏବେ ସେମାନେ ହିଁ ଗଛର ମାଲିକ। ମହାନଗର ନିଗମର କ୍ଷେତ୍ର ଅଧିକାରୀଙ୍କୁ ଜଣାଇଲେ ସେ କୁହନ୍ତି, ଗଛ ପାଇଁ ଏଫ.ଆଇ.ଆର୍ ଦାଖଲ ହୋଇ ପାରିବ କି ନାହିଁ ମୋତେ ଜଣାନାହିଁ। ଆପଣ ସମସ୍ତ ବିଷୟ ଲେଖି ଦରଖାସ୍ତଟିଏ ଦିଅନ୍ତୁ। ଆମେ ବିଚାର କରି ନିଷ୍ପତ୍ତି ନେବୁ। କଥା ସେଇଠି ରହିଯାଏ।

ରାସ୍ତା କଡ଼ରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣା ପାଇଁ, ଏପରି ସମସ୍ୟା ସୃଷ୍ଟି ହେବାର ମୂଳ କାରଣ ହେଲା, ଭୁବନେଶ୍ୱର ବା ଅନ୍ୟ ସହର ପାଇଁ ଓଡ଼ିଶାରେ 'ଟ୍ରି-ଆକ୍ଟ' ଟିଏ ନାହିଁ। ଅଥଚ ଦିଲ୍ଲୀ, ଚେନ୍ନେଇ, ମୁମ୍ବାଇ ଓ ବେଙ୍ଗାଲୁରୁ ସହରରେ 'ଟ୍ରି ପ୍ରୋଟେକସନ ବା ପ୍ରିଜରଭେସନ ଆକ୍ଟ' ରହିଛି। ସେ ସବୁ ସହରରେ ରାସ୍ତାକଡ଼ରୁ ଗଛକୁ ଅନିୟମିତ ଭାବେ କାଟିବା ବା କ୍ଷତି ପହଞ୍ଚାଇବା ଦଣ୍ଡନୀୟ।

ଆମେ ସମସ୍ତେ ଜାଣିଛେ, ସହରାଞ୍ଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କେତେ ଜରୁରୀ। ହିଟ୍ ଆଇଲ୍ୟାଣ୍ଡ ପ୍ରଭାବକୁ ରୋକିବା ସହିତ ଏହା ପରିବେଶକୁ ବିଶୁଦ୍ଧ ରଖେ। ଛାୟା ପ୍ରଦାନ କରି ବାତାବରଣକୁ ସୁଶୀତଳ ରଖେ। ବାୟୁରୁ ଧୂଳିକଣା, ସୂକ୍ଷ୍ମ କଣିକାମାନ ଛାଣିନେଇ ପ୍ରଦୂଷଣ ମୁକ୍ତ କରେ। ବୃଷ୍ଟିଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଯାନବାହନ ଚଳାଚଳ କରୁଥିବା ସହରର ରାଜରାସ୍ତାର ଦୁଇପଟେ ୧୦ ମିଟର ଓସାରରେ ଗଛ ଲାଗିଥିଲେ ଶବ୍ଦ ପ୍ରଦୂଷଣ ପାଞ୍ଚ ଡେସିମେଲ୍ ପର୍ଯ୍ୟନ୍ତ କମିଯାଏ। ସହର ଭିତର ଉତ୍ତାପ ଅପେକ୍ଷାକୃତ କମ୍ ରହିବା କାରଣରୁ ଏୟାରକଣ୍ଡିସନ ବ୍ୟବହାର କମିଯାଏ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଏ। ଶକ୍ତି ସଂଚୟ ହୁଏ। ଏହା ଏକ ଚକ୍ରୀୟ ପ୍ରକ୍ରିୟା। ତେଣୁ ଆମ ସହରରେ 'ବେସାହାରା' ଭାବେ ବଢ଼ୁଥିବା ଗଛଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ 'ଟ୍ରି-ପ୍ରିଜରଭେସନ ଆକ୍ଟ' ପ୍ରଣୟନ ଏକାନ୍ତ ଜରୁରୀ। ●

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଗଣନାର ଯୁଗଯନ୍ତ୍ରଣା

**ଧ୍ରୁବ ଚରଣ ଘିବେଲା**

ଆମ ଦେଶରେ ଜନଗଣନା ପ୍ରତି ଦଶବର୍ଷରେ ଥରେ ହୁଏ। ଏଥିରେ ଗାଁରୁ ଆରମ୍ଭ କରି ବ୍ଲକ, ସବ୍‌ଡିଭିଜନ, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ରର ଜନସଂଖ୍ୟା ସାମ୍ନାକୁ ଆସିଥାଏ। ନିର୍ବାଚନ ପାଇଁ ଭୋଟର ଗଣନା ବି ହୁଏ; ୧୮ ଓ ତଦୂର୍ଦ୍ଧ୍ୱ ବୟସର ସାବାଳକଙ୍କୁ ଚିହ୍ନଟ କରାଯାଏ ଭୋଟଦାନର ଅଧିକାର ପ୍ରଦାନ କରାଯିବା ପାଇଁ। ଏହାବାଦ୍ ହାତୀ, ବାଘ, ମଗର ଓ ପକ୍ଷୀ ଗଣନା ବି ହୁଏ। ଥରେ ଦିଲ୍ଲୀରେ କେତେ କାଉ ଅଛନ୍ତି ତା'ର ସବିଶେଷ ତଥ୍ୟ ଜଣାଇବାକୁ ସମ୍ରାଟ ଆକବର ବୀରବଲଙ୍କୁ ଆଦେଶ ଦେଲେ। କେଉଁଠୁ କେମିତି ଗଣନା ଆରମ୍ଭ କରିବେ, ତାହା ଭାବି ଚିନ୍ତାରେ ପଡ଼ିଲେ ବୀରବଲ। କିନ୍ତୁ ତାଙ୍କ ବିଦୂଷୀ ପତ୍ନୀ କହିଲେ ଦିଲ୍ଲୀରେ ସମୁଦାୟ କାଉ ସଂଖ୍ୟା ସାତ ଲକ୍ଷ ଅଶୀ ହଜାର ଅଠେଇଶ। ବୀରବଲ ପଚାରିଲେ, 'ତୁମେ କେମିତି ଜାଣିଲ?' ପତ୍ନୀ କହିଲେ, 'ସେମିତି ଗୋଟେ ସଂଖ୍ୟା ମନରୁ କହିଦେଇଛି। ଏ ଉତ୍ତର ରଖିଲା ପରେ ଆକବର କ'ଣ ଆଉ କାହାକୁ କାଉ ଗଣିବାକୁ କହି ଏ ଉତ୍ତରର ସତ୍ୟତା ପରଖିବେ?' ବୀରବଲ ପୁଣି ପଚାରିଲେ, 'ଯଦି ଗଣନ୍ତି, ଆଉ କାଉ ସଂଖ୍ୟା କମ ବେଶି ହୁଏ?' ବିଦୂଷୀ ପତ୍ନୀ କହିଲେ, ଯଦି ଗଣତି କରନ୍ତି ଏବଂ କିଛି କମ୍ ବେଶୀ ହୁଏ ତେବେ କମ ହେଲେ କହିବ କାଉ କୁଣିଆ ଯାଇଛନ୍ତି, ବେଶି ହେଲେ କହିବ କୁଣିଆ ଆସିଛନ୍ତି।' ବୀରବଲ ପତ୍ନୀଙ୍କ କହିବା ଅନୁସାରେ ରାଜଦରବାରେ ଉତ୍ତର ରଖି ପ୍ରଶଂସାଭାଜନ ହେଲେ।



ବେଳେବେଳେ ଏଭଳି ଅବାନ୍ତର ଗଣନା ପାଇଁ ବଡ଼ବଡ଼ିଆଙ୍କ ମୁଣ୍ଡକୁ ଅଜବ ନିଶା ଘାରେ। ଏବେ ଏଭଳି କେତେ ଯେ ଗଣନା କରାଗଲାଣି, ତା'ର ଇୟତ୍ତା ନାହିଁ। କାହାର ଛୁଆ କେତେ, ଛୁଆ ଭିତରେ ପୁଅ ଓ ଝିଅ ପିଲା ସଂଖ୍ୟା କେତେ ହିସାବ ରଖାଯାଉଛି। ଗାଆଁ ସହର ସାହି ଘର ଘର ବୁଲି ଘରଗଣନା ବି ହେଲାଣି। ଏପରି କି ପରିବାର ସର୍ବେକ୍ଷଣ କରାଗଲାଣି ଏବଂ ପରିବାରରେ କିଏ ଗର୍ଭବତୀ ଅଛନ୍ତି, ତା'ର ତଥ୍ୟ ବି ନିଆଯାଉଛି। ଆଉ କିଛିଦିନ ପରେ ହୁଏତ ଗଛଲତା, ରୋଗୀ ଓ ନିରୋଗୀ ସଂଖ୍ୟା, ସକାରାତ୍ମକ ମଣିଷ, ଭଲ ମଣିଷ, ନିଦା ମଣିଷ, ଅମାନିଆ ମଣିଷ, ଫମ୍ପା ମଣିଷଙ୍କ ସଂଖ୍ୟା ମଧ୍ୟ ଗଣନା ହେବ।

ଏହି ପରିପ୍ରେକ୍ଷୀରେ ଏବେ ସମାଜରେ କବି-ଲେଖକଙ୍କ ସଂଖ୍ୟା ବଢ଼ୁଛି(ହେଲେ ପାଠକଙ୍କ ସଂଖ୍ୟା କମୁଛି)। ଏସବୁ ଯୁଗ ଯନ୍ତ୍ରଣା ସୂଚକ। ଏବେ ଗାଁ-ସହର ସବୁଠି କବି। ସାହିରେ ସାହିରେ କବି। ଘରେ ଘରେ ବି ବାହାରିଲେଣି କବି। ଉଭା ଯେତେ, ପୋତା ସେତେ। ପ୍ରକାଶିତ ଅର୍ଥରେ ଉଭାକୁ ବୁଝନ୍ତୁ ଏବଂ ଅପ୍ରକାଶିତ ଅର୍ଥରେ ପୋତାକୁ ବୁଝନ୍ତୁ। ଆହୁରି ସ୍ପଷ୍ଟ ଶବ୍ଦରେ କହିଲେ ଲେଖାଲେଖି କରି ଯିଏ ଏଠି ସେଠି ଖବରକାଗଜରେ ଅବା ପତ୍ରପତ୍ରିକାରେ ଲେଖା ପ୍ରକାଶିତ କରନ୍ତି ସିଏ ଉଭା ବା ପ୍ରକାଶିତ କବି। ଯିଏ ଲେଖା କେଉଁଠି ପ୍ରକାଶ କରାନ୍ତିନି ସିଏ ପୋତା ବା ପ୍ରକାଶ ଆଢୁଆଳରେ ରହୁଥିବା କବି। କବିସୂର୍ଯ୍ୟଙ୍କ ଭାଷାରେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' ଉକ୍ତିର ଯଥାର୍ଥତା ତଥା ପ୍ରାସଙ୍ଗିକତା ଆଜିର ଦିନରେ ବେଶ ଅନୁଭବ ହୁଏ ଏବଂ ଅନୁଭବ କରାଯାଏ। ପୁଣି କେଉଁଠି ଦେଖାଯାଏ କବିତା ପାଠ ହେଲେ ଶ୍ରୋତାଙ୍କ ସଂଖ୍ୟାଠୁ କବି ଥା'ନ୍ତି ଅଧିକ। ମଞ୍ଚତଳର ଶ୍ରୋତା ମଣିଷଠୁ ମଞ୍ଚ ଉପରେ ଥା'ନ୍ତି ଅଧିକ ମଞ୍ଚମଣିଷ।

କବି ସଂଖ୍ୟା ଦିନକୁ ଦିନ ବଢ଼ୁଛି, ଏ କଥା ଖାଲି ଅନୁମାନ କରି କୁହାଯାଉନାହିଁ। ଏହା କୁହାଯାଉଛି, ପ୍ରତ୍ୟକ୍ଷରେ ଦେଖି ଯେ ସାହିତ୍ୟସଭାରେ ଅର୍ଦ୍ଧଶତକ, ଶତକ, ଦ୍ୱିଶତକ କବିଙ୍କୁ ପୁଣି ଗୋଟେ ଦିନରେ ଗୋଟେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି। ଯେଉଁଠି ଶହଶହ କବିଙ୍କୁ ପୁରସ୍କାର ଦିଆଯାଏ, ସେଠି ଜଣ ଜଣକର ମାନପତ୍ର ପଠନ କରିବା ଆଉ ସମ୍ଭବ ହୋଇ ନଥାଏ। ଖାଲି ଗୋଟେ ନୀତି ଧରାଯାଏ - ନାଁ ଡକାଗଲେ ମଞ୍ଚକୁ ଆସ, ଆଉ ମାନପତ୍ରଟି ହାତେଇ ନେଇ ଯାଅ। ପୁଣି ଯେଉଁଠି ସାହିତ୍ୟ ସଭା କରାଯାଉଛି, ସେଠି ବି ରହୁଛି କବିତା ପାଠ କାର୍ଯ୍ୟକ୍ରମ। କବିଙ୍କୁ କବିତା ପଢ଼ିବା ସହିତ କବିଙ୍କ ହାତରେ ଧରେଇ ଦିଆଯାଏ ଗୋଟେ ଗୋଟେ ପ୍ରମାଣପତ୍ର।

ଏହା ଗୋଟେ ଧାରା ପାଲଟିଛି କବିଙ୍କୁ ଟାଣିବା ପାଇଁ। କେଉଁଠି କେଉଁଠି ପ୍ରମାଣପତ୍ର ସହିତ ଦିଆଯାଏ ଖଣ୍ଡେ ଖଣ୍ଡେ ଗାମୁଛା। ତାହା ହୋଇଯାଏ କବି ହେବାର ଠୋସ ସ୍ୱୀକୃତିପତ୍ର। ଯେଉଁଠି କବି ଅସଲ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଅନ୍ତି ସେଠି ପାଆନ୍ତି ମାନପତ୍ର, ସ୍ମୃତିଫଳକ, ସୁନ୍ଦର ଉତ୍ତରୀୟ। ସାଧାରଣତଃ ପ୍ରମାଣପତ୍ରଠୁ ମାନପତ୍ରର ମାନସମ୍ମାନ ବିବେଚିତ ହୁଏ ଅଧିକ। ଆଜିକାଲି ସବୁଠି କବି ଏତେ ସଂଖ୍ୟାରେ ପୁରସ୍କୃତ ହେଉଛନ୍ତି ଯେ ଏଥିରୁ ସହଜେ ମନେକରାଯାଇପାରେ କବିଙ୍କ ସଂଖ୍ୟା ଆମ ଏଠି ବଢ଼ୁଛି ନିଶ୍ଚୟ। ତେଣୁ କବିଙ୍କ ସଂଖ୍ୟା ଗାଁ, ସହରରେ ପ୍ରକୃତରେ କେତେ ରହିଛି, ସେ କଥା ଜାଣିବା ପାଇଁ କବି ଲେଖକ ଗଣନା ହେବା ନିହାତି ଆବଶ୍ୟକ ମନେ ହୁଏ। ସରକାରୀ ହେଉ କି ବେସରକାରୀ ଗଣନା କରାଯାଉ। ସେଥିରୁ ନୂଆ ତଥ୍ୟ ସାମ୍ନାକୁ ଆସିପାରେ। ସେମାନଙ୍କ ଭିତରେ ବି ରହିଥାଇପାରନ୍ତି ଦୁଃସ୍ଥ କବି, ସୁସ୍ଥ କବି, ଅସୁସ୍ଥ କବି, ସବଳ କବି, ଦୁର୍ବଳ କବି, ଚତୁର କବି, ଆଶୁ କବି, ଚାନ୍ଦାଜୀବୀ କବି, ଯୋଗାଡ଼ିଆ କବି, ଯାଦୁଆ କବି, ଗୋଠଛଡ଼ା କବି ଏମିତି କେତେ କଣ! ଏହା ହିଁ ଗଣନାର ବାସ୍ତବ ନିର୍ଯ୍ୟାସ ଆଉ ଆଧୁନିକ ଯୁଗର ଯନ୍ତ୍ରଣା। ●

ବୌଦ୍ଧ, ମୋ: ୯୪୩୭୪୭୮୪୬୬

# ସୃଜନ-ଦୀପ୍ତ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଓ ପାଠକ ମହଲରେ ଏକ ଭ୍ରାନ୍ତ ଧାରଣା ରହି ଆସିଛି ଯେ, ପତ୍ରପତ୍ରିକା ସମ୍ପାଦନା ଏବଂ ସାଂଗଠନିକ କାର୍ଯ୍ୟ ହେଉଛି ସୃଜନଶୀଳତାର ବିକାଶ ପଥରେ ଏକ ପ୍ରତିବନ୍ଧକ। ତେଣୁ ଅନେକ କବି, ଲେଖକ ଏହି ମହତ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଆନ୍ତରିକ ସ୍ୱୀକୃତି ଦେଇପାରନ୍ତି ନାହିଁ। ଯଦି କେହି ଏକ ଉଚ୍ଚାଭିଳାଷ ନେଇ ଏଭଳି କାର୍ଯ୍ୟ ପ୍ରତି ଆକୃଷ୍ଟ ଓ ସଂଶ୍ଲିଷ୍ଟ ହୁଅନ୍ତି, ତେବେ ଅପ୍ରିୟ ହେବା ଆଶଙ୍କାରେ, ଜୀବନ ଅଶାନ୍ତିମୟ ହେବାର ତାଡ଼ନାରେ, ସାହିତ୍ୟ ସାଧନା ବ୍ୟାହତ ହେବାର ଯନ୍ତ୍ରଣା ଭୋଗ କରି ସେଥିରୁ ମୁକ୍ତିର ମାର୍ଗ ଅନ୍ୱେଷଣ କରନ୍ତି। ଅପରପକ୍ଷରେ ସ୍ୱକୀୟ ମୌଳିକ ପ୍ରତିଭା ସତ୍ତ୍ୱେ ଦେଶ, ଜାତି ଓ ସମାଜର ପ୍ରଗତି ସକାଶେ ସମ୍ପାଦନା ଓ ସଂଗଠନ ସହିତ ଅନ୍ତର ସଂଲଗ୍ନ କରି ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦିଅନ୍ତି ଅନେକ ଅସାଧାରଣ ବ୍ୟକ୍ତିତ୍ୱ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ସମୁଚ୍ଚ ସୋପାନର ସମର୍ପିତ ଏକ ବିରଳ ଆତ୍ମା।

ବଡ଼ମ୍ବାରେ ଶିକ୍ଷକ ଭାବରେ କି ଶାନ୍ତିମୟ ଜୀବନ ଅତିବାହିତ ହୋଇଥା'ନ୍ତା ତାଙ୍କର! ଏହାବ୍ୟତୀତ ତାଙ୍କ ପାଣ୍ଡିତ୍ୟକୁ ସାହିତ୍ୟ ସର୍ଜନାରେ ବିନିଯୋଗ କରିପାରିଥା'ନ୍ତେ। ବୁଧ ହଂସ କେଳିସର ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢଳ ଦେବ କି ପ୍ରଖର କିରଣ ତାଙ୍କ ବ୍ୟକ୍ତିତ୍ୱକୁ ଆଭାମୟ କରିଥିବାର ଦୃଶ୍ୟ ଦେଖିଲେ, ତାହା ସିଏ ହିଁ ଅନୁଭବ କରିଥିବେ ସିନା! ଦେବଗଡ଼ରୁ ପଣ୍ଡିତ ବିଦ୍ୟାରତ୍ନଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ନେଇ ଉଦ୍ଭାସିତ ହୋଇଉଠିଲା 'ସମ୍ବଲପୁର ହିତୈଷିଣୀ' ୧୮୮୯ ମଇ ମାସରେ। ଛିନ୍ନ-ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଗୋଟିଏ ସୂତ୍ରରେ ଆବେଗାବଦ୍ଧ କରିବା ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା ନିମିତ୍ତ ଦୁଇଟି ମାତ୍ର ଶବ୍ଦରେ ପ୍ରକାଶ କରିବାକୁ ଗଲେ 'ଓଡ଼ିଆ ଅସ୍ମିତା'ର ଜାଗରଣ ସ୍ୱପ୍ନରେ ବିଦ୍ୟାରତ୍ନ ମହୋଦୟ ଗ୍ରହଣ କରିଥିଲେ ସୁଦୃଢ଼ ନେତୃତ୍ୱ।

ଜଣେ ଜଣେ ମଣିଷ ଏକ ଏକ ବିଶେଷଲକ୍ଷ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି। ବିଦ୍ୟାରତ୍ନଙ୍କ ଆବିର୍ଭାବ ତଦନୁଯାୟୀ କେତେ ଅର୍ଥପୂର୍ଣ୍ଣ ତାହା ନିବିଷ୍ଟ ଚିତ୍ତରେ ଚିନ୍ତା କଲେ ଯେକେହି ଉପଲବ୍ଧି କରିପାରିବେ। ସମଗ୍ର ଓଡ଼ିଶାର ରାଜା, ମହାରାଜା, କବି, ଲେଖକ, ସମାଜସେବୀ - ସମସ୍ତଙ୍କୁ ପରସ୍ପର ସହିତ ସମ୍ବନ୍ଧିତ କରିଦେବାରେ ସେ ଗ୍ରହଣ କରିଥିଲେ ଅଭିନବ ଆନ୍ତରିକତା ବିଚ୍ଛୁରଣ-କ୍ଷମ ସାରସ୍ୱତ ଭୂମିକା। ବିଦ୍ୟାରତ୍ନଙ୍କୁ କିଏ ଅବା ଭାବ-ସମ୍ପ୍ରସାରଣର ମାଧ୍ୟମ ଭାବରେ ନିର୍ଭର କରିନାହାନ୍ତି! ସେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ। 'ସମ୍ବଲପୁର ହିତୈଷିଣୀ'ରେ ତାଙ୍କ ଜୀବନୀ ପ୍ରକାଶ କରିବା ସହିତ ବହୁ କବିତା ସ୍ଥାନିତ କରି ସେ ଓଡ଼ିଶାର କୋଣ ଅନୁକୋଣରେ ତାଙ୍କ ପ୍ରତିଭା ପ୍ରତି ସଜ୍ଜନମଣ୍ଡଳୀଙ୍କ ଶ୍ରଦ୍ଧାନ୍ୱିତ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ଏହାର ଦୃଢ଼ ପ୍ରତିବାଦ କରି କବିତା ଲେଖିବାର ଶକ୍ତିଭେଦୀ ପ୍ରେରଣା ଦେଇଥିଲେ ଗଙ୍ଗାଧରଙ୍କୁ। ବାଲ୍ୟବିବାହକୁ ସମାଜରେ ନିଷିଦ୍ଧ କରିବା, ବିଧବା ବିବାହକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସମାଜ ସଂସ୍କାରମୂଳକ ବାର୍ତ୍ତାର ଗଭୀର ପ୍ରଭାବ ସୃଷ୍ଟି କରିବାରେ ବିଦ୍ୟାରତ୍ନ ମହୋଦୟ ଯେଉଁ ପ୍ରଶଂସନୀୟ ଭୂମିକାରେ ହେଲେ ଅବତୀର୍ଣ୍ଣ ତାହା ଅନେକ ଲୋକଙ୍କ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଦେଇ ପାରିଛି। 'ପରବର୍ତ୍ତୀ ସମୟରେ ସେ 'ଉତ୍କଳ ଦୀପିକା', 'ପ୍ରଜାବନ୍ଧୁ', 'ଉତ୍କଳ ମଧୁପ', 'ଗୁଣ ଦର୍ପଣ' ଆଦିର ସମ୍ପାଦନା କରି ସେ ସୁଖ୍ୟାତି ଅର୍ଜନ କରିବା ସହିତ ଗଞ୍ଜାମ ସମ୍ମିଳନୀ ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ହିଁ ଉତ୍କଳ ସମ୍ମିଳନୀର ଭିତ୍ତି ବୋଲି ଅନୁଭୂତ ହୋଇଛି। 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଭାବରେ ସେ ଯେଉଁ ଅମରତ୍ୱ ଲାଭ କରିଛନ୍ତି ତାହା ବାସ୍ତବିକ ସର୍ବାଦୃତ। ଗଙ୍ଗାଧରଙ୍କ ଆତ୍ମିକ ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଭାବରେ ପ୍ରତିଫଳିତ ହୋଇ ଉଠିଛି 'ବିଦ୍ୟାରତ୍ନଙ୍କ ହିତୈଷିଣୀ'ନାମକ କବିତାରେ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ମଧ୍ୟରେ ପ୍ରାଣସଂଚାର କରିଛନ୍ତି ଆଉ ହିତୈଷିଣୀ ବିଦ୍ୟାରତ୍ନଙ୍କ ଜୀବନକୁ କରି ଦେଇଛି ଗୌରବ ବିମଣ୍ଡିତ।

ଗଙ୍ଗାଧର ସ୍ୱରଚିତ କବିତାରେ ଭାବମୁଗ୍ଧ ହୋଇ ଗାନ କରିଛନ୍ତି - 'ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି, ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି / ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ, ସ୍ଥାପିଦେଲ କାଳଦର୍ପ ଧ୍ୱଂସୀ ଯୂପସ୍ତମ୍ଭ।' ସୃଜନଶୀଳତାର ଅର୍ଥ କେତେ ବ୍ୟାପକ ତାହା ନୂତନ ଭାବରେ ଉପଲବ୍ଧି କରିବାର ସମୟ ସମୁପସ୍ଥିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସିବିଏସଇ ପରୀକ୍ଷାରେ ସିସିଟିଭି ହେରଫେର / ଓଏଭିର ୨ ଅଧ୍ୟକ୍ଷଙ୍କ ସମେତ ୫ ନିଲମ୍ବିତ


**ଭୁବନେଶ୍ୱର,୨୮।୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟର ପରୀକ୍ଷାଫଳ ନ ବାହାରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସଇ) ପକ୍ଷରୁ ଏହାର ତଦନ୍ତ କରାଯାଇ ସିସିଟିଭି ଫୁଟେଜ୍‌ରେ ହେରଫେର୍ କରାଯାଇଥିବା ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟ ଆଧାରରେ ଗତକାଲି ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଆଜି ଅନିୟମିତତାରେ ସମ୍ପୃକ୍ତ ଥିବା ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଦୁଇଜଣ ଅଧ୍ୟକ୍ଷଙ୍କ ସମେତ ମୋଟ୍ ୫ଜଣ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୩୩ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ବରଗଡ଼ ଜିଲ୍ଲାର ବାଘପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ପଦ୍ମପୁର ପବ୍ଲିକ ସ୍କୁଲରେ ହୋଇଥିବା ପରୀକ୍ଷାକେନ୍ଦ୍ରରେ ସମସ୍ତ ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟ ରହିଥିଲା। ପରୀକ୍ଷା ସମୟର ପୂର୍ଣ୍ଣାଙ୍ଗ ସିସିଟିଭି ଭିଡିଓ ସିବିଏସଇ ନିକଟରେ ଦାଖଲ କରିବାର ନିୟମ ଥିଲେ ମଧ୍ୟ ଏହି ଦୁଇ ପରୀକ୍ଷାକେନ୍ଦ୍ର ଏହାକୁ ଅଣଦେଖା କରିଥିଲେ। ଏପରିକି, ବାଘପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିସିଟିଭି ଭିଡିଓ ଆଦୌ ଦାଖଲ କରି ନଥିବା ବେଳେ ପଦ୍ମପୁର ପବ୍ଲିକ ସ୍କୁଲ ପକ୍ଷରୁ ଅସମ୍ପୂର୍ଣ୍ଣ ସିସିଟିଭି ଭିଡିଓ ଦାଖଲ କରାଯାଇଥିଲା। ସବୁ ପରୀକ୍ଷା ହଲ୍‌ରେ ସିସିଟିଭି ଲଗାଯାଇନଥିବା ମଧ୍ୟ ତଦନ୍ତ ବେଳେ ଭୁବନେଶ୍ୱରସ୍ଥିତ ସିବିଏସଇ ଆଞ୍ଚଳିକ କାର୍ଯ୍ୟାଳୟ ଜାଣିବାକୁ ପାଇଥିଲା। ସମସ୍ତ କାଗଜପତ୍ର ଓ ସିସିଟିଭି ଭିଡିଓ ଯାଞ୍ଚ କରିବା ପରେ ସମୁଦାୟ ୧୧୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୩ଶହ ଅର୍ଥାତ୍ ୨୫% ପିଲାଙ୍କୁ ଦୋଷମୁକ୍ତ କରି ସେମାନଙ୍କ ପରୀକ୍ଷାଫଳ ବାହାର କରିଥିଲା। ଅବଶିଷ୍ଟ ୮୮୫ ଜଣ ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ସହ ଜୁଲାଇ ୧୫ରେ ହେବାକୁ ଥିବା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ ପୁନର୍ବାର୍ଷିକ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

**୩୩ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍**
**ସିସିଟିଭି ଦେଇ ନ ଥିଲେ; ଅନିୟମିତତା ଧରିଲା ସିବିଏସଇ**

ସିବିଏସଇର କଡ଼ା ପଦକ୍ଷେପ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ସେମାନଙ୍କ କହିବା କଥା, ସିସିଟିଭି ଦାଖଲ ନ କରିବା କିମ୍ବା ଅସମ୍ପୂର୍ଣ୍ଣ ସିସିଟିଭି ଫୁଟେଜ୍ ଦେବା ପାଇଁ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କ ସମେତ କର୍ତ୍ତୃପକ୍ଷ ଦାୟୀ। ହେଲେ ପିଲାମାନଙ୍କୁ ଫେଲ୍ କରିବା ସେମାନଙ୍କ କ୍ୟାରିଅରକୁ ପ୍ରଭାବିତ କରିଛି। କିଛି ପିଲା ପରୀକ୍ଷାରେ ଭଲ କରିଥିଲେ ମଧ୍ୟ ଫେଲ୍ ହୋଇଥିବାରୁ ବିଷାଦଗ୍ରସ୍ତ ରହିଛନ୍ତି। ତେଣୁ, ଏହାର ପୁନଃବିଚାର କରିବାକୁ ସେମାନେ ଦାବି କରିଛନ୍ତି। ଅପରପକ୍ଷରେ, ସିସିଟିଭି ଯାଞ୍ଚ ପରେ କେଉଁ ଆଧାରରେ ଛାତ୍ରଛାତ୍ରୀଙ୍କୁ ଦୋଷମୁକ୍ତ ଓ ଦୋଷଯୁକ୍ତ କରାଯାଇଛି ସେନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

## କୋଲକାତାରେ ଓଡ଼ିଆ ଯବାନ ସହିଦ



**ଅଳି, ୨୮।୫ (ସମିସ):** କୋଲକାତାରେ କାର୍ଯ୍ୟରତ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଜଣେ ଯବାନ ରାଜକିଶୋର ମହାଳିକ (୫୨) ସହିଦ ହୋଇଛନ୍ତି। ତାଙ୍କ ଘର ଅଳି ଥାନା ଅଧୀନ ଦେମାଳ ପଞ୍ଚାୟତ ଦେମାଳ ଗ୍ରାମରେ। ବୁଧବାର ପୂର୍ବାହ୍ନରେ ରାଜକିଶୋରଙ୍କ ମରଶରୀର ତାଙ୍କ ଭିଟାମାଟି ଅଳିରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବିଏସ୍ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବା ପରେ ଏକମାତ୍ର ପୁଅ ଅବିନାଶ ମହାଳିକ ମୁଖାଗ୍ନି ଦେଇଥିଲେ। ତାଙ୍କ ଦେହାନ୍ତରେ ଅଳି ବିଧାୟକ ପ୍ରତାପ କେଶରୀ ଦେବ, ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସ ବିଧାୟିକା ପ୍ରାର୍ଥୀ ଦେବସ୍ମିତା ଶର୍ମା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାଗ୍ୟ ମହାଳିକ ସହ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ।

# ଅବଶିଷ୍ଟାଂଶ

## ଓଡ଼ିଶାକୁ ୫୦୦ କୋଟି...

ନିର୍ବାଚିତ ହୋଇଥିଲେ ହେଁ କେନ୍ଦ୍ର ନିକଟରେ ଓଡ଼ିଶାର ନାର୍ଯ୍ୟ ଦାବି ବ୍ୟବସ୍ଥିତ ଢଙ୍ଗରେ ଉପସ୍ଥାପିତ ହୋଇପାରୁନଥିବା ହେତୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହା ସତ୍ତ୍ୱେ ଓଡ଼ିଶା ସାଂସଦଙ୍କ ତୁଣ୍ଡ ଖୋଲୁ ନାହିଁ।

କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି। ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

## ନିଯୁକ୍ତି ବୟସ ସୀମା...

ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉପରୋକ୍ତ ୨ ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୂଚନା ଦେଇଛନ୍ତି।

କ୍ୟାବିନେଟ ବୈଠକ ସମାପ୍ତ ହେବା ପରେ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ନିବେଦନ ଆସିଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର କେତେକ ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ରହିଛି, ସେଗୁଡ଼ିକୁ ଛାଡ଼ି ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରିଛନ୍ତି। ଏହାସହ ୟୁନିଫର୍ମ ସେବା ଯଥା ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା, ଆଦିରେ ଶାରିରୀକ ଦକ୍ଷତା ପରୀକ୍ଷା ରହିଥିବାରୁ ଏହାକୁ ସର୍ବୋଚ୍ଚ ବୟସସୀମାକୁ ବାଦ୍ ଦିଆଯାଇଛି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଏସସି, ଏସଟି, ଏସଇବିସି, ଅବସରପ୍ରାପ୍ତ ସୈନିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲଲି ସରକାର କହିଛନ୍ତି। ସେହିପରି ସ୍ୱନ୍ତ୍ର ଏଆଇ ନୀତିକୁ ଅନୁମୋଦନ ଦେଇ ସରକାର କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରାଯିବ। ଯାହା ସରକାରୀ ବିଭାଗମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଓଡ଼ିଶା ଏଆଇ ମିଶନରେ ଦୁଇ-ସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏଆଇ ଟାସ୍କ ଫୋର୍ସ ହୋଇଥିବା ବେଳେ ଅନ୍ୟଟି ଏଆଇ ସେଲ ରହିଛି। ଏହା ବ୍ୟତୀତ ରାଜ୍ୟ ସରକାର ମେଇଟି ଏବଂ ନାସକମ ସହ ସହଭାଗିତାରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶ ଏବଂ କ୍ଷମତା ବିକାଶ ପାଇଁ ସ୍ୱତନ୍ତ୍ର ବାବେ କାମ କରିବ ବୋଲି କୁହାଯାଇଛି। ସେହିପରି ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଏମ/ଏସ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ ସପକ୍ଷରେ ଅନୁମୋଦନ କରିଛନ୍ତି।

୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସ୍ଥାନୀୟ ବିକାଶ ସହ ପର୍ଯ୍ୟଟନମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସରକାର କହିଛନ୍ତି। କ୍ୟାବିନେଟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ, ୨୦୨୫କୁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ କାର୍ଯ୍ୟରତ ଅଛନ୍ତି। ଏହାସହ ରାଜ୍ୟ ସରକାର ଗତବର୍ଷ ଚକ୍ଷୁଚିକିତ୍ସା ସେବା ସମ୍ବର୍ଗ ଅଧିନରେ ମୂଳ ପଦବୀରେ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଥିଲେ। ବର୍ତ୍ତମାନ ମୂଳ ପଦବୀରେ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ସେବା ସମ୍ବର୍ଗ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ କାର୍ଯ୍ୟ କରୁଥିବା ଯୋଗ୍ୟ ଚକ୍ଷୁ ଚିକିତ୍ସା ସହାୟକମାନଙ୍କର ବୃତ୍ତିଗତ ଜୀବନରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି।

ଅପରପକ୍ଷେ ଜଗତସିଂହପୁର ଜିଲ୍ଲାର ଜଟାଧାର ମୁହାଣଠାରେ ଏକ ନିଜସ୍ୱ ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାର ଏବଂ ଜେଏସଡବ୍ଲ୍ୟୁ ଉକ୍ରଳ ଷ୍ଟିଲ ମଧ୍ୟରେ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଇଛନ୍ତି। ଏହି ଜେଟି ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ବନ୍ଦର ନୀତି, ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବା ନେଇ ଲକ୍ଷ୍ୟ ରଖାଯାଇଛି।

## ଓଡ଼ିଶାରେ ମୌସୁମୀ ...

ଅନୁକୂଳ ପାଗ ଓ ସକ୍ରିୟ ଲଘୁଚାପ କାରଣରୁ ମୌସୁମୀ କ୍ଷିପ୍ର ଗତିରେ ପ୍ରବେଶ କରିଥିବା କୁହାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଏହିସବୁ ସ୍ଥାନରେ ଦୁଇ ଦିନ ହେବ ଭାରି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବାରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାକୁ ମଧ୍ୟ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସଦୃଶ୍ୟ ଲଘୁଚାପରେ ପରିଣତ ହୋଇଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇ ଦିନରେ ମୌସୁମୀ ଆହୁରି ସକ୍ରିୟ ହୋଇ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଉଭୟ ମୌସୁମୀ ଓ ସକ୍ରିୟ ଲଘୁଚାପ ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦୀପରେ ୫୨, ପୁରୀ ୬୨, ଅନୁଗୁଳ ୭୪, ଭବାନୀପାଟଣା ୫୬, ଦାରିଙ୍ଗବାଡ଼ି ୮୨, ନବରଙ୍ଗପୁର ୫୩, କେନ୍ଦ୍ରାପଡ଼ା ୫୮ ଓ ଢେଙ୍କାନାଳରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ବାକି ସବୁ ଅଞ୍ଚଳ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବର୍ଷା ସାଙ୍ଗକୁ ସମୁଦ୍ର ମଧ୍ୟରେ ପବନର ବେଗ ୪୫-୫୫ ଓ ଝଟକା ୬୫ କମି ରହିବାକୁ ଥିବାରୁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗପୋସାଗର ଅଶାନ୍ତ ରହିବ। ତେଣୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ମୌସୁମୀ ଆଗୁଆ ଛୁଇଁବା ନେଇ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଚଳିତ ବର୍ଷ ମୌସୁମୀ ପ୍ରବେଶ ୧୬ ବର୍ଷ ମଧ୍ୟରେ ସବୁଠୁ ସଅଳ ରହିଛି। ତଥ୍ୟ ଅନୁଯାୟୀ, ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ୨ ଥର ମେ' ମାସରେ ମୌସୁମୀ ଓଡ଼ିଶା ଛୁଇଁବାର ନଜିର ରହିଛି। ୨୦୦୯ ମସିହାରେ ଶେଷଥର ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୫ ତାରିଖରେ ଓଡ଼ିଶା ଛୁଇଁଥିଲା। ଏହାପୂର୍ବରୁ ୧୯୯ ମସିହାରେ ମଧ୍ୟ ୨୮ ମେ'ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଏବେ ପୁଣି ଥରେ ମୌସୁମୀ ମେ' ମାସରେ ଓଡ଼ିଶା ଛୁଇଁ ପୁରୁଣା ରେକର୍ଡ ଦୋହରାଇଛି।

## ଧାରଣାରୁ ଖସିଗଲା ୩୦ ଲୁହାପଥର ବଗି



**କୋରାପୁଟ, ୨୮।୫(ସମିସ):** କୋତାବାଲସା-କିରଣ୍ଡୁଲ ରେଲଲାଇନ୍‌ର ଡାଇଡ଼ା ଶିବଲିଙ୍ଗପୁରମ୍ ଓ ଚିମିଡିପାଲି ଷ୍ଟେସନ୍ ମଧ୍ୟରେ ଥିବା ଟନେଲ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ୩୦ରୁ ଅଧିକ ବଗି ଲାଇନ୍‌ଚ୍ୟୁତ ହୋଇଛି। ଏଥିଯୋଗୁଁ କୋରାପୁଟ-ବିଶାଖାପାଟଣା ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବୁଧବାର ସକାଳେ ମାଲବାହୀ ଟ୍ରେନ୍ କିରୋଣ୍ଡୁଲଠାରୁ ଲୁହାପଥର ନେଇ ବିଜୟୱାଡ଼ା ଯାଉଥିବାବେଳେ ଲାଇନ୍‌ଚ୍ୟୁତ ହୋଇଥିଲା। ଏଥିଯୋଗୁଁ ରେଳ ଲାଇନ୍‌ରେ ଥିବା କିଛି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିଲା। କିନ୍ତୁ କେହି ମୃତାହତ ହୋଇନଥିବା ଜଣାଯାଇଛି।

ଅପରପକ୍ଷେ, ଏହି ଅଘଟଣ ଯୋଗୁଁ ବର୍ତ୍ତମାନ କୋରାପୁଟ-ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଛି। ୱାଲଟିୟର୍ ଡିଭିଜନ୍ ଡିଆରଏମ୍‌ଙ୍କ ନେତୃତ୍ୱରେ ବୈଷୟିକ ଟିମ୍ ଓ ଅନ୍ୟାନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବଗିଗୁଡ଼ିକୁ ରେଳଧାରଣାରୁ ହଟାଇବା ସହ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋରାପୁଟ-ବିଶାଖାପାଟଣା ରେଳ ଲାଇନ୍‌ରେ ସ୍ୱାଭାବିକ ସ୍ଥିତିକୁ ଆଣିବା ପାଇଁ ଉଦ୍ୟମ କରାଯାଉଛି।

ଅନ୍ୟପକ୍ଷରେ, କୋରାପୁଟ-ବିଶାଖାପାଟଣା (କେକେ) ଲାଇନ୍‌ରେ ରେଳ ଚଳାଚଳ ବନ୍ଦ ରହିଥିବାରୁ ଆଜି କିରୋଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର୍ ଓ ନାଇଟ୍ ଏକ୍ସପ୍ରେସ୍ କୋରାପୁଟଠାରୁ ରାୟଗଡ଼ା ଦେଇ ଯିବ ବୋଲି ସିନିଅର ଡିଭିଜନାଲ କମର୍ସିଆଲ ମ୍ୟାନେଜର୍ କେ. ସନ୍ଦୀପ ସୂଚନା ଦେଇଛନ୍ତି। ସେହିପରି ଗୁରୁବାର ଦିନ ଯିବାକୁ ଥିବା ବିଶାଖାପାଟଣା କିରୋଣ୍ଡୁଲ ପାସେଞ୍ଜର ଓ ନାଇଟ୍ ଏକ୍ସପ୍ରେସ୍ ସମେତ ପାସେଞ୍ଜର ଟ୍ରେନ୍ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବା କେ.ସନ୍ଦୀପ ସୂଚନା ଦେଇଛନ୍ତି।

## ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭଦ୍ରକ, ୨୮।୫ (ସମିସ):** ଭଦ୍ରକର ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ପ୍ରୟାସକାନ୍ତି ସାମଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରୟାସକାନ୍ତି କହିଛନ୍ତି, କୌଣସି ଦଳରେ ନ ରହି ଲୋକଙ୍କ ସେବା ଜାରି ରହିବ। କମ୍ ବୟସରେ ବିଜେଡି ମୋତେ ଭଦ୍ରକ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ କରିଥିଲା। ମୋ ବାପା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ସାନ ଭାଇ ଏବେ ବିଜେଡିରେ ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।


**ANTARES SYSTEMS LIMITED**
Ph.: 080-40482100/033-46046611
Email: esale@etenderwizard.com
e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.
Auction No's
1) ASL/MCL/DISPOSAL/25-26/04
Auction Date: 02-06-2025
For further information, contact Helpdesk at the above address.
Refer Sale notice for further details.

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 81 dt.13.05.2025 I, PRUTHWIRAJ JENA resident of At/ PO-Raghunathpur, P.S.-Nandankanan, Dist. Khordha, Odisha declare that I have changed my name from PRUTHWI RAJA JENA to PRUTHWIRAJ JENA. Henceforth I shall be known as PRUTHWIRAJ JENA for all purposes.
(PRUTHWIRAJ JENA)

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *Guru Kanteri* S/o- Mangu Kanteri , Village - KhataGoudaput, Post - MaliBelgaon , PS -Nandapur, Dist - KORAPUT declare that I have changed my daughters name from *Dhanasari Kanteri to Dhaneswari Kanteri*. Henceforth, my daughter shall be known as *Dhaneswari Kanteri* for all purpose.
Sd/- *Guru Kanteri*

**AFFIDAVIT**
I, Digambar Muduli, S/o- Sunakar Muduli, resident of Kesarpur, Danapur, Kendrapara, Pin-754210, Odisha declare by this affidavit No- 462, dated-26/05/2025 that now onwards I shall be known as DIGAMBARA MUDULI for all future purposes.

**NOTICE**
By virtue of an affidavit No. 2537, dated 27/05/2025 sworn before The Notary Public, Sunabeda, I, Smt. Jimu Muduli, W/o- Damodara Muduli Vill:- Taintar, PO- Bheja PS- Padwa, Dist.: Koraput declare that I have changed my name from Jimbu Muduli to Jimu Muduli. Henceforth, I shall be known as Jimu Muduli for all purposes.
Jimu Muduli

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri DHANIA GEMAL S/o- *GURU GEMAL*, Village - JANTAPUT, Post - BADEL, PS- PADUA, Dist.- KORAPUT declare that I have changed my daughters name from *Jagani Gemal to JOGINI GEMEL*. Henceforth, my daughter shall be known as *JOGINI GEMEL* for all purpose.
Sd/- Dhania Gemal

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *KAMAL LOCHAN KURUKURIA* S/o- DHANA KURUKURIA, Village - MALIBHIMDOL, Post - BALDA , PS- PADUA, Dist - KORAPUT declare that I have changed my name from *KAMAL LACHHAN KURUKURIYA to KAMAL LOCHAN KURUKURIA*. Henceforth, I shall be known as *KAMAL LOCHAN KURUKURIA* for all purpose.
Sd/- *KAMAL LOCHAN KURUKURIA*

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**AFFIDAVIT**
I, Anushka Agrawal, D/o.: Prakash Kumar Agarwal, Resident of Prafulla Mishra Apartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11532 dtd 27.05.2025 that now onwards I shall be known as ANUSHKA AGARWAL for all future purposes.

**AFFIDAVIT**
I, Prakash Agrawal, S/o.: Late Sanwar Mal Agrawalla, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11536 dtd 27.05.2025 that now onwards I shall be known as PRAKASH KUMAR AGARWAL for all future purposes.

**AFFIDAVIT**
I, Sital Agrawal, W/o.: Prakash Kumar Agarwal, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11533 dtd 27.05.2025 that now onwards I shall be known as SHEETAL AGARWAL for all future purposes.

**AFFIDAVIT**
By virtue of an affidavit sworn before Notary Public, Koraput, dtd. 27.05.2025, I, Danu Majhi resident of Kendumaliguda, Sunabeda, Dist.- Koraput - 763001 declare that I have changed my name from Ddnamati Majhi to danu Majhi. Henceforth I shall be known as Danu Majhi for all purposes.
Sd/- Danu Majhi

**AFFIDAVIT**
I, Hata Kishore Misra, S/o- Late Dinabandhu Mishra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 85, dtd.- 27/05/2025 that now onwards I shall be known as HATA KISHORE MISHRA for all future purposes.

**AFFIDAVIT**
By virtue of an affidavit sworn before Notary Public Titilagarh, dated 27.05.2025 I, Kasturi Devi, Address At-Brahmanipali Jungle, Po-Gajabandh, Ps- S. Rampur, Dist- Subarnapur, Odisha, Pin-767019 declare that I have changed my name from Kasturi Bag to Kasturi Devi. Henceforth, I shall be known as Kasturi Devi for all purposes.
Kasturi Devi

**AFFIDAVIT**
By virtue of an affidavit no. 3854, dtd. 13.05.2025 in the court of the Executive Magistrate, Umerkote, Dist.- Nabarangpur, I, Lachaman Lahra have changed my name from Lachman Kamar to Lachman Lahra. Henceforth I shall be known as Lachaman Lahra for all purposes.
Sd/- Lachaman Lahra

**AFFIDAVIT**
By virtue of an affidavit sworn before Notary Public Titilagarh, dated 24.05.2025 I, Rasmi Tandi, Adress At- Satighat, Turla, Po- Bhatipara, Ps- Titilagarh, Dist- Balangir, Odisha, Pin- 767042 declare that I have changed my daughter's name from Shradha Tandi to Shradhanjali Tandi. Henceforth, she shall be known as Shradhanjali Tandi for all purposes.
Rasmi Tandi

**AFFIDAVIT**
I, Krishna Chandra Rath, aged about 63 years, S/o- Raghunath Rath, resident of Damadarapur, Gop, Siso, Dist- Puri, Pin-752110, Odisha declared by this affidavit No. 1087, dtd- 27/05/2025 that now onwards I shall be known as KRUSHNA CHANDRA RATH for all future purposes.

**AFFIDAVIT**
I, Deepak Chandra Ota, aged about 48 years, S/o- Gobinda Ota, resident of Flat No- 302, Paradise Home, K3b, Kalingaganar, Bhubaneswar, Pin-751003, Odisha declared by this affidavit No. 1088, dtd- 27/05/2025 that now onwards I shall be known as DEEPAK KUMAR HOTA for all future purposes.

**AFFIDAVIT**
I, Jayadeep Achariya, S/o- Nilambar Achariya, resident of At- Ground Floor, Plot No- 261, Forest Park, Ps- Capital, Bhubaneswar, Pin- 751009, Odisha declare that changed my minor daughter's name from Ayushi Acharya To Ayushi Achariya by this affidavit No- 891, dated- 19/04/2025 that now onwards she shall be known as Ayushi Achariya for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I *Kumari Kausalya Padal* D/o- Ghanashyam Padal, Village - Padalput, Post - Balda, PS - Padua, Dist - KORAPUT declare that I have changed my name from *Kaushalya Padal to Kumari Kausalya Padal* . Henceforth, I shall be known as *Kumari Kausalya Padal* for all purpose.
Sd/- *Kumari Kausalya Padal*

**AFFIDAVIT**
I, Sanjukta Misra, W/o- Hata Kishore Misra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 86, dtd.- 27/05/2025 that now onwards I shall be known as SANJUKTA MISHRA for all future purposes.

**NOTICE**
It is for information of all concern that the Partnership Firm namely M/S SAI FOOD PRODUCTS bearing Regn No.- 2420202301436 of Dist.- Nayagarh has been Re-constituted w.e.f. 01-04-2025 as follows:-

| | | |
|---|---|---|
| I) | Rupesh Kumar Agrawalla | Existing Partner-cum-Managing Partner |
| ii) | Rakesh Kumar Behera | Existing Partner |
| iii) | Manoj Kumar Subudhi | Existing Partner |
| iv) | Ashok Kumar Sahoo | Retiring Partner |
| v) | Sunil Kumar Agrawalla | Retiring Partner |

Sd/-
Sri Rupesh Kumar Agrawalla
Managing Partner

# ସିଆର୍‌ପିଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ଭାଇ

ସୁନ୍ଦରଗଡ଼, ୨୮।୫(ସମିସ)

ସୁନ୍ଦରଗଡ଼ସଦର ଥାନା ନବରଙ୍ଗପୁର ଗ୍ରାମର ଏକ ଘରୁ ସିଆର୍‌ପିଙ୍କ ମୃତଦେହକୁ ବୁଧବାର ପୁଲିସ ଜବତ କରିଛି। ମୃତ ସିଆରପି ସୁଜାତା କିସାନ (୩୧) ବୋଲି ଜଣାପଡ଼ିଛି। ତାଙ୍କ ଭାଇ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବନ୍ଧାବାହାଲ ଗ୍ରାମର ସଂକୀର୍ତ୍ତନ କିସାନ ସୁନ୍ଦରଗଡ଼ ପହଞ୍ଚିବା ପରେ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସଂକୀର୍ତନଙ୍କ ଏତଲା ଅନୁଯାୟୀ, ଗତ ୨୦୧୧ ମସିହାରେ ତାଙ୍କ ଭଉଣୀ ସୁଜାତା ମହୁଲପାଲି ଥାନା ନଗାଡିହି ଗ୍ରାମର ପରକ୍ଷୀତ ମାଝୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୩ ବର୍ଷର ଝିଅ ରହିଛି। ସୁଜାତାଙ୍କ ସ୍ୱାମୀ ଗାଡି


ଫାଇଲ୍ ଫଟୋ

ଚାଳକ ଭାବେ କାମ କରୁଥିବାବେଳେ ସେମାନେ ନବରଙ୍ଗପୁରରେ ଘର ତିଆରି କରି ରହି ଆସୁଥିଲେ। ତେବେ କିଛି ବର୍ଷ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟି ପରକ୍ଷୀତ ଅନ୍ୟତ୍ର ରହୁଛନ୍ତି। ଝିଅ ଅଲେଇକେରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଭଉଣୀ ସୁଜାତା ଏଠାରେ ସିଆରପି ଭାବେ କାମ କରୁଥିଲେ। ତାଙ୍କୁ କେହି ହତ୍ୟା କରି ଫେରାର ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ସାଇନଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସୂଚନାଯୋଗ୍ୟ, ମୃତ ସିଆରପିଙ୍କ ଦେହରେ କୌଣସି ଗଭୀର କ୍ଷତ ଚିହ୍ନ ନଥିଲେ ହେଁ ତାଙ୍କ ବେକରେ ସାମନ୍ୟ କ୍ଷତ ରହିଛି। ଅଭିଯୁକ୍ତ ତାଙ୍କ ଗଳା ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ବିଭିନ୍ନ ଦିଗରୁ ଅନୁଧ୍ୟାନ କରାଯାଉଥିବା ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର କହିଛନ୍ତି।

## ଅନ୍ତିମ ସତ୍କାର କଲେ ଶ୍ମଶାନ ବନ୍ଧୁ



ମୃତ ସିଆର୍‌ପି ସୁଜାତାଙ୍କ ଶବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକେ ଶବ ନିଜ ଗାଁକୁ ନେଇ ସତ୍କାର କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ସଦରଥାନା ଅଧିକାରୀ ସୁସ୍ମିତା ଦେବତା ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଶବ ସତ୍କାର ପାଇଁ ସହାୟତା ଲୋଡିଥିଲେ। ଏହାପରେ ସିଦ୍ଧାନ୍ତ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ଶିଶିର କୁମାର ବେହେରା ଓ ଦେବେନ୍ଦ୍ର ସାହୁଙ୍କ ସହ ଶବବାହକ ଗାଡି ଯୋଗେ ରାଣୀ ବଗିଚା ସ୍ଥିତ ସ୍ୱର୍ଗଦ୍ୱାରକୁ ମୃତଦେହ ନେଇ ଥାନା ଅଧିକାରୀଙ୍କ ଉପସ୍ଥିତିରେ ପରମ୍ପରା ଓ ନୀତିନିୟମ ସହିତ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘ ତରଫରୁ ଶବ ସତ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ, କାଠ କର୍ପୁର ଓ ଘିଅ ଯୋଗାଇ ଦିଆଯାଇଥିଲା। ଶ୍ମଶାନ ବନ୍ଧୁମାନଙ୍କର ସ୍ୱେଚ୍ଛାକୃତ ଶବସଂସ୍କାର ଓ ସାମାଜିକ ଦାୟିତ୍ୱବୋଧକୁ ପୁଲିସ ପ୍ରଶାସନ ଓ ଟ୍ରକ୍ ମାଲିକ ସଂଘ ସାଧୁବାଦ ଜଣାଇଛନ୍ତି।

# ମହିଳା କଲେଜକୁ ନାକ୍ ପକ୍ଷରୁ ବି-ଗ୍ରେଡ୍ ମାନ୍ୟତା

ସୁନ୍ଦରଗଡ଼, ୨୮।୫(ସମିସ): ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିଟେସନ୍ କାଉନସିଲ(ନାକ୍) ପକ୍ଷରୁ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଶୈକ୍ଷିକ, ପ୍ରଶାସନିକ ଓ ଭିତ୍ତିଭୂମି ଆଦି ଗୁଣବତ୍ତାକୁ ମୂଲ୍ୟାୟନ କରାଯାଇ ବି' ଗ୍ରେଡର ମାନ୍ୟତା ପ୍ରଦାନ କରାଯାଇଛି। ନାକ୍ ପକ୍ଷରୁ ୨ ଦିନ ଧରି ଅନ୍‌ଲାଇନ ମାଧ୍ୟମରେ ପରିଦର୍ଶନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ମହାବିଦ୍ୟାଳୟର ସାମଗ୍ରିକ କାର୍ଯ୍ୟକଳାପ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ସେହିପରି ଆଇଏନ୍‌ଏସିସଂଯୋଜିକା ଡ. ଭାନୁପ୍ରିୟା ଓ ଆଇକ୍ୟୁଏସି ସଂଯୋଜିକା ଡ. ସଞ୍ଜିତା ଅଭିଜିତାଙ୍କ ନିଜ ଉପସ୍ଥାପନା ଉଚ୍ଚକୋଟୀର ଥିଲା। ମହାବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷା ଡ. ଗଡ଼ନାୟକ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ, ସଞ୍ଚାଳକ ମଣ୍ଡଳର ସଭ୍ୟ, ପୁରାତନ ଛାତ୍ରୀ, ଅଣ କର୍ମଚାରୀ ଓ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୁତ୍ରା ପଞ୍ଚାୟତ ସମିତି ବୈଠକ



କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଭାଗୃହରେ ବୁଧବାର ଏକ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ବିଡିଓ ଯୁଗଳକିଶୋର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଏବିଡିଓ ଲିଲି ସଞ୍ଜିତା ମିଞ୍ଜଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ସରପଞ୍ଚ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହେବା ସହ ବର୍ତ୍ତମାନ ନୂତନ ଭାବରେ ଆସିଥିବା ବିଭିନ୍ନ ପ୍ରୋଜେକ୍ଟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ କାମରେ ବିଲ ହେବାରେ ଅହେତୁକ ବିଳମ୍ବ, ଏନ୍‌ଆରଜିଏଚ୍‌ରେ ଧିର କାମ ଚାଲିଥିବା ନେଇ ଆଲୋଚନା କରାଯାଇଥିଲା। ସରପଞ୍ଚ, ସମିତି ସଭ୍ୟଙ୍କ ଅଜାଣତରେ ଠିକାଦାରମାନଙ୍କୁ କାମ ଦିଆଯାଉଥିବା, ବରିଷ୍ଠ ଯନ୍ତ୍ରୀ ନଥିବାରୁ ଠିକାଦାରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା, ବ୍ଲକରେ ଶୌଚାଳୟ ନିର୍ମାଣ, କାଓ ସେଡ୍ ମିଳୁନଥିବା ଭଳି ବିଭିନ୍ନ ସମସ୍ୟା ଉପରେ ସରପଞ୍ଚ, ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଥିଲେ।

# ଏକାଠି ଜଳିଲା ବାପ, ଝିଅଙ୍କ ଜୁଇ

ବୌଦ୍ଧ, ୨୮।୫(ସମିସ): ବୌଦ୍ଧ ଥାନା ବଘିଆପଡ଼ା-ଶଗଡ଼ା ରାସ୍ତାର ଆମ୍ବୁଝରୀ ପଞ୍ଚାୟତ ଗୌଦିସର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବାପ, ଝିଅଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବୌଦ୍ଧରେ ବ୍ୟବଚ୍ଛେଦ ପରେ ଗାଁରେ ବୁଧବାର ଗାଁରେ ଶବ ପହଞ୍ଚିଥିଲା। ଗଜେନ୍ଦ୍ର ମଲ୍ଲିକ ଓ ତାଙ୍କ ୮ ବର୍ଷର ଝିଅର ଶବ ଗାଁରେ ପହଞ୍ଚିବା ପରେ କାନ୍ଦବୋବାଳି ପଡ଼ିଥିଲା। ଅତିରିକ୍ତ ବିଡିଓ ସୁଦାମ ଚରଣ ସାମଲ, ଟିକରପଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ ଗାଁରେ ମୃତଦେହ ପହଞ୍ଚାଇବାରେ ସହଯୋଗ କରିଥିଲେ। ଗ୍ରାମବାସୀ, ବନ୍ଧୁବାନ୍ଧବ ସହ ଏହି ଦୁଇ ଅଧିକାରୀ ଶ୍ମଶାନରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିଭଳି ଉଭୟ ମୃତକଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି।

# ଦୋକାନରେ ଅଗ୍ନିକାଣ୍ଡ; ଅଳ୍ପକେ ବର୍ତ୍ତିଲେ ବାଳିକା





କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଖତକୁରବାହାଲ ଗ୍ରାମପଞ୍ଚାୟତର ପତ୍ରାପଡ଼ାଠାରେ ଏକ ଦୋକାନ ଗୃହରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଜଣେ ବାଳିକାଙ୍କ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ ଶରିରର ବିଭିନ୍ନ ସ୍ଥାନ ପୋଡିଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ବୁଧବାର ଅପରାହ୍ନ ୩ଟା ସମୟରେ ଖତକୁରବାହାଲ ଗ୍ରାମପଞ୍ଚାୟତର ପତ୍ରାପଡ଼ାଠାରେ ଭକ୍ତା ବରୁଆଙ୍କ ଦୋକାନ ଗୃହରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। ସେହି ସମୟରେ ଦୋକାନ ଗୃହରେ ତାଙ୍କ ଝିଅ ସିମରନ ବରୁଆ ବସିଥିଲେ। ଦୋକାନ ଗୃହ ଭିତରୁ କଳେବଳେ ସିମରନ ବାହାରକୁ ବାହାରି ଯାଇଥିଲେ। ତଥାପି ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡିଯାଇଥିଲା। ତାଙ୍କୁ କୁତ୍ରା ଡାକ୍ତରଖାନାରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଖତକୁରବାହାଲ ପଞ୍ଚାୟତର ସମିତି ସଭ୍ୟା ପୁଷ୍ପା ତୀର୍କି କହିଛନ୍ତି।

# ରାଜସ୍ୱମନ୍ତ୍ରୀଙ୍କ ଭାବନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ସୁନ୍ଦରଗଡ଼, ୨୮।୫(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜଣେ ପ୍ରାକ୍ତନ ଛାତ୍ର ଭାବେ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟ ପରିଦର୍ଶନ ସମୟରେ ତାଙ୍କ ଛାତ୍ର ଜୀବନର ଅଭୁଲା ସ୍ମୃତି ମନେପକାଇଥିଲେ। ଏହି ଉଚ୍ଚ ବିଦ୍ୟାଳୟରୁ ସେ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବା ସହ ଜାତୀୟ ବୃତି ପାଇ ଉଚ୍ଚ ଶିକ୍ଷାଲାଭ କରିଥିବା କହିଥିଲେ। ତତ୍କାଳୀନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବନାମ୍ବର ପଟ୍ଟନାୟକ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି ମତପ୍ରକାଶ କରିଥିଲେ। ପରେ ବିଦ୍ୟାଳୟ ବିକାଶର ଖସଡା ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସଦର ଉପଜିଲ୍ଲାପାଳ ଦାଶରଥି ସରାବ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଶିକ୍ଷକ ବୀର ବିକ୍ରମ ସିଂହ ଦେଓ, ବିଧୁ ଭୂଷଣ ନାୟକ, ଶିକ୍ଷୟିତ୍ରୀ ସୁସ୍ମିତା ଯୋଷୀ, ଅରୁଣା କୁଲୁ, ରାଜ କିଶୋରୀ କେରକେଟା, ମନିଷା ଦୀପ୍ତି ବିଲୁଙ୍ଗ, ପୁରାତନ ଛାତ୍ର ସଂଘ ସଭାପତି ବେଣୁ ମାଧବ ତ୍ରିପାଠୀ, ସଦସ୍ୟା ସଂଯୁକ୍ତା ବହିଦାର ଓ ଅନ୍ୟାନ୍ୟ ପୁରାତନ ଛାତ୍ର ସଂସଦ ସଦସ୍ୟ ଉପସ୍ଥିତ ଥିଲେ।

# ଦେବେନ୍ଦ୍ର ସିଂ ସାଂସଦ ପ୍ରତିନିଧି ମନୋନୀତ



କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ନୂତନ କୁତ୍ରା ବ୍ଲକ ପ୍ରତିନିଧିଙ୍କ ନାମ ଘୋଷଣା ହୋଇଛି। ବିଜେପିର ସ୍ଥାନୀୟ ବରିଷ୍ଠ କର୍ମୀ ଦେବେନ୍ଦ୍ର ସିଂହଙ୍କୁ ତାଙ୍କର ବ୍ଲକ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ସ୍ଥାନୀୟ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କର୍ମୀମାନେ ଦେବେନ୍ଦ୍ର ସିଂହଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁତ୍ରା ବିଜେପି ମଣ୍ଡଳ ସଭାପତି ରାଜେଶ ଲାକ୍ରା, ଖତକୁରବାହାଲ ବିଜେପି ମଣ୍ଡଳ ସଭାପତି ରାମେଶ୍ୱର ସିଂହ, ଜୁନାସ ଲୁଗୁନ, ଫ୍ରାନ୍ସିସ ମିଞ୍ଜ, ଗୋକୁଳାନନ୍ଦ ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବାଲି ଘାଟରେ ଚଢ଼ଉ; ହାଇୱା ଓ ପୋକଲିନ୍ ମେସିନ୍ ଜବତ

ସୁନ୍ଦରଗଡ଼, ୨୮।୫(ସମିସ): ସୋମବାର ବିଳମ୍ବିତ ରାତିରେ ଇବ୍ ନଦୀର କିରିପସିରା ବାଲି ଘାଟରେ ଭଷ୍ମା ଥାନା ପୁଲିସ ଚଢ଼ଉ କରିଛି। ସୁନ୍ଦରଗଡ଼ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିବା ସମୟରେ ଏକ ପୋକଲିନ ମେସିନ୍ ସାହାଯ୍ୟରେ ହାଇୱାରେ ବାଲି ଲୋଡ କରାଯାଉଥିବା ଦେଖିବାକୁ ମିଳିଥିଲା। ପୁଲିସ ପ୍ରକଲିନ୍ ମେସିନ୍ ସହ ହାଇୱାକୁ ଜବତ କରି ଖଣି ବିଭାଗକୁ ସୂଚନା ଦେଇଥିଲା।

# ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ସୁନ୍ଦରଗଡ଼, ୨୮।୫(ସମିସ): ହେମଗିରି ଥାନା ଅନ୍ତର୍ଗତ ବାଙ୍କୀବାହାଲ ଟପରିଆ ରାସ୍ତାର ପୁଷ୍ପା ପେଟ୍ରୋଲ ପମ୍ପଠାରେ ସଡ଼କ ଦୁର୍ଘଟଣାରେ ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛତାବରର ବିଜୟ କିଷାନ ଓ ଶୁଭମ୍ ଭୋଇ। ଉଭୟେ ଏମ୍‌ଏସ୍‌ପିଏଲ୍ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟା ପ୍ରାୟ ୮ ଟା ସମୟରେ ଛତାବରରୁ ଗଏକନପାଳି ସ୍ଥିତ ନିଜ କର୍ମକ୍ଷେତ୍ର କୁ ବିଜୟ ଓ ଶୁଭମ୍ ଯାଉଥିବା ବେଳେ ପୁଷ୍ପା ପେଟ୍ରୋଲ ପମ୍ପରୁ ବାହାରୁଥିବା ଏକ ଟ୍ରଲର(ଓଡି୧୬ ଏ ୬୯୧୫) ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଦୁହେଁ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ବିଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

## ଶଙ୍କରା ବସ୍ତି ଅଞ୍ଚଳ ପ୍ରଶସ୍ତୀକରଣ ବାଟ ଫିଟିଲା

# ଜମି ଅଧିଗ୍ରହଣ ପାଇଁ ପୌରପରିଷଦର ୱାର୍ଡ ସଭା

ସୁନ୍ଦରଗଡ଼, ୨୮।୫(ସମିସ)

ବହୁ ପ୍ରତିକ୍ଷୀତ ସମ୍ବଲପୁର-ସୁନ୍ଦରଗଡ଼-ରାଉରକେଲା (ଏସ୍‌ଏଚ-୧୦) ଚାରିଥାକିଆ ରାସ୍ତାର ଶଙ୍କରା ବସ୍ତି ଅଞ୍ଚଳର ପ୍ରଶସ୍ତିକରଣ ପାଇଁ ବାଟ ଫିଟିଛି। ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜମି ଅଧିଗ୍ରହଣ ନେଇ ପ୍ରସ୍ତାବ ଦେଇଛି। ଏହାପରେ ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ବୁଧବାର ଶଙ୍କରା କଲ୍ୟାଣ ମଣ୍ଡପରେ ଜମି ଅଧିଗ୍ରହଣ ନେଇ ଏକ ୱାର୍ଡ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଚିତାଭଙ୍ଗା ରାଜସ୍ୱ ଗ୍ରାମର ୦.୩୧୮୮ ଏକର ଏବଂ ତାଳଶଙ୍କରା ଗ୍ରାମର ୦.୩୨୮୮୩ ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିବା ସୂଚାଯାଇଥିଲା। ସୂଚନାଯୋଗ୍ୟ, ପ୍ରାୟ



ଏକ ଦଶନ୍ଧି ତଳୁ ଏହି ଚାରିଥାକିଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲେ ହେଁ ସୁନ୍ଦରଗଡ଼ ସହର ଭିତର ଦେଇ ଯାଇଥିବା ରାସ୍ତାର ଶଙ୍କରାଠାରେ ଅଦ୍ୟାବଧି ପ୍ରଶସ୍ତୀକରଣ ହୋଇ ପାରିନାହିଁ। ଏହା ଅଣଓସରିଆ ହୋଇ ରହିଥିବାରୁ ପ୍ରାୟ ସବୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲହୁରାଢିପା ବସ୍‌ଷ୍ଟାଣ୍ଡରୁ ସମ୍ବଲପୁର ପଟେ ଦିନ ବେଳା ବାଇପାସ ରାସ୍ତାରେ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଫଳରେ ସହରବାସୀ ବସ୍‌ଷ୍ଟାଣ୍ଡରୁ ସହର ଭିତରକୁ ଅଟୋରେ ଯିବା ଆସିବା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଲୋକେ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ହେଁ ରାସ୍ତା ପାର୍ଶ୍ୱରେ ବଡବଡ ଦୋକାନ, କୋଠା ବାଡି ଥିବାରୁ ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ସଙ୍କୋଚ ପ୍ରକାଶ କରୁଥିଲା। ତେବେ ବିଳମ୍ବରେ ହେଲେ ମଧ୍ୟ ପୂର୍ତ୍ତ ବିଭାଗ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ତେଜୁଛି ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ଜାନ୍



**ନୂଆପଡ଼ା, ୨୮।୫(ସମିସ):** ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ଅସାମାଜିକ ଯୁବକଙ୍କ ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି କରି ଜିଲ୍ଲା ସାମ୍ବାଦିକ ସଂଘ 'ଜାନ'ତରଫରୁ ନୂଆପଡ଼ା ଏସ୍‌ପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ କେତେକ ଅସାମାଜିକ ଯୁବକ ହାତ ଗୋଡ ବାନ୍ଧି ବର୍ବରତାର ସହ କଙ୍ଗାରୁ କୋର୍ଟ ଚଳାଇଥିଲେ। ଏହି ଘଟଣାକୁ ନୂଆପଡ଼ା ଜିଲ୍ଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ (ଜାନ) ନିନ୍ଦା କରିଛି। ଅଭିଯୁକ୍ତ ଗିରଫ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଦିନକୁ ଦିନ ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢ଼ୁଛି। ତେଣୁ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି। 'ଜାନ' ସମ୍ପାଦକ ରତନ କେତକୀ ଏବଂ ପୂର୍ବତନ ସଭାପତି ମାୟାଧର ସରାଫଙ୍କ ନେତୃତ୍ୱରେ 'ଜାନ୍'ର ଏକ ଟିମ ନୂଆପଡ଼ା ଏସପି ଜି.ଆର. ରାଘବେନ୍ଦ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାନ ପୂର୍ବତନ ସଭାପତି ମାୟାଧର ସରାଫ, ସଂଯୋଜକ ଅଶ୍ୱିନୀ ପାଣିଗ୍ରାହୀ, ପୁରୋହିତ ସୁନାନି, ସଞ୍ଜୀବ ପାଣିଗ୍ରାହୀ, ଚେତୁରାମ ପ୍ରଧାନୀ, ଚନ୍ଦ୍ରଶେଖର ପଟେଲ ପ୍ରମୁଖ ସାମିଲ ଥିଲେ।

# ୧୦୦ ଶଯ୍ୟା ବିଶିଷ୍ଟ କିମ୍ସ ଶାଖାର ଭୂମିପୂଜା

**ଭବାନୀପାଟଣା, ୨୮।୫(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକସ୍ଥିତ ବାଦିଲିରେ ଥିବା କିସ୍ ଆବାସିକ ବିଦ୍ୟାଳୟ ପଛପଟ ପଡ଼ିଆରେ ଭୁବନେଶ୍ୱରସ୍ଥିତ କିମ୍ସ ଡାକ୍ତରଖାନାର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଶାଖାର ଭୂମିପୂଜା କରାଯାଇଛି। ପ୍ରମୋଦ ସାହୁ, ପ୍ରିୟରଞ୍ଜନ ବହିଦାର, ଦିଲୀପ ନାୟକ, ପରମାନନ୍ଦ ମାଝୀ, ଡ. ଶିବରାମ ନାୟକ, କର୍ତ୍ତବ୍ୟ ଅନୁଷ୍ଠାନରୁ ଅଶୋକ ପଟ୍ଟନାୟକ, ସେବାଜଗତରୁ ସତ୍ୟ ପଟ୍ଟନାୟକ, ଅନ୍ତ୍ୟୋଦୟରୁ ଦିଲୀପ ଦାସ, ଡ. ନିରୋଦ ଚନ୍ଦ୍ର କହଁର, ଘନଶ୍ୟାମ ଅଗ୍ରୱାଲ, ତ୍ରିଲୋଚନ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ, କିସ୍ ବିଦ୍ୟାଳୟର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପାଧନ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



### ଯୁବକଙ୍କ ନିଖୋଜ ଉପରୁ ପରଦା ଉଠିଲା

# ୧୦ ଦିନ ପରେ ମିଳିଲା ମୁଣ୍ଡବିହୀନ ଶବ

**ଗୁଣିଗାରେଡ଼ି ପାଇଁ ଗଣ୍ଡିମୁଣ୍ଡ ଅଲଗା କରି ପୋଖରୀରେ ଫିଙ୍ଗି ଦେଇଥିଲା ହତ୍ୟାକାରୀ**

**କଳମପୁର, ୨୮।୫(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଦେପୁର ଗ୍ରାମର ଅଁତରୁ ମାଝି (ରୂପ ସିଂ)ଙ୍କ ନିଖୋଜ ତଥା ହତ୍ୟା ସନ୍ଦେହ ଉପରୁ ପରଦା ଉଠିଛି। ୧୦ ଦିନ ପରେ ପୋଖରିରୁ ତାଙ୍କ ମୁଣ୍ଡ ବିହିନ ଶବ ମିଳିଛି। ଏହି ଘଟଣାରେ ପୁଲିସ ଗୋଆ ପଳାଇଥିବା ସେହି ପଡ଼ାର ଲିଙ୍ଗରାଜ ମାଝିକୁ ଗିରଫ କରିଛି। ଗୁଣିଗାରେଡି ପାଇଁ ସେ ଗଣ୍ଡିମୁଣ୍ଡ ଅଲଗା କରି ପୋଖରିରେ ଫିଙ୍ଗି ଦେଇଥିଲା ବୋଲି ପୁଲିସ ଆଗରେ ମାନିଛି।

ଗତ ୧୭ତାରିଖ ସେ ନିଖୋଜ ହୋଇଯାଇଥିବା ନେଇ କଳମପୁର ଥାନାରେ ଅଭିଯୋଗ ହୋଇଥିଲା। ପରଦିନ ନିକଟସ୍ଥ ଅନ୍ୟ ଏକ ଗ୍ରାମର ଜଣେ ବିବାହିତ ମହିଳାଙ୍କ ଶରୀରରେ ଅଁତରୁଙ୍କ ଆତ୍ମା ପ୍ରବେଶ କରି ତାଙ୍କୁ ହତ୍ୟା କରାଯାଇଥିବା କହିଥିଲା। ତେବେ ନିକଟରେ ଥିବା ବୈଁଖଲି ସାଗର ପୋଖରୀ ପର୍ଯ୍ୟନ୍ତ ରକ୍ତଛିଟା ଦେଖିବାକୁ ମିଳିଥିଲା। ଏହା ସହ ପଞ୍ଚାୟତ ନିକଟରୁ ଅଁତରୁଙ୍କ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏହି ଘଟଣା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏହାକୁ ପୁଲିସ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲା। ପୁଲିସ ନିଖୋଜ ମାମଲାକୁ ହତ୍ୟାରେ ପରିବର୍ତ୍ତନ କରିଥିଲେ। କଳମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ, କଳମପୁର ଥାନା ଏଏସଆଇ ଶେଖର ଜେନା, ବଡକୁଟ୍ଟ ଏଏସଆଇ ଶିବ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଦେଖିବା ସହ ତୁରନ୍ତ କଳମପୁର ଅଗ୍ନିଶମ ବାହିନୀକୁ ଡକାଇ ୨ ଦିନ ଧରି ପୋଖରିରେ ଖୋଜାଖୋଜି କରିଥିଲା; କିନ୍ତୁ ଶବ ମିଳିପାରି ନ ଥିଲା। ତେବେ ଯେଉଁ ଦିନଠାରୁ ଏହି ଘଟଣା ଘଟିଛି ସେହି ଦିନଠାରୁ ସେହି ପଡ଼ାର କେତେକ ଯୁବକ ଫେରାର ଥିବା ପୁଲିସ ସୂଚନା ପାଇଥିଲା। ସେହିଭଳି ୮ ଦିନ ପରେ ମଙ୍ଗଳବାର ଦିନସାରା ତାଙ୍କ ସ୍ତ୍ରୀ, ପୁଅ, ଝିଅ, ଜ୍ୱାଇଁ ସମେତ ବନ୍ଧୁବାନ୍ଧବ କଳମପୁର ଥାନା ସମ୍ମୁଖରେ ନ୍ୟାୟ ପାଇଁ ଧାରଣା ଦେଇଥିଲେ। ଶେଷରେ ଗୋଆ ପଳାଇଥିବା ଅଭିଯୁକ୍ତକୁ ପୁଲିସ ଧରିଛି। ବୁଧବାର ଭୋରରୁ ଅଭିଯୁକ୍ତକୁ ଆଣି ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରିଥିଲା। ପୁଲିସ ତାକୁ ଶବ ଫିଙ୍ଗିଥିବା ସ୍ଥାନକୁ ନେଇଥିଲା। ସେଠାରେ ଅଭିଯୁକ୍ତ ଶବ ଫିଙ୍ଗିଥିବା ସ୍ଥାନ ଦେଖାଇଥିଲା। କଳମପୁର ଅଗ୍ନିଶମ ବାହିନୀ ଓ ବଲାଙ୍ଗୀରରୁ ଆସିଥିବା ଓଡ୍ରାଫ ଟିମ ଶବ ଉଦ୍ଧାର ପାଇଁ ପୋଖରୀ ଭିତରେ ପଶିଥିଲେ। ଦୀର୍ଘ ସମୟ ଖୋଜିବା ପରେ ମୃତକଙ୍କ ମୁଣ୍ଡ ବିହିନ ଶବ ମିଳିଥିଲା।

# ଉଦନ୍ତୀରେ ପ୍ରବାହିତ ହେଲା ପ୍ରଥମ ବର୍ଷା ଜଳ

## ଆଶ୍ୱସ୍ତି ପାଇଲେ ନଦୀକୂଳବାସୀ

**ସିନାପାଲି, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଜୀବନରେଖା ଉଦନ୍ତୀ ନଦୀରେ ଚଳିତ ବର୍ଷର ପ୍ରଥମ ବର୍ଷା ଜଳ ପ୍ରବାହିତ ହେବା ଯୋଗୁଁ ନଦୀକୂଳିଆବାସୀଙ୍କୁ ଆଶ୍ୱସ୍ତି ମିଳିଛି। ପ୍ରାକ୍ ମୌସୁମୀ ବର୍ଷା ସାଙ୍ଗକୁ ଛତିଶଗଡ଼ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଦ୍ୱାରା ଉଦନ୍ତୀ ନଦୀରେ ଜଳ ପ୍ରବାହିତ ହେଉଛି। ଯାହା ଫଳରେ ଉଦନ୍ତୀ ନଦୀର ଉଭୟ ପାର୍ଶ୍ୱରେ ଥିବା ଗାଁ ଗୁଡିକର ଜନସାଧାରଣଙ୍କୁ ଖରା ଓ ଗ୍ରୀଷ୍ମ ସାଙ୍ଗକୁ ଜଳ କଷ୍ଟରୁ ମୁକ୍ତି ମିଳିଛି। ଗ୍ରୀଷ୍ମ ଋତୁରେ ଉଦନ୍ତୀ ନଦୀ ଶୁଖିଲା ପଡ଼ିଥିବା ବେଳେ ନଦୀ ଅଞ୍ଚଳର ଜନସାଧାରଣ ବିଶେଷ ଭାବରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ଉପାନ୍ତ ଘାଟମାଳ, ନଙ୍ଗଲବୋର୍ଡ, ଗୋର୍ଲା, ଖଇରପଦର ପଞ୍ଚାୟତ ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ନିତ୍ୟ କର୍ମ ସାଙ୍ଗକୁ ପାନୀୟ ଜଳ, ଗାଧୋଇବା ଏପରିକି ବନ୍ୟ ପଶୁପକ୍ଷୀମାନଙ୍କୁ ଜଳ ସମସ୍ୟାରୁ ମୁକ୍ତି ମିଳିଛି। ସେହିପରି ନଦୀରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଓ ବସୁଧା ମାଧ୍ୟମରେ ଜଳ ଯୋଗାଣ ଏବେ ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ସିନାପାଲି ସହରବାସୀ ସମେତ କାପସି, ଯୁଗେନପଦର, ନୀଳଜୀ, ଗଡ଼ରାମାଳ, ଫୁରୁସୁଣ୍ଡ, ଖଳନା, ପଲସାପଡ଼ା, ବରଗାଁ, ସାଲେକେଲା, ସାଗୁନଭାଡ଼ି, ଲିଆଡ, କପିଆ, ନଦୀ ଗାଁ, ହାତୀବନ୍ଧା ସମେତ ଅନେକ ଗ୍ରାମର ଜନସାଧାରଣଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ଏହି ନଦୀ ସୁଦୂର ଛତିଶଗଡ଼ ଅଞ୍ଚଳରୁ ପ୍ରବାହିତ ହୋଇ ସିନାପାଲି ବ୍ଲକର ବଣ ପାହାଡ ଘେରା ଘାଟମାଳ ପଞ୍ଚାୟତର ସିନ୍ଦୂରଶିଳ-ଚିତାରମାରେ ପ୍ରଥମେ ପ୍ରବେଶ କରି ଅନେକ ଜଙ୍ଗଲ ଓ ଗାଁ ଗଣ୍ଡା ଛୁଇଁ ସିନାପାଲି ସହର ପାଦଦେଶରୁ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ମିଶିଛି। ଏହି ନଦୀରେ ବର୍ଷା ଜଳ ପ୍ରବାହିତ ହେବା ଫଳରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅଞ୍ଚଳ ଜନସାଧାରଣଙ୍କୁ ମଧ୍ୟ ବେଶ ଆଶ୍ୱସ୍ତି ମିଳିଛି।



# ଜିଲ୍ଲାପାଳଙ୍କ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ

**ଶଗଡ଼ା, ୨୮।୫(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମନମୁଣ୍ଡାସ୍ଥିତ ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଉଠାଜଳସେଚନ ପ୍ରକଳ୍ପର ସ୍ଥିତି ବୁଲି ଦେଖିବା ସହ ମହାନଦୀର ବନ୍ୟା ସ୍ଥିତି ପରଖିଥିଲେ। ପ୍ରକଳ୍ପରୁ ସ୍ଥାନୀୟ ଚାଷୀଙ୍କୁ ପାଣି ମିଳୁଛି ନା ନାହିଁ ସେ ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ପଣ୍ଡାଙ୍କ ସମେତ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ନୂଆପଡ଼ା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ରାଣୀମୁଣ୍ଡା ପଞ୍ଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କାର୍ମୀ ଓରାମ, ଅତିରିକ୍ତ ତହସିଲଦାର, ସ୍ଥାନୀୟ ସରପଞ୍ଚ ଦେବବ୍ରତ ସୂପକାର, ଏସିଏଫ୍ ମହମ୍ମଦ ସାଲେହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ସିନାପାଲି ସିଡିପିଓ ଝରଣା ଶତପଥୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱାମୀଙ୍କ ଦଶାହରେ ଆଖିବୁଜିଲେ ସ୍ତ୍ରୀ



**ଗୋଲାମୁଣ୍ଡା, ୨୮।୫(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତର ସାନଚେରଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଚେରଗାଁ ଗ୍ରାମର ବାସୁରାମ ଦାସ(୯୦)ଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ଚଳିତ ମାସ୧୯ ତାରିଖ ସୋମବାର ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ଦଶାହ କାର୍ଯ୍ୟ ଦିନରେ ସ୍ତ୍ରୀ ଖୀରାବ୍ଦୀ ଦାସ (୮୦)ଙ୍କ ମୃତ୍ୟୁ ଘଟିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଚିନ୍ତାରେ ଖୀରାବ୍ଦୀଙ୍କ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ବଢ଼ି ଯାଇଥିଲା।

### ସରକାର ଶୁଣିଲାନି, ପ୍ରଶାସନ ଧ୍ୟାନ ଦେଲାନି

# ଯୁବକଙ୍କ ଉଦ୍ୟମରେ ମରାମତି ହେଲା ରାସ୍ତା



**ଧର୍ମଗଡ଼, ୨୮।୫(ସମିସ):** ଶୁଣିଲେନି ମୋହନ ସରକାର କି ସ୍ଥାନୀୟ ପ୍ରଶାସନ। ଶେଷରେ ଚାଷୀଙ୍କ ସମସ୍ୟା ସମାଧାନ କଲେ ଯୁବକ। ନିଜ ଉଦ୍ୟମରେ ମରାମତି କଲେ ରାସ୍ତା। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ନନ୍ଦଗାଁ ପଞ୍ଚାୟତ ମାଲପଡ଼ାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଭବାନୀଶଙ୍କର ବଣିଆ ନାମକ ଏହି ଯୁବକ ଜଣକ ନିଜ ଉଦ୍ୟମରେ ଏବଂ ନିଜ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ନନ୍ଦଗାଁ ପଞ୍ଚାୟତ ମଙ୍ଗେନପଦର ଗାଁଠାରୁ ମଣ୍ଡି ଦେଇ ଭାଲୁଡୋବା ରାସ୍ତା ସେ ମରାମତି କରିଛନ୍ତି। ଏହି ରାସ୍ତାରେ ୩ଟି ଗାଁର ଲୋକ ଯାତାୟାତ କରନ୍ତି। ସେହିଭଳି ଏହି ରାସ୍ତା ଉପରେ ପ୍ରାୟ ୧୦୪୦ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ନିର୍ଭର କରନ୍ତି। ପୂର୍ବ ସରକାର ସମୟରେ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ମମରଣଯନ୍ତା ପାଲଟିଥିଲା। ଏହାର ମରାମତି ନେଇ ମୋହନ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଲୋକେ ଜଣାଇଥିଲେ; ହେଲେ କେହି ନ ଶୁଣିବାରୁ ଭବାନୀଶଙ୍କର ନିଜ ହାତ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ରାଜ୍ୟର ହିତ ପାଇଁ ମୋହନ ସରକାର ଅନେକ ଯୋଜନା କରୁଥିବା ଡିଣ୍ଡିମ ପିଟୁଛନ୍ତି। ଏହି ରାସ୍ତା ଜଣେ ଯୁବକ ମରାମତି କରିବା ସରକାରୀ ଯୋଜନା ଏ ରାଜ୍ୟରେ କେତେ କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଜଣା ପଡୁଛି।

# ମୃତ ହୋମଗାର୍ଡଙ୍କ ପରିବାରକୁ ମାସକର ଦରମା ଦେଲା ସଂଘ

**ନୂଆପଡ଼ା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅଷ୍ଟମୀ ସୁନାନୀଙ୍କ ମୃତ୍ୟୁ ପରେ ଜିଲ୍ଲା ହୋମଗାର୍ଡ ସଂଘ ତରଫରୁ ତାଙ୍କ ପରିବାରକୁ ମାସକର ଦରମା ପ୍ରଦାନ କରାଯାଇଛି। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ନାଏକଙ୍କ ନେତୃତ୍ୱରେ ଜିଲ୍ଲା ହୋମଗାର୍ଡ ସଂଘ ସଭାପତି ଶରତ ହଂସ ଓ ସାଥିମାନେ ମୃତକ ଅଷ୍ଟମୀଙ୍କ ଗାଁ ଜାମଗାଁକୁ ଯାଇ ପରିବାର ଲୋକଙ୍କୁ ଗୋଟିଏ ମାସର ଦରମା ବାବଦକୁ ୭୩ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି।



# ତରଭା ରଥଯାତ୍ରା ପାଇଁ ପ୍ରସ୍ତୁତି

**ତରଭା, ୨୮।୫(ସମିସ):** ତରଭା ତରଭା ରଥଯାତ୍ରା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ବୁଧବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ଗଗନ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଳିକ ସ୍ୱାଗତ ଭାଷଣ ଦେବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ପାଳିତ ହୋଇ ପାରିବ ସେ ବିଷୟରେ ଉପସ୍ଥିତ ଜନସାଧାରଣ ଓ କାଉନସିଲରଙ୍କ ମତ ଲୋଡା ଯାଇଥିଲା। ଏହି ଅବସରରେ ତରଭା ଶ୍ରୀ ଦଧିବାବନଙ୍କ ରଥଯାତ୍ରାର ସୁପରିଚାଳନା ସକାଶେ ବିଭିନ୍ନ କମିଟି ଗଠନ କରଯାଇଛି। ରଥ ପରିଚାଳନା କମିଟିର ସଭାପତି ଭାବେ ରତନ ଲାଲ ଅଗ୍ରୱାଲ, ଉପ ସଭାପତି ଭାବେ ମଧୁସୂଦନ ପାଣ୍ଡେ ମନୋନୀତ ହୋଇଛନ୍ତି। ସେହିଭଳି ପୂଜା କମିଟି, ସାଂସ୍କୃତିକ କମିଟି ଗଠନ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତରଭାର ସମସ୍ତ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହଯୋଗ କାମନା କରାଯାଇ କମିଟି ଗଠନ କରାଯାଇଛି। ସନ୍ଧ୍ୟା ୫ଟାରେ ରଥଟଣା ଆରମ୍ଭ କରିବ। ରେଜିଷ୍ଟ୍ରିଭୁକ୍ତ ପଡ଼ା ତରଫରୁ ପ୍ରଦାନ କରାଯାଉଥିବା ଉପନ ଭୋଗ ସାନ୍ଧ୍ୟ ୫ଟା ପୂର୍ବରୁ ସାରିବାକୁ ଅନୁରୋଧ କରାଯାଇଛି। ରଥ ମରାମତି ପାଇଁ ଆବଶ୍ୟକ କାଠ ଓ ବିଭିନ୍ନ ଉପକରଣ ଶୀଘ୍ର ଆଣି ରଥ ପ୍ରସ୍ତୁତ କରିବା ଏବଂ ଦେବୋତ୍ତର ବିଭାଗରୁ ପ୍ରତିବର୍ଷ ଯେପରି ଅନୁଦାନ ଆସିବ ସେ ବିଷୟରେ ଚିଠି କରାଯିବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୋନପୁର ଏସ୍‌ପିଙ୍କୁ ସାକ୍ଷାତ କରିବା, ରାତି ୧୦ଟାରେ ମୀନା ବଜାର ବନ୍ଦ କରାଯିବା, ରଥଯାତ୍ରା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସମ୍ବନ୍ଧରେ ଆଲୋଚନା ପରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।



ବୈଠକରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଆଇଆଇସି ଅନିତା କିଡୋ, ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର, ବ୍ଲକ କୋଷାଧ୍ୟକ୍ଷ ଲକ୍ଷ୍ୟବ୍ରତ ନାଏକ, କାଉନସିଲର ଆକବର ଅଲ୍ଲୀ, ସନ୍ତୋଷ ମେହେର, ବିଦ୍ୟାଧର ଦେହେରୀ, ସୁଜାତା ରଥ, ସତ୍ୟନାରାୟଣ ପୁଜାହାରୀ, ମାନସ ସାହୁ, କିରଣ ନାଏକ, ସୁରେନ୍ଦ୍ର ଦଳବେହେରା, ପରେଶ ପୂଜାହାରୀ, ଅଶୋକ ସାହୁ, ପ୍ରଦୀପ ପାଣିଗ୍ରାହୀ, ସନ୍ତୋଷ ସାହୁ, ପ୍ରଦୀପ ମହାଣା, ଦୁର୍ଗା ଷଡଙ୍ଗୀ, ଜୟପ୍ରକାଶ ନାରାୟଣ ସାହୁ, ସଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ମାନ ଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ଭୋଲା ବର୍ମା, ସୁକାନ୍ତ ମିଶ୍ର, ରାଜେଶ ଗୁରୁ, ଭରତ ମେହେର, ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୋକାନ ଉଚ୍ଛେଦ ନୋଟିସ୍ ପରେ ଉତ୍ତେଜନା

**ନୂଆପଡ଼ା, ୨୮।୫(ସମିସ)**

**ଉଠାଦୋକାନୀଙ୍କ ୬ ଘଣ୍ଟିଆ ନୂଆପଡ଼ା ବନ୍ଦ**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ନୂଆପଡ଼ା ସହରର ସୌନ୍ଦର୍ଯ୍ୟକରଣ ସହ ଦୁର୍ଘଟଣା ପ୍ରବଣତାକୁ ରୋକିବାକୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ଏନ୍‌ଏସି ପ୍ରଶାସନ ତରଫରୁ ନୋଟିସ କରାଯିବାପରେ ଉଠା ଦୋକାନୀ ସଂଘ ତରଫରୁ ନୂଆପଡ଼ା ବନ୍ଦ ଡାକରା ଦିଆଯାଇଛି। ଏନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବେରୋଜଗାର ଉଠାଦୋକାନୀମାନଙ୍କୁ ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଚଳିତ ମାସ ୨୩ ତାରିଖରେ ସାତ ଦିନ ଭିତରେ ରାସ୍ତା ପାର୍ଶ୍ୱରୁ ଦୋକାନ ଉଠାଇବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ଏହି ନୋଟିସ ଜାରି ହେବାପରେ ବର୍ତ୍ତମାନ ସ୍ଥିତିରେ ଦୋକାନ ଘର ଛାଡିଲେ ପରିବାର ପ୍ରତିପୋଷଣକୁ ନେଇ ଦୋକାନୀଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ଦୋକାନୀମାନେ ଏକତ୍ରିତ ହୋଇ ବୁଧବାର ଦିନ ନୂଆପଡ଼ାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ଏପରିକି ପରିବା ଦୋକନ ମଧ୍ୟ ବନ୍ଦ ଥିଲା। ମଧ୍ୟାହ୍ନରେ ଦୋକାନୀମାନେ ଏକଜୁଟ ହୋଇ ଏକତା ଛକ ନିକଟରେ ପ୍ରତିବାଦ ସଭା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଭାନୁ ପ୍ରତାପ ସିଂ ମାଝୀ, ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମରେ ଦୋକାନୀମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ବେରୋଜଗାରମାନଙ୍କୁ ଥଇଥାନ ପ୍ରକ୍ରିୟା ଚାଲିଛି; ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।




# ପରାକ୍ରମ ଶୋଭାଯାତ୍ରାରେ ସୋନପୁର ସହର ତ୍ରିରଙ୍ଗାମୟ

**ସୋନପୁର, ୨୮।୫(ସମିସ):** ସୁବର୍ଣ୍ଣପୁରରେ ବୁଧବାର ସକାଳେ ଏକ ଭବ୍ୟ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରଠାରୁ ଆରମ୍ଭ ହୋଇ ବିଜୁପଟ୍ଟନାୟକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଉପଜିଲ୍ଲାପାଳ ସୌମ୍ୟରୂପା ରଥ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ସେବା ସଂଗଠନର ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ମହିଳା ସମନ୍ୱୟ ସମିତି ତରଫରୁ ବିଜୁ ପଟ୍ଟନାୟକ ଛକଠାରେ ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବରଗଡ଼ରୁ ସୁଶ୍ରୀ ଜୟଶ୍ରୀ ମହାପାତ୍ର ଯୋଗ ଦେଇଥିଲେ। ଆରତି ଖମାରୀ, ସ୍ମିତାରାଣୀ ମେହେର, ନିରୂପମା ପରଧିଆ, ସୁନନ୍ଦା ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ସରିତା ସାହୁ, ପୁଷ୍ପାଞ୍ଜଳି ମଲ୍ଲିକ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମାରୱାଡ଼ି ଯୁବାମଞ୍ଚ ଓ ଟ୍ରକ ଆସୋସିଏସନ ସହଯୋଗ କରିଥିଲା।



■ ରଥଖଳାରୁ...

# ତାଳଧ୍ୱଜ ରଥ ପୋଲ ଗୟଳ ଚିରଟ ଆରମ୍ଭ



ପୁରୀ,୨୮।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ନିର୍ମାଣ ଶେଷ ହୋଇଥିଲା। ଏହାପରେ ତିନି ରଥ ଚାଳିକୁ ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ, ଚାରି ନାହାକା ପାଇଁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ପୋଲ ଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଥିଲା। ବୁଧବାର ଏହି ସବୁର କାମ ଜାରି ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଉପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତାଳଧ୍ୱଜ ରଥର ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ବାହାର ରଥ ଖଳାରେ ଏହାକୁ ଚିରଟ କରୁଛନ୍ତି। ଏହାର ଚିରଟ ଶେଷ ହେବା ପରେ ନନ୍ଦିଘୋଷ ରଥର ଗୟଳ ଚିରଟ କରାଯିବ। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଅଙ୍କନ ସହ ପଲିସ କାର୍ଯ୍ୟ ଶେଷ କରିଛନ୍ତି। ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ପ୍ରାୟ ସରିଯାଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି।

ଗଜପତିରେ ଲଗାଣ ବର୍ଷା ଜାରି

# ଧସିଲା ପାହାଡ଼; ୬ ଗାଁକୁ ଯାତାୟାତ ବନ୍ଦ



ପାରଳାଖେମୁଣ୍ଡି/ମୋହନା, ୨୮।୫ (ସମିସ): ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଆଜି ପାହାଡ଼ ରାସ୍ତାରେ ମାଟି ଅତଡ଼ା ଧସି ୬ଖଣ୍ଡ ଗାଁକୁ ଯାତାୟାତ ଠପ୍ ହୋଇଯାଇଛି। ବୁଧବାର ଅପରାହ୍ଣରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ କଟାମା ପଞ୍ଚାୟତ ନିକଟସ୍ଥ ପାଜିଗୁଡ଼ି ଘାଟି ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ଖସି ଅବରୋଧ ହୋଇଛି। ଫଳରେ କଟାମାଠାରୁ ପାଜିଗୁଡି, ଜାଡ଼ିଙ୍ଗି, ଗୋଠା, ଟାଙ୍ଗିଲି, ରଙ୍ଗାଗୁଡି ଓ ତୁଆବାଡି ଆଦି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତା ଅବରୋଧ ଯୋଗୁଁ ଅଞ୍ଚଳବାସୀ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହେବା ସହ ଗମନାଗମନରେ ବାଧା ଉପୁଜିଛି। ଖବର ଲେଖା ହେବା ସୁଦ୍ଧା କୌଣସି ପ୍ରଶାସନିକ ତଥା ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିଲେ। ତୁରନ୍ତ ରାସ୍ତାରୁ ମାଟି ଅତଡ଼ା ହଟାଇ ଯାତାୟାତ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ଆର୍ଥିକ ପରିଚାଳନା

# ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ହ୍ରାସ

ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଉପଲବ୍ଧିକୁ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବାକୁ ନିଜର ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି ବର୍ଷକ ମଧ୍ୟରେ ରାଜ୍ୟ ସରକାର ଯେଉଁ କେତେକ କ୍ଷେତ୍ରରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତନ୍ମଧ୍ୟରେ ଦୁର୍ବଳ ଆର୍ଥିକ ପରିଚାଳନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ପୂର୍ବ ବିଜେଡି ସରକାର ନବୂଆ ସରକାରଙ୍କୁ ଏକ ରାଜସ୍ୱ ବଳକା ଏବଂ ସବଳ ଅର୍ଥନୀତି ଉତ୍ତରାଧିକାରୀ ସତ୍ତ୍ୱରେ ଛାଡ଼ି ଯାଇଥିଲେ। ମାତ୍ର ଏହି ବର୍ଷକର ଯାତ୍ରାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଯେ ପୂର୍ବପରି ଶୃଙ୍ଖଳିତ ଭାବେ ପରିଚାଳିତ ହେଉନାହିଁ, ତାହା ଜଳଜଳ ଦିଶୁଛି। ନିଜସ ଟିକସ ରାଜସ୍ୱଠାରୁ ଆରମ୍ଭ କରି ନିଜସ୍ୱ ଅଣ-ଟିକସ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବାକୁ ଯାଉଛି।

୨୦୨୩-୨୪ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା। ମାତ୍ର ୨୦୨୪-୨୫ରେ ସେଥିରେ ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏଥିରୁ ୬୬ ହଜାର କୋଟି ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଉକ୍ତ ପରିମାଣର ରାଜସ୍ୱ ସଂଗ୍ରହରେ ଯେ ସରକାର ସଫଳ ହେବେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମାନ ଭାବେ ରାଜ୍ୟରେ ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି। ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବଢ଼ିଥିଲା। ଫଳରେ ଏଥିରୁ ୨୦୨୪-୨୫ ଆର୍‌ଥିକ ବର୍ଷରେ ୫୮ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୨୦୨୪-୨୫ରେ ଏହା ବଢ଼ିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ୩.୬୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏଥିରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ନିଜସ୍ୱ ଟିକସ ରାଜସ୍ୱ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୨୬ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ତେବେ ଟିକସ ସଂଗ୍ରହରେ ସରକାରଙ୍କ ପ୍ରଦର୍ଶନକୁ ଦେଖିଲେ ଏହା ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି। ଅତଏବ ରାଜ୍ୟ ସରକାର ରାଜ୍ୟର ଆର୍ଥିକ ପରିଚାଳନା ଦିଗ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ସୁଭଦ୍ରା, ଧାନର ଏମଏସପି ୩୧୦୦ ଟଙ୍କା ବାବଦରେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିଛନ୍ତି। ଏସବୁ ଅର୍ଥର ଭରଣା ପାଇଁ ସରକାର ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ ଆରଆଇ ଓ ପିଅନ

ଢେଙ୍କାନାଳ,୨୮।୫(ସମିସ): ୪ଟି ମ୍ୟୁଟେସନ କେସ୍ ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକ (ଆରଆଇ) ଶଶିଭୂଷଣ ବେହେରା ଓ ତାଙ୍କ କାର୍ଯ୍ୟାଳୟର ପିଅନ ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଗଣ୍ଡାନାଳୀ

■ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ
■ ଏକକାଳୀନ ୪ ସ୍ଥାନରେ ଚଢ଼ଉ

ଆରଆଇ ଅଫିସ, ହିନ୍ଦୋଳ ତହସିଲ ଅଫିସ, ଶଶିଭୂଷଣଙ୍କ ପୈତୃକ ଘର ଗଁଦିଆ ଥାନା ଖଙ୍କର ଗ୍ରାମ ଓ ଢେଙ୍କାନାଳ ସହର ଦକ୍ଷିଣକାଳୀ ନିକଟ ସତସଙ୍ଗବିହାରସ୍ଥିତ ଭଡ଼ାଘରେ ଚଢ଼ଉ ଜାରି ରହିଛି।

ସୂଚନାନୁସାରେ, ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କୁ ୪ଟି ଜମିର ମ୍ୟୁଟେସନ୍ କରିବା ପାଇଁ ୧୫ହଜାର ଲେଖାଏଁ ମୋଟ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଆର୍.ଆଇ ଶ୍ରୀ ବେହେରା। ଅଷ୍ଟମୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ହେଁ ଲାଞ୍ଚ ନ ମିଳିଲେ କାମ ହେବ ନାହିଁ ବୋଲି ଶ୍ରୀ ବେହେରା ରୋକଠୋକ୍ ମନା କରିଦେଇଥିଲେ। ତେଣୁ ଏ ସଂପର୍କରେ ଅଷ୍ଟମୀ ଢେଙ୍କାନାଳ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବାକୁ ଜାଲି ବିଛାଯାଇଥିଲା। ଯୋଜନାନୁସାରେ, ବୁଧବାର ଅଷ୍ଟମୀ ଶଶିଭୂଷଣଙ୍କୁ ତାଙ୍କ ବ୍ୟକ୍ତିଗତ ସହାୟକ ଜରିଆରେ ରାସାୟନିକ ପ୍ରଲେପବୋଳା ୬୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ



କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତିଙ୍କ ନେତୃତ୍ୱରେ ଇନ୍ସପେକ୍ଟର୍ ଭାଗ୍ୟଲତା ପ୍ରଧାନ, ଜ୍ୟୋତିଶଙ୍କର ସାହୁ, ମୁକେଶ କୁମାର ବେହେରାଙ୍କ ସହ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଶଶିଭୂଷଣ ବିଭିନ୍ନ ସରକାରୀ କାମରେ ଲାଞ୍ଚ ନେଉଥିବା ପୂର୍ବରୁ ମଧ୍ୟ ଭିଜିଲାନ୍ସରେ ଅନେକ ଅଭିଯୋଗ ହୋଇଥିଲା।

■ ଲାଞ୍ଚ ଟଙ୍କା ନେଇ କାର୍‌ରେ ଯାଉଥିଲେ ଅଧୀକ୍ଷଣ ଯନ୍ତ୍ରୀ

# ବାଟ ମଝିରେ ଧରିଲା ଭିଜିଲାନ୍ସ

■ ଗାଡ଼ିରୁ ଜବତ ହେଲା ଦେଢ଼ଲକ୍ଷ ଟଙ୍କା
■ ବିଲ୍ ପାସ୍ ପାଇଁ ନେଉଥିଲେ ଲାଞ୍ଚ

ରାୟଗଡ଼ା, ୨୮।୫ (ସମିସ): ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସହଦେବ କିଶାନ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଜଣେ ଠିକାଦାରଙ୍କଠାରୁ ସେ ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ନେଇ ଏକ ସ୍କର୍ପିଓରେ ନିଜ ସରକାରୀ କ୍ୱାର୍ଟର୍ସକୁ ଫେରୁଥିବା ବେଳେ ବାଟରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଛି। ସେ ଉକ୍ତ ଟଙ୍କାର ହିସାବ ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକ ରଖିଛନ୍ତି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ କିଶାନଙ୍କ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଲ୍ ପାସ୍ କରିବା ପାଇଁ ସେ ଜଣେ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାରଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିବା ପରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ସଦାନନ୍ଦ ପାଣି, ଅଭୟ ପ୍ରଧାନ ଏବଂ ଇନ୍ସପେକ୍ଟର୍ ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ତିନିଜଣିଆ



ଟିମ୍ ବାଟ ଅଧରେ ଚଢ଼ଉ କରି ଟଙ୍କା ସହ ଶ୍ରୀ କିଶାନଙ୍କୁ ଧରିଥିଲେ। ପରେ ସେଠାରୁ ଶିରିଗୁଡ଼ାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହିତ ବିଭିନ୍ନ ନଥିପତ୍ର ଜବତ କରିଛି ଭିଜିଲାନ୍ସ। ବ୍ରାହ୍ମଣସାହି ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମେତ ତାଙ୍କ ସରକାରୀ ବାସଭବନ ଓ ଅନ୍ୟ କିଛି ସ୍ଥାନରେ ଏହି ଚଢ଼ଉ ଚାଲିଥିବା ଜଣାପଡ଼ିଛି।

# ଆର୍‌ଟିଇ ନାମଲେଖା ପାଇଁ ଚୟନ ହେଲେ ୪୦୮୩ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୪୦୮୩ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ସମୁଦାୟ ୬୧୪୬ ପିଲା ଆବେଦନ କରିଥିବା ବେଳେ ୪୯୪୩ଜଣଙ୍କ ଆବେଦନକୁ ଯୋଗ୍ୟ ବିବେଚିତ କରାଯାଇଛି। କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୪୦୮୩ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ମିଳିଥିବା ବେଳେ ୮୬୦ ଜଣଙ୍କୁ ସିଟ୍ ଆଲର୍ଟ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ସମ୍ପୃକ୍ତ ଘରୋଇ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ବୁଧବାରଠାରୁ ଜୁନ୍ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଃଶୁଳ୍କ। କୌଣସି ଘରୋଇ ବିଦ୍ୟାଳୟ ଅଭିଭାବକଙ୍କଠାରୁ ଅର୍ଥ ଦାବି କରିପାରିବେ ନାହିଁ। କୌଣସି ଅଭିଯୋଗ ଥିଲେ, ଟୋଲ୍-ଫ୍ରି ନମ୍ବର ୧୮୦୦୩୪୫୬୭୨୨ରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆର୍‌ଟିଇରେ ନାମଲେଖା ପାଇଁ ଚଳିତବର୍ଷ ସମୁଦାୟ ୫୦,୩୯୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୧,୮୪୩ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଥିଲେ। ଉଭୟ ପର୍ଯ୍ୟାୟରେ ମୋଟ୍ ୨୫,୯୨୬ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ଆଲର୍ଟ କରାଯାଇଥିବା ବେଳେ ଆଉ ୨୪,୪୬୯ଟି ଆର୍‌ଟିଇ କୋଟା ସିଟ୍ ବଳକା ରହିବ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍ ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୨୮।୫(ସମିସ): ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବା ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୧୭ତାରିଖ ମଧ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଜୁନ୍ ୨୯ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଅନୁଷ୍ଠିତ ହେବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଚାରି ବର୍ଷିଆ ବିଏ-ବିଇଡି ଓ ବିଏସ୍‌ସି-ବିଇଡି, ଛଅ ବର୍ଷିଆ ଏମ୍‌ଏସ୍‌ସିଇଡି, ଦୁଇ ବର୍ଷିଆ ବିଇଡି, ତିନିବର୍ଷିଆ ବିଇଡି-ଏମ୍‌ଇଡି, ଦୁଇବର୍ଷିଆ ଏମ୍‌ଏ ଓ ଏଏମ୍‌ଇଡି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ

ଭୁବନେଶ୍ୱର, ୨୮।୫(ସମିସ): ଦେଶର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସନ୍ତାକାଲି ଅର୍ଥାତ୍ ବୁଧବାର "ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫' ଆୟୋଜିତ ହେବ। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ସେହିପରି, ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

ଏକାଠି ହେବେ ୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦି

# ଆଇସିଏମ୍‌ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୮।୫ (ସମିସ): ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ. ମନୋଜ ରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜେମେଣ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଇସିଏମ୍‌ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର୍ ନାୟକଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି। ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍‌ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି।



# ଏଆଇ ଚିହ୍ନିବ ଥାଇରଏଡ୍ ରୋଗ

ଭୁବନେଶ୍ୱର, ୨୮।୫ (ସମିସ): ଦିନକୁ ଦିନ ବୃଦ୍ଧି ପାଉଛି ଥାଇରଏଡ୍ ରୋଗୀଙ୍କ ସଂଖ୍ୟା। ଶୀଘ୍ର ଏହି ରୋଗର ଚିହ୍ନଟ ନହେଲେ, ଏହା ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ରୋଗର ପ୍ରାରମ୍ଭିକ ନିର୍ଣ୍ଣୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ।

ଭୁବନେଶ୍ୱର ଏମ୍ସରେ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ ଅବସରରେ ଡ. ବିଶ୍ୱାସ ଆହୁରି କହିଛନ୍ତି ଯେ ଥାଇରଏଡ୍ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ପରିଚାଳନାକୁ ପରିବର୍ତ୍ତନ କରିବାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନିମନ୍ତେ ବ୍ୟବସ୍ଥା ହେଉଛି। ଏ.ଆଇ ମାଧ୍ୟମରେ ଏହି ରୋଗର ଚିହ୍ନଟ ସହ ବ୍ୟକ୍ତିକୈନ୍ଦ୍ରିକ ଔଷଧ ଏବଂ ଚିକିତ୍ସା ପ୍ରଦାନ କରାଯାଇପାରିବ। ବିଶେଷକରି, ଦେଶର ପ୍ରାୟ ୧୦ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଥିବା ହାଇପୋଥାଇରଏଡିଜମ୍‌ର ନିରାକରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ବିଶିଷ୍ଟ ସଂକ୍ରମଣ ରୋଗ ବିଶେଷଜ୍ଞ ସେ ପ୍ରକାଶ କରିଛନ୍ତି। ଏଆଇ ଥାଇରଏଡ୍‌ର




ପ୍ରାରମ୍ଭିକ ନିର୍ଣ୍ଣୟରେ ସାହାଯ୍ୟ କରିବ, ରୋଗର ଅଗ୍ରଗତିକୁ ଅନୁସରଣ କରିବ ଓ ଫଳାଫଳ-ଆଧାରିତ ଔଷଧ ସମ୍ପର୍କରେ ସୂଚନା ଦେବ। ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳର ରୋଗୀଙ୍କୁ ଲାଭ ଦେବା ନେଇ ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି।

ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. କହ୍ନେୟାଲାଲ ଅଗ୍ରୱାଲ ଓ ଅନ୍ୟ ବକ୍ତାମାନେ ପ୍ରାରମ୍ଭିକ ଥାଇରଏଡ୍ ରୋଗ ଚିହ୍ନଟର ଗୁରୁତ୍ୱ ଏବଂ ଏଆଇର ଭୂମିକା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ରୋଗରେ ପୀଡ଼ିତ ହେଲେ, ପ୍ରଜନନ ବୟସ ଗୋଷ୍ଠୀର ରୋଗୀମାନେ ବନ୍ଧ୍ୟାତ୍ୱ, ଋତୁସ୍ରାବ ଅନିୟମିତତା, ଆଳସ୍ୟ, ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଓଜନ ବୃଦ୍ଧି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବୟସ୍କ ରୋଗୀମାନେ ଶୁଷ୍କ ଚର୍ମ, ଥକ୍କାପଣ, କୋଷ୍ଠକାଠିନ୍ୟ, ହୃଦଘାତ, ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ସହିତ ଯୁଝିଥାଆନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ମାଇକ୍ସେଡେମା କୋମା, ପେରିକାର୍ଡିଆଲ୍ ଇଫ୍ୟୁଜନ, ହୃଦଘାତ ଏବଂ ମୃତ୍ୟୁ ଭଳି ଗମ୍ଭୀର ଜଟିଳତାକୁ ରୋକିପାରିବ।

# ଆଇନଜୀବୀ ଗୌତମ ଲେଙ୍କାଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ, ୨୮।୫ (ସମିସ): ଦେଶଦ୍ରୋହ ଅପରାଧରେ ଚାଉଳିଆଗଞ୍ଜ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଆଇନଜୀବୀ ଗୌତମ ଲେଙ୍କାଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଗତ ୧୫ ତାରିଖରେ ଶ୍ରୀ ଲେଙ୍କା ଓ ଅନ୍ୟ ଜଣେ 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ସହ ଏକ ଭିଡିଓ କ୍ଲିପ୍ ପ୍ରସ୍ତୁତ କରିଥିଲେ ଏବଂ ପରେ ତାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କ ଏତଲାକ୍ରମେ ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାଉଳିଆଗଞ୍ଜ ଥାନାରେ ଦେଶଦ୍ରୋହ ଅପରାଧରେ ଏକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନପୂର୍ବକ ଆଇନଜୀବୀ ଶ୍ରୀ ଲେଙ୍କାଙ୍କୁ ନୋଟିସ୍ ଜାରି କରିଛି। ଆଇନଜୀବୀ ଅଧିନିୟମର ଧାରା ୩୫ ଅନୁଯାୟୀ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେଥିପାଇଁ ନୋଟିସ୍ ଜାରି କରାଯାଇଛି। ୨୧ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ, ନିୟମ ଅନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

■ ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଗିରଫ ହୋଇଛନ୍ତି
■ ଦେଶଦ୍ରୋହ ଅପରାଧରେ ଅନ୍ୟତମ ଅଭିଯୁକ୍ତ

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ବୁଧବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିସ୍ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ଲେଟର୍ସ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ଅରୁଣାଚଳପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଗୋଏଲ, କୁଳପତି ପ୍ରଫେସର୍ ପ୍ରକାଶ ଦିବାକରନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ନୃତ୍ୟଶିଳ୍ପୀ ସହିତ କଣ୍ଠଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ। ଅନେକ ଲାଇଭ୍ ଷ୍ଟେଜ୍‌ରେ ସେ ନୃତ୍ୟ ପରିବେଷଣ କରିଛନ୍ତି। ହେଲେ ୨୦୧୯ ମସିହା 'ରଜକୁଇନ୍' ଅଡିସନ୍ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ନେଇ ଆସିଥିଲା। ଏହା ପରେ ସେ ମ୍ୟୁଜିକ୍ ଭିଡିଓ, ଟେଲି ଫିଲ୍ମ ଓ ଏକାଧିକ ଓଡ଼ିଆ ଧାରାବାହିକରେ କାମ କରିଛନ୍ତି। ସେ ହେଉଛନ୍ତି ଯାଜପୁରର ଲିପିକା ପରିଡ଼ା। ନାୟିକା ହେବାକୁ ଇଚ୍ଛା ରଖିଥିବା ଲିପିକା ଓଡ଼ିଆ ଧାରାବାହିକର ଖଳନାୟିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନେତ୍ରୀ ଲିପିକାଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ କ୍ୟାରିଅର୍ ସଂପର୍କରେ।

ସାକ୍ଷାତକାର



# "ସବୁ ଚରିତ୍ରରେ ଅଭିନୟ କରିବାର କଳା ଜାଣିଛି"

ଲିପିକା ପରିଡ଼ା, ଅଭିନେତ୍ରୀ

**କ୍ୟାମେରା ଆଗରେ ପ୍ରଥମ ଦିନ ଅନୁଭୂତି କେମିତି ଥିଲା ?**

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ। ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ଯେହେତୁ ମୋ ବାପା ଜଣେ କ୍ଲାସିକାଲ ଡ୍ୟାନ୍ସର, ତାଙ୍କର କିଛି କଥାକୁ ଧ୍ୟାନରେ ରଖି କ୍ୟାମେରାକୁ ସାମ୍ନା କରିଥିଲି।

**ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ମୋ ବାପା ଜଣେ କ୍ଲାସିକାଲ୍ ନୃତ୍ୟଶିଳ୍ପୀ। ଭବିଷ୍ୟତରେ ମୁଁ ମଧ୍ୟ ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀ ହେବାକୁ ସ୍ୱପ୍ନ ଦେଖି ନାଚ ଓ ଗୀତ ଶିଖୁଥିଲି। ହେଲେ ୨୦୧୯ ମସିହାରେ 'ରଜ କୁଇନ୍' ଅଡିସନ୍ ଦେଇ ଫାଇନାଲ୍ ରାଉଣ୍ଡ ଯାଏଁ ଯାଇଥିଲି। ଏହା ପରେ 'ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲି। କିଛି ଦିନ ବ୍ରେକ୍ ନେଇଥିବା ବେଳେ ଜି-ସାର୍ଥକରୁ ମୋତେ ଧାରାବାହିକରେ ଅଡିସନ୍ ଦେବାକୁ ଯୋଗାଯୋଗ କରାଯାଇଥିଲା। ମୁଖ୍ୟ ଚରିତ୍ର କରିବି ଭାବିଥିଲି ; ହେଲେ 'ରହିଛି ରହିବି ତୋରି ପାଇଁ' ମୋର ପ୍ରଥମ ଧାରାବାହିକରୁ ଖଳନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଲା। 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ମୋ ଅଗଣାର ତୁଳସୀ ତୁ', 'ଝିଲି', 'ତୁ ରାଜା ମୁଁ ରାଣୀ' ଧାରାବାହିକରେ 'ଖଳନାୟିକା' ଭାବେ କାମ କରିଛି। 'ଟିଙ୍ଗା ରାଜୁ', 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ', 'ହାପି ଏଣ୍ଡିଂ' ଆଦି ଟେଲି ଫିଲ୍ମ ଓ କିଛି ମ୍ୟୁଜିକ୍ ଭିଡ଼ିଓ କରିବାକୁ ସୁଯୋଗ ପାଇଛି।

**ଖଳନାୟିକାରୁ ନାୟିକା ହେବାକୁ ଇଚ୍ଛା ରଖିଛନ୍ତି ?**


● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେହେତୁ ମୁଁ କଳାକୁ ଗୁରୁତ୍ୱ ଦିଏ, ତେଣୁ ମୋତେ ଯାହା ଚରିତ୍ର ମିଳିଥିଲା, ମୁଁ କରିଥିଲି। ମୁଁ କେବଳ ଖଳନାୟିକା ନୁହେଁ, ସମସ୍ତ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି। ତେବେ ଗୋଟେ ପରେ ଗୋଟେ ଧାରାବାହିକରେ ଖଳନାୟିକା ଭାବେ ଦେଖି ଦର୍ଶକ ମଧ୍ୟ ମୋ ଚରିତ୍ରକୁ ଭଲ ପାଇବା ଦେଲେ। ଏ ସବୁ ମଧ୍ୟରୁ 'ଝିଲି'ର ମାୟା ଚରିତ୍ର ମୋ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ। ଆଗକୁ କେବଳ ଖଳନାୟିକା ହେବି ତାହା ନୁହେଁ, ସବୁ ପ୍ରକାର ଚରିତ୍ରକୁ ଭଲ ଭାବେ କରିପାରିବାର କଳା ମୁଁ ଜାଣିଛି।

**ଚରିତ୍ରକୁ ଦମ୍‌ଦାର କରିବାକୁ କେତେ ପରିଶ୍ରମ କରନ୍ତି?**

● ପ୍ରତିଦିନ ଦର୍ପଣ ସାମ୍ନାରେ ସଂଳାପ କହେ। ଧାରାବାହିକ ସୁଟିଂ ପରେ ବି ମୁଁ ସେହି ସଂଳାପକୁ ଅଭ୍ୟାସ କରୁଥାଏ। ସିନିୟର୍ କଳାକାରଙ୍କ ଅଭିନୟ, ସେମାନଙ୍କ ଭାବଭଙ୍ଗୀକୁ ଗୁରୁତ୍ୱ ଦିଏ। ସେହିପରି ଅନୁପମ ଖେରଙ୍କ ଶୋ'ରେ ଅନେକ ବଲିଉଡ୍ କଳାକାରଙ୍କ ଜୀବନୀ ବିଷୟରେ ଜାଣେ। ସବୁପରେ ନିଜ ହିସାବରେ କେମିତି ଆଗକୁ ବଢ଼ିବି ତାହାକୁ ଗୁରୁତ୍ୱ ଦିଏ। ଏବେ ମୁଁ ଅଭିନୟ ସହିତ ପୁଣି ଓଡ଼ିଶୀ ନୃତ୍ୟ ଶିଖୁଛି।

**ଆଗାମୀ ଯୋଜନା?**

● ଭଲ କଳାକାରଟିଏ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଗୁରୁତ୍ୱ ଦେବି। ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ଅଛି। ଭଗବାନଙ୍କ ଆଶୀର୍ବାଦରେ ଆଗକୁ ନିଜ ପାଇଁ ପ୍ରଡକ୍ସନ୍ ହାଉସ୍ ଖୋଲିବି। ଯେଉଁମାନେ ପରିଶ୍ରମ କରି କାମ ପାଉନାହାଁନ୍ତି, ସେମାନଙ୍କ ପାଇଁ କିଛି କରିବାକୁ ଯୋଜନା ରଖିଛି। ■



# ୨୦୨୬ରେ 'ଲ୍ୟାଣ୍ଡଫଲ୍'

ପିକ୍ସେଲ ମୁଭି ନିବେଦିତ ନୂଆ ଓଡ଼ିଆ ସିନେମା 'ଲ୍ୟାଣ୍ଡଫଲ' ଖୁବ୍‌ଶୀଘ୍ର ଆସିବ। ଇତି ମଧ୍ୟରେ ଏହାର ମୋସନ୍ ପୋଷ୍ଟର ଲଞ୍ଚ କରାଯାଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଲୋକେ ଏହି ସିନେମା ମାଧ୍ୟମରେ ବାତ୍ୟାର କରାଳ ରୂପ ଦେଖିବେ। ବିଶେଷକରି ଏଥିରେ ୧୯୯୯ ମହାବାତ୍ୟାଠୁ ଆରମ୍ଭ କରି ଫାଇଲିନ୍ ପର୍ଯ୍ୟନ୍ତ ବାତ୍ୟାଗୁଡ଼ିକକୁ ଦେଖାଇବାକୁ ପ୍ରୟାସ କରାଯାଇଛି। ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ। ସିନେମାଟିର କାହାଣୀ ବିଶାଲ ମୌର୍ଯ୍ୟ ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଦେବୀ ପ୍ରସାଦ ଲେଙ୍କା। ତେବେ ଏହା ହେବ ଓଡ଼ିଶାର ସବୁଠାରୁ ବ୍ୟୟ ବହୁଳ ସିନେମା। ଏହାର ବିଶାଳ ସେଟ୍ ୧୦ କୋଟି ଟଙ୍କା ବ୍ୟୟରେ କରାଯିବ। ସେହିପରି ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ତେବେ ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ସବ୍ୟସାଚୀ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ନିଜ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ■

# ଓଲିଉଡ୍‌ରେ ପୀୟୂଷଙ୍କ ଏଣ୍ଟ୍ରି

ଯାତ୍ରାରେ ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି ଅଭିନେତା ପୀୟୂଷ। ତେବେ ଏବେ ସେ ରୁପେଲିରେ ପରଦାରେ ପାଦ ଥାପିବେ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରେ ପୀୟୂଷଙ୍କୁ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ଅଛନ୍ତି ଏସ୍. ଦିଲୀପ ପଣ୍ଡା। ସେହିପରି ସିନେମାର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ଏହାର କାହାଣୀ ମନୋରମା ଜେନା ରଚନା କରିଥିବା ବେଳେ ସହ ପ୍ରଯୋଜନାରେ ଅଛନ୍ତି ବିବେକ ଜେନା ଏବଂ ଅଭିଷେକ ଜେନା। ସେହିପରି ସଂଗୀତରେ ଅଛନ୍ତି ଦୀପକ କୁମାର। ତେବେ ଯାତ୍ରା ଭଳି ସିନେମାରେ ପୀୟୂଷଙ୍କୁ ସଫଳତା ମିଳୁଛି କି ନାହିଁ, ସେକଥା ସିନେମା ରିଲିଜ୍ ହେଲେ ଜଣାପଡ଼ିବ। ■





# 'ୱାର୍ -୨'ର ଟିଜର ରିଲିଜ୍

ବଲିଉଡ୍‌ର ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର୍-୨'ର ଟିଜର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଏହି ସିନେମାରେ ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ। ଏହା ହେଉଛି ଏକ ଆକ୍ସନ୍ ଓ ଥ୍ରିଲରଧର୍ମୀ ସିନେମା। ତେବେ ଟିଜର୍‌ର ଆକ୍ସନ ଦୃଶ୍ୟ ମଝିରେ କିୟାରାଙ୍କ ବୋଲ୍ଡ ଲୁକ୍ ଦେଖିବାକୁ ମିଳିଛି। ଟିଜର୍‌କୁ ଦେଖି ଦର୍ଶକେ ଏହାକୁ ୫୦୦ କୋଟିର ଫିଲ୍ମ ବୋଲି କହିଛନ୍ତି। ତା'ସହ ସିନେମାକୁ ନେଇ ଅଧିକ ଉତ୍ସାହିତ ହୋଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଧ୍ୟମରେ ସାଉଥ୍ ସୁପରଷ୍ଟାର୍ ଜୁନିୟର ଏନ୍‌ଟିଆର୍ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଅନ୍ୟପଟେ 'ୱାର୍-୨'ର ପ୍ରଥମ ଭାଗ ୨୦୧୯ ମସିହାରେ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ୩୪୪ କୋଟି ଟଙ୍କା ଆୟ କରିଥିଲା। ■

# ମୁହଁ ଲୁଚାଇଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ 'ରେଡ୍-୨' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି। ଏଥିରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହାରି ଭିତରେ ବାଣୀଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହାକି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ତେବେ ଏ ଭିଡିଓରେ ସେ ପାପାରାଜିଙ୍କଠାରୁ ନିଜକୁ ଲୁଚାଇଥିବା ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ବାଣୀ ଡ୍ୟାନ୍ସିଂ ପୋଷାକରେ ନଜର ଆସିଛନ୍ତି। ସେଟ୍ ବାହାରେ ସେ ଜଣେ ତାଙ୍କ ଟିମ୍ ସଦସ୍ୟଙ୍କ ସହ ନଜର ଆସିଛନ୍ତି। ସେମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପାପାରାଜିଙ୍କୁ ଦେଖି ତାଙ୍କୁ ଫଟୋ ଉଠାଇବାକୁ ତାଙ୍କ ଟିମ୍ ସଦସ୍ୟ ମନା କଲେ। ଫଳରେ ସେ ତାଙ୍କ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ଯାହାକୁ ନେଇ ତାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ତେବେ ବାଣୀ କ'ଣ ପାଇଁ ଏମିତି କଲେ, ତାହାକୁ ନେଇ ଲୋକେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ■



# ଆସିବ 'ଓଃ ମାଇଁ ଗଡ୍-୩'

୨୦୧୨ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଃ ମାଇଁ ଗଡ୍'। ଏହାର ସଫଳତାକୁ ଦେଖି ପୁଣି ଥରେ ଏହାର ଦ୍ୱିତୀୟ ଭାଗ ୨୦୨୩ ମସିହାରେ ଆସିଥିଲା। ଏହାର ଉଭୟ ପ୍ରଥମ ଓ ଦ୍ୱିତୀୟ ଭାଗରେ ଅକ୍ଷୟ କୁମାର ନଜର ଆସିଥିଲେ। ତା'ସହ ଏଥିରେ ଅକ୍ଷୟଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହି କ୍ରମରେ ଏବେ ଆସିବାକୁ ଯାଉଛି ଏହାର ତୃତୀୟ ଭାଗ। ଏ ନେଇ ଅକ୍ଷୟ ଓ ନିର୍ଦ୍ଦେଶକ ଅମିତ ରାୟ ଏହାର ତୃତୀୟ ଭାଗ ନିର୍ମାଣ ଉପରେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର କାହାଣୀ ଉପରେ କାମ ଆରମ୍ଭ ହେବା କୁହାଯାଉଛି। ତେବେ କାହାଣୀ ତିଆରି ହେବା ପରେ କାଷ୍ଟିଂ କଥା ଚିନ୍ତା କରାଯିବ ବୋଲି କୁହାଯାଇଛି। ସେହିପରି ଯଦି ସବୁକିଛି ଠିକ୍‌ଠାକ୍ ରହେ, ତେବେ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ ଏବଂ ୨୦୨୭ରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



ପରଦା ପଛର କାହାଣୀ

# ବାଇକ୍‌ରୁ ଖସି ପଡ଼ିଥିଲେ ଶାହାରୁଖ୍



ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ସ୍ୱଦେଶ' ୨୦୦୪ ମସିହାରେ ମୁକ୍ତିଲାଭ କରିଥିଲା। ଆଶୁତୋଷ ଗୋବାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ମୋହନ ଭାର୍ଗବ ଚରିତ୍ରରେ ଅଭିନୟ କରିଥିଲେ। ଏଥିପାଇଁ ଶାହରୁଖ୍ ବେଷ୍ଟ ଆକ୍ଟର ଭାବେ ଫିଲ୍ମ ଫେୟାର୍ ଆୱାର୍ଡ ପାଇଥିଲେ। ଏହି ଫିଲ୍ମରେ ଶାହାରୁଖ୍‌ଙ୍କ ସହ ମେଲା ରାମ ଚରିତ୍ରରେ ଦୟା ଶଙ୍କର ପାଣ୍ଡେ ଅଭିନୟ କରିଥିଲେ। ନିକଟରେ ଦୟା ଶଙ୍କର ପାଣ୍ଡେ ଫିଲ୍ମ 'ସ୍ୱଦେଶ'କୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି। ଏହି ଫିଲ୍ମର ଏକ ଦୃଶ୍ୟ ସୁଟିଂ ସମୟରେ ଶାହରୁଖ୍ ଖାନ୍ କିପରି ବାଇକ୍‌ରୁ ସତରେ ଖସି ପଡ଼ିଥିଲେ ସେ ବିଷୟରେ କହିଛନ୍ତି। ଫ୍ରାଇଡେ ଟକିଜ୍‌ରେ ବାର୍ତ୍ତାଳାପ କରି ଦୟା କହିଛନ୍ତି, ଫିଲ୍ମରେ ଗୋଟିଏ ସିନ୍ ଥିଲା ଯେଉଁଥିରେ ସେ ସ୍କୁଟର୍ ଚଳାଉଥିଲେ। ତାଙ୍କ ପଛରେ ଶାହରୁଖ୍ ଖାନ୍ ବସିଥିଲେ। ତାଙ୍କୁ ଗାଡ଼ି ଚଲାଇବା ଆସୁନଥିଲେ ମଧ୍ୟ ସେ ଗାଡ଼ି ଚଲାଇ ପାରନ୍ତି ବୋଲି କହିଥିଲେ। ସେଟ୍‌ରେ ସେହି ସିନ୍‌ର ଅଭ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୟାଙ୍କୁ ଶାହରୁଖ୍ ଚାହିଁଥିଲେ ଏବଂ ପାଖକୁ ଡାକି ସେ ଗାଡ଼ି ଚାଳନା ଜାଣିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ଦୟା ମିଛରେ ହଁ କହିଥିଲେ। ଫଳରେ ଶାହରୁଖ୍ ଆଗପଛ ବିଚାର ନ କରି ତାଙ୍କ ବାଇକ୍‌ରେ ବସିଥିଲେ। ସେତେବେଳେ ସତକୁ ସତ ପବନରେ ବାଇକ୍‌ଟି ଉପରକୁ ଉଠିଗଲା। ଫଳରେ ଶାହରୁଖ୍ ଖାନ ତଳେ ପଡ଼ିଗଲେ। ଦୟା ସଙ୍ଗେ ସଙ୍ଗେ ବାଇକ୍ ଛାଡ଼ି ସେହି ସ୍ଥାନରେ ଛିଡ଼ା ହୋଇ ଭୟରେ ଥରିବାକୁ ଲାଗିଲେ। ଏସବୁ ହେବା ପରେ ସେ ଶାହରୁଖ୍‌ଙ୍କୁ ଖାଲି ଚାହୁଁଥିଲେ, ତାଙ୍କୁ ଉଠାଇବାକୁ ସାହସ କରୁ ନଥିଲେ। ଶାହରୁଖ୍ ଖାନ୍ ଆପେ ଆପେ ଉଠିଲେ। ଦୟାଙ୍କ ପାଖକୁ ଆସି ତାଙ୍କ କାନ୍ଧରେ ହାତ ରଖି, କହିଲେ, ମୁଁ ଜାଣିଥିଲି ତମକୁ ଗାଡ଼ି ଚଳାଇବା ଆସେନି। ଏହାପରେ ସେ ଆଶୁତୋଷ ଗୋବାରିକରଙ୍କୁ ଚାହିଁ ଚାଲ ସଟ୍ ନେବା ବୋଲି କହିଥିଲେ। ଏହାପରେ ଆଶୁତୋଷ ଦୟାଙ୍କୁ ବଡ଼ ଆଖିରେ ଚାହୁଁଥିଲେ। କିନ୍ତୁ ଶାହରୁଖ୍ ତାଙ୍କୁ କହିଥିଲେ "ଏମିତି କାଇଁ ଚାହୁଁଛ। ଭୁଲ ମୋର ଥିଲା। ମୁଁ ତାଙ୍କ ଭାରସାମ୍ୟ ବିଗାଡ଼ି ଦେଇଥିଲି।" ■

## ଆଇପିଏଲ୍-୧୮ | ରୋମାଞ୍ଚକ ହେବ ପ୍ଲେ ଅଫ୍ ମୁକାବିଲା

# କ୍ୱାଲିଫାୟର-୧ ମୁକାବିଲା ଆଜି | ପଞ୍ଜାବ-ବେଙ୍ଗାଲୁରୁ ଲଢ଼େଇ

ମୁଲାନପୁର, ଚଣ୍ଡିଗଡ଼,୨୮।୫ (ଏଜେନ୍ସି):

ଲକ୍ଷ୍ମୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିବା ସହ ଆଇପିଏଲ୍-୧୮'ର ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ଏହା ମଧ୍ୟରୁ ପଏଣ୍ଟ ଟେବଲରେ ଥିବା ପ୍ରଥମ ୪ଟି ଦଳ ଯଥା ପଞ୍ଜାବ କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଅନ୍ୟ ୬ଟି ଦଳ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆସନ୍ତାକାଲି ବା ମେ ୨୯ ତାରିଖ ଗୁରୁବାର ନଂ-୧ ଟିମ୍ ପଞ୍ଜାମ ସହ ନଂ-୨ ଟିମ୍ ବେଙ୍ଗାଲୁରୁ ସହ କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବ। ସେହିପରି ମେ ୩୦ରେ ଗୁଜରାଟ ଟାଇଟନ୍ସ ଓ ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ କ୍ୱାଲିଫାୟର-୨କୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଓ କ୍ୱାଲିଫାୟର-୧'ରେ ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଜୁନ୍-୧ରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଜୁନ୍-୩ରେ ଖେଳାଯିବ।



### ନଂ-୧ ଓ ୨ ମଧ୍ୟରେ ପ୍ରଥମ ଲଢ଼େଇ

ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଆସନ୍ତାକାଲି କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ସ୍ଥିର ଖେଳ ପ୍ରଦର୍ଶନ କରି ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୧୦ମ ଓ ପଞ୍ଜାବ ଚତୁର୍ଥଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୩ଥର ଓ ପଞ୍ଜାବ ଥରେ ଫାଇନାଲ ଖେଳିଛି। କିନ୍ତୁ ଉଭୟ ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୦୧୪ରେ ପଞ୍ଜାବ ଶେଷଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ଓ ଏହି ବର୍ଷ ମଧ୍ୟ ଦଳ ଫାଇନାଲ ଖେଳି କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାଜିତ ହୋଇଥିଲା। ୨୦୨୪ରେ ବେଙ୍ଗାଲୁରୁ ପ୍ଲେ ଅଫ୍ ଖେଳିଥିଲେ ମଧ୍ୟ ଫାଇନାଲକୁ ଯାଇ ପାରି ନ ଥିଲା। ଏହି ମୁକାବିଲାରେ ବେଙ୍ଗାଲୁରୁ ଦଳରେ ଅଧିକ ଅଭିଜ୍ଞ ଓ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ଅନ୍‌କ୍ୟାପ୍‌ଡ ବା ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା ଖେଳାଳିଙ୍କ ଉପରେ ନିର୍ଭର କରିଛି। ଆସନ୍ତାକାଲି ମୁକାବିଲାରେ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ବୋଲର ପଞ୍ଜାର ଯୁଜବେନ୍ଦ୍ର ଚହଲ ଓ ବେଙ୍ଗାଲୁରୁ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଦଳରେ ସାମିଲ କରିବ ବୋଲି ଆଶା କରାଯାଉଛି। ଉଭୟ ଆଘାତ ଜନିତ କାରଣରୁ ଶେଷ ଦୁଇଟି ମ୍ୟାଚ୍ ନିଜ ଟିମ୍ ପକ୍ଷରୁ ଖେଳି ପାରି ନ ଥିଲେ। ଦୁଇ ବିଦେଶୀ ଖେଳାଳି ପଞ୍ଜାବର ମାର୍କୋ ଜାନ୍‌ସେନ ଓ ବେଙ୍ଗାଲୁରୁର ଟିମ୍ ଡେଭିଡ୍ ଭିନ୍ନ କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

### କୋହଲି ବନାମ ଆୟର

ଏହି ଟୁର୍ଣ୍ଣାମେଣ୍ଟରେ ବେଙ୍ଗାଲୁରୁ ପକ୍ଷରୁ ତାରକା ଖେଳାଳି ବିରାଟ କୋହଲି ଓ ପଞ୍ଜାବ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କୋହଲି ୧୩ଟି ମ୍ୟାଚ୍‌ରୁ ୬୦.୨୦ ହାରରେ ସର୍ବାଧିକ ୬୦୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ଟି ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ଆୟର ୧୪ଟି ମ୍ୟାଚ୍‌ରୁ ୫୧.୪୦ ହାରରେ ୫୧୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ମୁଲାନପୁରରେ ଆୟରଙ୍କ ଅପେକ୍ଷା କୋହଲି ଆଗରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ ମୁକାବିଲାରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା। ଏଥିରେ କୋହଲି ୫୪ ବଲ୍‌ରୁ ଅପରାଜିତ ୭୩ ରନ୍ କରିଥିଲେ। କିନ୍ତୁ ଏଠାରେ ଆୟର ୪ଟି ମ୍ୟାଚ୍ ଖେଳି ମାତ୍ର ୨୫ ରନ୍ ସଂଗ୍ରହ କରିଛନ୍ତି।

ବ୍ୟାଟିଂରେ ବେଙ୍ଗାଲୁରୁ ପକ୍ଷରୁ ଫିଲ ସଲ୍ଟ ୩୧୧, ରଜତ ପାଟିଦାର ୨୭୧, ଜିତେଶ ଶର୍ମା ୨୩୭, କ୍ରୁନାଲ ପାଣ୍ଡ୍ୟା ୧୦୫ ରନ୍ କରିଛନ୍ତି। ପାଡିକଲ ୨୪୭ ଓ ଡେଭିଡ ୧୮୭ ରନ୍ କରିଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବେ ନାହିଁ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅନ୍‌କ୍ୟାପ୍‌ଡ ଖେଳାଳି ପ୍ରଭସିମରନ ସିଂହ ୪୯୯, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୨୪, ନେହାଲ ୱାଧେରା ୨୯୮, ଶଶାଙ୍କ ସିଂ ୨୮୪ ରନ୍ କରିଛନ୍ତି। କିନ୍ତୁ ଜୋଶ ଇଂଲିଶ ୧୬୪.୧୬ ଷ୍ଟ୍ରାଇକ୍‌ରେଟ୍‌ରେ ୧୯୭ ଓ ମାର୍କସ ଷ୍ଟୋଇନିସ ୧୯୩.୮୪ ହାରରେ ୧୨୬ ରନ୍ କରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି।

### ଅର୍ଶଦୀପ ବନାମ ହାଜ୍‌ଲେଉଡ୍

ବୋଲିଂରେ ଉଭୟ ଦଳର ସ୍ଥିତି ପ୍ରାୟ ସମାନ। ପେସ୍ ବୋଲିଂରେ ଜୋଶ ହାଜ୍‌ଲେଉଡ୍ (୧୮ ୱିକେଟ)ଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର (୧୪), ଯଶ ଦୟାଲ (୧୦) ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ରୋମାରିଓ ସେଫର୍ଡ ଓ ନୁୱାନ ତୁଷାରା ବେଶ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ସ୍ପିନ୍‌ର ଭାବେ କ୍ରୁନାଲ ପାଣ୍ଡ୍ୟା (୧୫ ୱିକେଟ)ଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ସଫଳତା ମିଳିଛି। ଅନ୍ୟ ପକ୍ଷରେ ଭାରତର ନଂ-୧ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇ ୧୮ ୱିକେଟ ପାଇଛନ୍ତି। ୧୬ଟି ୱିକେଟ ନେଇଥିବା ଜାନ୍‌ସେନ ଏହି ମ୍ୟାଚ୍ ଖେଳିବେନି। ଦଳର ପେସ୍ ବୋଲିଂ ଦୁର୍ବଳ। ଆଫଗାନିସ୍ତାନର ଆଜମତୁଲ୍ଲା ଓମରଜାଇ, ଜାଭିୟର ବାର୍ଟଲେଟ୍, ବିଜୟ କୁମାର ବ୍ୟାସକ ପେସ ସ୍ଥାନ ପୂରଣ କରିବେ। ଦଳ ନିକଟରେ କିନ୍ତୁ ଦୁଇ ଜଣ ପ୍ରଭାବୀ ସ୍ପିନର ଅଛନ୍ତି। ୧୪ଟି ୱିକେଟ ନେଇଥିବା ଯୁଜବେନ୍ଦ୍ର ଚହଲ ଓ ୧୦ଟି ୱିକେଟ ନେଇଥିବା ହରପ୍ରୀତ ବ୍ରାର ସଫଳ ହେବେ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଖେଳାଳି ଦଳ

**ପଞ୍ଜାବ କିଙ୍ଗ୍‌ସ:** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, କାଏଲ ଜାମିସନ, ହରପ୍ରୀତ୍ ବ୍ରାର୍, ଅର୍ଶଦୀପ ସିଂହ ଓ ଯୁଜବେନ୍ଦ୍ର ଚହଲ।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ବିରାଟ କୋହଲି, ଫିଲ ସଲ୍ଟ, ମୟଙ୍କ ଅଗରୱାଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟରକ୍ଷକ), କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଙ୍ଗଷ୍ଟୋନ୍, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋଶ ହାଜ୍‌ଲେଉଡ୍ ଓ ସୂୟାଶ ଶର୍ମା।

### ବ୍ୟାଟିଂରେ ପଞ୍ଜାବ ଆଗୁଆ

ବେଙ୍ଗାଲୁରୁ ନିକଟରେ ଅଧିକ ଅଭିଜ୍ଞ ବ୍ୟାଟର ରହିଛନ୍ତି, କିନ୍ତୁ ପଞ୍ଜାବ କିଙ୍ଗ୍‌ସ ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ମ୍ୟାଚ୍‌ରୁ ୭ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ହାଇଦରାବାଦ୍ ବିପକ୍ଷରେ ୬ ୱିକେଟରେ ୨୪୫ ରନ୍ ଦଳର ସର୍ବାଧିକ ଦଳଗତ ସ୍କୋର। ସେହିପରି ବେଙ୍ଗାଲୁରୁ ୪ଥର ୨୦୦ରୁ ଅଧିକ ରନ୍ କରିଥିଲାବେଳେ ଏଲ୍‌ଏସ୍‌ଜି ବିପକ୍ଷରେ ୪ ୱିକେଟରେ ୨୩୦ ରନ୍‌ର ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଏକମାତ୍ର ଶତକ ହାସଲ କରିଛନ୍ତି। ଶେ୍ରୟସ ଆୟର ଅପରାଜିତ ୯୭, ୮୨, ୭୨ ରନ୍‌ର ପାଳି ଖେଳିଛନ୍ତି। ପ୍ରଭସିମରନ ୯୧, ୮୩ ଓ ୬୯ ରନ୍‌ର ପାଳି ଖେଳିଛନ୍ତି। ବେଙ୍ଗାଲୁରୁ ପକ୍ଷରୁ ଶେଷ ଲିଗ୍‌ରେ ଜିତେଶ ଶର୍ମାଙ୍କ ଅପରାଜିତ ୮୫ ରନ୍ ସର୍ବାଧିକ। ୮ଟି ଅର୍ଦ୍ଧଶତକ ହାସଲ କରି କୋହଲି ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଫିଲିପ୍ ସଲ୍ଟ ୬୫ ଓ ୬୨ ରନ୍ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

## ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ପଦକୁ ଫେରିଲେ ଟି ଦିଲୀପ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଟି ଦିଲୀପ ପୁଣି ଥରେ ଭାରତୀୟ କ୍ରିକେଟ ଦଳରେ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଗୋଟିଏ ବର୍ଷ ପାଇଁ ଚୁକ୍ତି କରିଛି। ସେ ଆସନ୍ତା ମାସରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଖରାପ ପ୍ରଦର୍ଶନ ପରେ ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଫଳରେ ଦିଲୀପ୍‌ଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରିଆନ ଟେନ ଡୋଶ୍ଚେଟ ଦାୟିତ୍ୱ ସମ୍ଭାଳିଥାନ୍ତେ। ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପରାମର୍ଶ କ୍ରମେ ଦିଲୀପ୍‌ଙ୍କୁ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଟେଷ୍ଟରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ରୋହିତ କୋଚ୍ ଗୌତମ ଗମ୍ଭୀରଙ୍କୁ ଫେରାଇଆଣିବାକୁ ଅନୁରୋଧ କରିଥିଲେ। ଦିଲୀପଙ୍କୁ ୨୦୨୧ରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେ ଆର ଶ୍ରୀଧରଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ ଚୁକ୍ତି ଶେଷ ହୋଇଥିଲା। ଫଳରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କୁ ଚୁକ୍ତିକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ପରେ ହଟାଇ ଦିଆଯାଇଥିଲା। କିନ୍ତୁ ବିକଳ୍ପ ନ ମିଳିବା ଫଳରେ ଦିଲୀପଙ୍କୁ ପୁଣି ଦାୟିତ୍ୱ ମିଳିଛି। ଦିଲୀପ୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ହାଇଦରାବାଦ କ୍ରିକେଟ ଆସୋସିଏସନ (ଏଚ୍‌ସିଏ) ସହିତ କୋଚିଂ ଦେବା ଆରମ୍ଭ କରିଥିଲେ।



## ଅନିରୁଦ୍ଧଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଗଞ୍ଜାମ ବିଜୟୀ

କଟକ,୨୮।୫(ସମିସ): କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଞ୍ଜାମ ୫୪ରନରେ ନୂଆପଡାକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅନିରୁଦ୍ଧ ପଟ୍ଟନାୟକ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅନିରୁଦ୍ଧଙ୍କ ୨୯ରନ ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ନୂଆପଡାର ଅର୍ମାନ ପତି ୫ଟି ୱିକେଟ ଦଖଲ କରିଥିଲେ। ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଅଭିରୂପ ଦାସ ସର୍ବାଧିକ ୧୬ରନ କରିଥିଲେ। ଅନିରୁଦ୍ଧ ୧୩ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୫ରନରେ ବରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୧୩୮ରନରେ ଅଲଆଉଟ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ରନ କରିଥିଲେ। ବରଗଡର ସେଖ ହାୟତ ଏବଂ କ୍ରୀଷ୍ଣା ସାମଲ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୩.୪ ଓଭରରେ ବରଗଡ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା। ଭୁବନେଶ୍ୱରର ଅର୍ଣ୍ଣଭ ଶତପଥୀ ୩ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟରେ ପୁରୀକୁ ହରାଇଛି। ଓଦା ଗ୍ରାଉଣ୍ଡ ଯୋଗୁଁ ୨୪ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୭ ୱିକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ରୋହନ ସାହୁ ସର୍ବାଧିକ ୩୬ରନ କରିଥିଲେ। ବାଲେଶ୍ୱରର ଶୁଶୋଭନ ଦାସ ଏବଂ ଶୁଭମ ପଲାଇ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ହାସଲ କରିଥିଲେ। ଶୁଭମଙ୍କ ଅପରାଜିତ ୧୯ରନ ସହାୟତାରେ ୩ ୱିକେଟ ହରାଇ ବାଲେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭମ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ୪୬ରନରେ କନ୍ଧମାଳକୁ ହରାଇଥିଲା। ୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା କେନ୍ଦୁଝରର ସରୱନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ | ମେଘାଳୟ ଚାମ୍ପିଅନ, ଓଡ଼ିଶା ତୃତୀୟ

ଭୁବନେଶ୍ୱର,୨୮।୫(ସମିସ): ଆସାମ ରାଜଧାନୀ ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବାଞ୍ଚଳି ଦୃଷ୍ଟିବାଧିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। କିନ୍ତୁ ଓଡ଼ିଶା ମହିଳା ଦଳ ଜାତୀୟସ୍ତରକୁ ମନୋନୀତ ହେବାରେ ବିଫଳ ହୋଇଛି। ଏ ଗ୍ରୁପ୍‌ର ବିଜେତା ମେଘାଳୟ ଫାଇନାଲ ମୁକାବିଲାରେ ବି ଗ୍ରୁପ୍‌ର ବିଜେତା ଅରୁଣାଚଳକୁ ୯-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏ ଗ୍ରୁପ୍‌ରେ ଓଡ଼ିଶା ୪-୦ ଗୋଲରେ ଆସାମକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ବି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ନାଗାଲାଣ୍ଡକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଏଥିରେ ଓଡ଼ିଶା ଅଧିନାୟକ ଆଶିଷ ସାହୁ ମ୍ୟାଚ୍‌ର ଏକାମାତ୍ର ଗୋଲ ସ୍କୋର କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।



## ଜାତୀୟ କନିଷ୍ଠ ସଫ୍ଟବଲ: ରାଜ୍ୟ ଦଳର ଚଣ୍ଡିଗଡ ଯାତ୍ରା

କଟକ,୨୮।୫(ସମିସ): ଗୁରୁବାର ଠାରୁ ଚଣ୍ଡୀଗଡରେ ୪୫ତମ କନିଷ୍ଠ ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଆଜି ରାଜ୍ୟ ସଂଘ ପକ୍ଷରୁ ଘୋଷିତ ଉଭୟ ବାଳକ ଏବଂ ବାଳିକା ଦଳ ଚଣ୍ଡୀଗଡ ଯାତ୍ରା କରିଛନ୍ତି। ବାଳକ ଦଳରେ ଅମରନାଥ ଭୋଳ, ମୁକ୍ତିକାନ୍ତ ପ୍ରଧାନ, ଶିବ କିରସାନି, କୁମାର ଶୁଭଙ୍କର, ଅନୀଲ କଦରକା, ମିଥୁନ କୁମାର ମଲ୍ଲିକ, ଗଡୁ ବଡନାୟକ, ରାଜୁ ପିଡିସିକା, ସଂଗ୍ରାମ ସୋରେନ, ସୋନାଲ ସଞ୍ଜୀବ ବେହେରା, ସତ୍ୟ ନାରାୟଣ ଦାସ, ସରୋଜ ମାଝୀ, ସୁବ୍ରତ ସାହୁ, ନିହାର ରଞ୍ଜନ ନାୟକ, ଶାନ୍ତନୁ କୁମାର ମଲ୍ଲିକ, ହେମନ୍ତ କୁମାର କର ସ୍ଥାନ ପାଇଛନ୍ତି। ମନୋଜ କୁମାର ପ୍ରଧାନ ପ୍ରଶିକ୍ଷକ ଏବଂ ପ୍ରଭାତ କୁମାର ସାହୁ ମ୍ୟାନେଜର ଭାବେ ଦଳରେ ରହିଛନ୍ତି।

## ଫ୍ରେଞ୍ଚ୍ ଓପନ୍ ଟେନିସ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ୍, ମୁସେଟ୍ଟି, ସେଲ୍‌ଟନ୍

ପ୍ୟାରିସ୍,୨୮।୫(ଏଜେନ୍ସି):

ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୧୩ତମ ସିଡ୍ ଆମେରିକାର ବେନ୍ ସେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ସପ୍ତମ ସିଡ୍ ନରୱେର କାସ୍ପେର ରୁଡ୍ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲର ନୁନୋ ବୋର୍ଗେସ୍‌ଙ୍କଠାରୁ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ, ମୁସେଟ୍ଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ୍ ଗଲାନଙ୍କୁ, ୨୫ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍ ୭-୫, ୬-୩, ୬-୪ ସେଟ୍‌ରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେଲଟନ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



### ଭିଟୋଲିନା, ପାଓଲିନି, ଝେଙ୍ଗଙ୍କ ଅଗ୍ରଗତି

ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୩, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ, ୫ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୬-୧, ୬-୨ ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ, ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ ୬-୨, ୬-୩ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଅରାଙ୍ଗୋଙ୍କୁ, ୧୬ତମ ସିଡ୍ ଆମେରିକାର ଅମଣ୍ଡା ଅନିସିମୋଭା ୬-୦, ୬-୨ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଆ ଗୋଲୁବିକଙ୍କୁ, ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୬-୧, ୬-୧ ସେଟ୍‌ରେ ତୁର୍କୀର ଜେନେପ ସୋନମେଜଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ୍ ମୁଚୋଭା ୩-୬, ୬-୨, ୧-୬ ସେଟ୍‌ରେ ଆମେରିକାର ଆଲିସିଆ ପାର୍କଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ହାରିଲେ ବୋଲିପାଲ୍ଲି

ଫ୍ରେଞ୍ଚ୍ ଓପନ ପୁରୁଷ ଯୁଗଳରେ ଭାରତର ଋତଭିକ ଚୌଧୁରୀ ବୋଲିପାଲ୍ଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋଲିପାଲ୍ଲି ଓ କଲମ୍ବିଆ ପାର୍ଟନର ନିକୋଲାସ ବାରିଏଣ୍ଟୋସ୍ ୦-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିୟର୍ଣ୍ଣଲି ଓ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ଗଣରାଜ୍ୟ ପାର୍ଟନର ଆଡାମ ପାଭଲାସେକ ଏବଂ ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ପାର୍ଟନର ରୋବେର୍ଟ ଗାଲୋୱେ ପ୍ରଥମ ରାଉଣ୍ଡରେ ଅଭିଯାନ ଆରମ୍ଭ କରିବେ।

## ■ ଏସିଆନ ଆଥ୍‌ଲେଟିକ୍ ଚାମ୍ପିଅନସିପ୍
## ୪ ଗୁଣା ୪୦୦ମି ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ

ଗୁମି,୨୮।୫(ଏଜେନ୍ସି): କୋରିଆର ଗୁମିଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ ବୁଧବାର ତୃତୀୟ ଦିବସରେ ଭାରତୀୟ ଖେଳାଳିମାନେ ଏକାଧିକ ପଦକ ହାସଲ କରିଛନ୍ତି। ୪ ଗୁଣା ୪୦୦ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରଥମସ୍ଥାନରେ ରହି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ଏହି ଇଭେଣ୍ଟରେ ୩ ମିନିଟ୍ ୧୮.୧୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏଥିରେ ଚୀନ ରୌପ୍ୟ ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ତେଜସ୍ୱିନ ଶଙ୍କର ଡେକାଥଲନ୍‌ରେ, ପ୍ରବୀଣ ଚିତ୍ରାଭେଲ୍ ପୁରୁଷ ଟ୍ରିପଲ ଜମ୍ପରେ, ପାରୁଲ ଚୌଧୁରୀ ମହିଳା ୪୦୦ମିଟରରେ, ପୂଜା ମହିଳା ୧୫୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ପୁରୁଷ ୧୫୦୦ମି ରେସ୍‌ରେ ୟୁନୁସ ଶାହା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ଏବେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ୍ ୮ ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଚୀନ୍ ୧୧ ସ୍ୱର୍ଣ୍ଣ ସହ ମୋଟ୍ ୧୩ ପଦକ ଏବଂ ଜାପାନ ୩ ସ୍ୱର୍ଣ୍ଣ ସହ ୧୪ ପଦକ ପାଇଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS